୪୫

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୮/୨୦୧୮ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, November 28/ 2018 | ★★★★★★

୪୫ଶ ଭାଗ ୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ବିସିସିଆଇକୁ ମିଥାଲିଙ୍କ ଚିଠି

ମହିଳା କ୍ରିକେଟର ମିଥାଲି ରାଜ ସିଓଏ ସଦସ୍ୟା ଡାଏନା ଇଡୁଲ୍‌ଜୀ ଏବଂ କୋଚ୍ ରମେଶ ପାୱାରଙ୍କ ବିରୋଧରେ ବିସିସିଆଇକୁ ଚିଠି ଲେଖିଛନ୍ତି।

୨୦

୦୫

## ସିନେମାରେ ପ୍ରେମ ପ୍ରଣୟକୁ ପସନ୍ଦ କରନ୍ତି ଦର୍ଶକ

ସିନେମାରେ ପ୍ରେମ ପ୍ରଣୟ ରହିଲେ ଏହା ଦର୍ଶକଙ୍କ ପାଇଁ ଖୁବ୍ ରୋମାଞ୍ଚକର ହୋଇଥାଏ ବୋଲି ବଲିଉଡ୍ ଅଭିନେତ୍ରୀ ତବୁ ପ୍ରକାଶ କରିଛନ୍ତି।



## ଧର୍ମେନ୍ଦ୍ର ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ: ଜୁଏଲ




ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ୍ ଓରାମ ।

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ନିକଟରେ ଭିଆର୍‌ଏସ୍ ନେଇଥିବା ଆଇଏଏସ୍ ଅଫିସର ଅପରାଜିତା ଷଡଙ୍ଗୀ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ଶେଷରେ ଦୀର୍ଘଦିନ ଧରି ରାଜନୀତିରେ ତାଙ୍କର ଯୋଗଦାନ ନେଇ ଚାଲିଥିବା ଚର୍ଚ୍ଚାର ଅବସାନ ଘଟିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟପଟେ ଅପରାଜିତାଙ୍କ ଭଳି ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ଆଣି ଭାଜପା ଓଡ଼ିଶାରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବାକୁ ଚାହୁଁଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ହେଲେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏକଥାକୁ ସିଧା ଖଣ୍ଡନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହିଁ ଓଡ଼ିଶାରେ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି ଜୁଏଲ କହିଛନ୍ତି। ଏପରି କି ଓଡ଼ିଶାରେ ଧର୍ମେନ୍ଦ୍ରଙ୍କ ନେତୃତ୍ୱରେ ଆମେ ନିର୍ବାଚନ ଲଢିବୁ। ଏଥିରେ ସନ୍ଦେହ କରିବାର ପ୍ରଶ୍ନ ଉଠୁନାହିଁ। ଆମର ପ୍ରମୁଖ ଲକ୍ଷ୍ୟ ଓଡିଶାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାମିଲ ଶାସନ ଯିବା ଦରକାର। ସେହି ଦିଗରେ ଦଳ କାମ କରୁଛି। ଏ ସମ୍ପର୍କରେ ଆଗରୁ କହିଥିଲି, ଏବେ ବି କହୁଛି ବୋଲି ଜୁଏଲ କହିଛନ୍ତି।

■ **ବଲରାମପୁର ଗଛକଟା ପ୍ରସଙ୍ଗରେ ଏନ୍‌ଜିଟି ଛାଟ**

## ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ବଲରାମପୁରଠାରେ ପ୍ରସ୍ତାବିତ ବିୟର ବଟଲିଂ ପ୍ଲାଣ୍ଟ ପାଇଁ ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ସେଠାରେ ଶତାଧିକ ଗଛ କାଟି ଦିଆଗଲା। ଏହାକୁ ନେଇ ଜନଆନ୍ଦୋଳନ ଉଗ୍ରରୂପ ନେବାରୁ ରାଜ୍ୟ ସରକାର ପ୍ଲାଣ୍ଟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ। ବର୍ତ୍ତମାନ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଛାଟ ପଡ଼ିଛି। ଗଛକଟାରେ ଜଙ୍ଗଲ ଆଇନ ୧୯୮୦ର ଖୋଲା ଉଲ୍ଲଂଘନ ହୋଇଥିବା ଏନ୍‌ଜିଟି କହିଛନ୍ତି। କେଉଁ ପରିସ୍ଥିତିରେ ଶତାଧିକ ମୂଲ୍ୟବାନ ଗଛ କାଟିଦିଆଗଲା ସେନେଇ ଆସନ୍ତା ଜାନୁୟାରୀ ୨୧ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ☞ପୃଷ୍ଠା–୧୫





ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରହମନ, ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ସମେତ ଅଭିନେତା ଶାହରୁଖ୍ ଖାନ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

# ହକି ବିଶ୍ୱକପ ଉଦ୍‌ଘାଟିତ

ଭୁବନେଶ୍ୱର, ୨୭।୧୧(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା ଉପସ୍ଥିତ ରହି ଏପରି ଏକ ଆୟୋଜନରେ ଅଭିଭୂତ ହୋଇଥିଲେ। ଆଖି ଝଲସାଇଦେବା ଭଳି କାର୍ଯ୍ୟକ୍ରମର ମୁଖ୍ୟ ନାୟିକା ସାଜିଥିଲେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ସେ ପୃଥିବୀ ମାତା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଅଭିନେତା ଶାହରୁଖ ଖାନ ଏବଂ ବିଶ୍ୱର ଅନ୍ୟତମ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନଙ୍କ ସଙ୍ଗୀତର ଯାଦୁ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ୧୧୦୦ କଳାକାରଙ୍କ ନୃତ୍ୟ ମଧ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ମହାମିଳନ ହୋଇଥିଲା ଏହି କାର୍ଯ୍ୟକ୍ରମରେ। ହକି ବିଶ୍ୱକପ ପାଇଁ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ। ପୁରୁଷ ହକି ବିଶ୍ୱକପ ଭୁବନେଶ୍ୱରରେ ହେଉଛି, ଆପଣମାନେ ଖୁସି ତ, ମୁଁ ବି ବହୁତ ଖୁସି ବୋଲି ଦର୍ଶକଙ୍କ ଉଦ୍ଦେଶ୍ୟରେ ଓଡ଼ିଆରେ କହିଥିଲେ ମୁଖ୍ୟମନ୍ତ୍ରୀ। ସମସ୍ତ ଅନ୍ତର୍ଜାତୀୟ ହକି ଦଳ, ପ୍ରତିନିଧିଦଳଙ୍କୁ ମୁଁ ସ୍ୱାଗତ କରୁଛି। ଆପଣମାନେ ୪୫ ନିୟୁତ ଓଡ଼ିଆଙ୍କର ଅତିଥି ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ।

## ନୃତ୍ୟଗୀତରେ ଚମକିଲା କଳିଙ୍ଗ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଇତିହାସ ରଚିଲା କଳିଙ୍ଗ ଷ୍ଟାଡିୟମ୍। ତୃତୀୟଥର ପାଇଁ ଭାରତରେ ହକି ବିଶ୍ୱକପ୍‌ର ଆୟୋଜକ ହେବାର ସୌଭାଗ୍ୟ ଅର୍ଜନ କଲା ଭୁବନେଶ୍ୱର। ତାରକା ଖଚିତ ସନ୍ଧ୍ୟାରେ ୧୬ଟି ରାଷ୍ଟ୍ରର କ୍ରୀଡାବିତ୍ ଓ ଦର୍ଶକଙ୍କୁ ସ୍ୱାଗତ କଲା ଓଡ଼ିଶା। ଆତସବାଜି ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରୁ ପଡ଼ିଲା ହକି ମହାକୁମ୍ଭର ଶୁଭ୍ ଉଦ୍‌ଘାଟନୀ। ସାରା ବିଶ୍ୱ ଦେଖିଲା ଓଡ଼ିଶା କଳା, ସଂସ୍କୃତି ଓ ଐତିହ୍ୟର ଝଲକ। କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତର ବିବିଧତା ମଧ୍ୟରେ ଏକତା ପ୍ରତିଫଳନ ହେଲା କଳିଙ୍ଗ ଷ୍ଟାଡିୟମ୍‌ରେ। ୧୧୦୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀଙ୍କ ସହ ଏ.ଆର୍. ରହମନ୍, ଶାହରୁଖ ଖାନ୍ ଓ ମାଧୁରୀ ଦୀକ୍ଷିତଙ୍କ ଭଳି ଖ୍ୟାତନାମା ସେଲିବ୍ରିଟି ଏହି ବିଶ୍ୱସ୍ତରୀୟ ଇଭେଣ୍ଟକୁ ଦେଲେ ଏକ ସଫଳ ନାମ। ହକି ପାଇଁ ସ୍ପନ୍ଦିତ ହେଲା ସମସ୍ତଙ୍କ ହୃଦୟ।

କ୍ଲାସିକାଲ୍‌ରୁ ୱେଷ୍ଟର୍ନ, 'ଜୟ ହିନ୍ଦ୍'ରୁ 'ଦ ଆର୍ଥ ସଙ୍ଗ୍' ପର୍ଯ୍ୟନ୍ତ, ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଏକତା ଓ ବିଶ୍ୱଐକ୍ୟର ବାର୍ତ୍ତା ଦେଇଥିଲା ହକି ବିଶ୍ୱକପ୍ ୨୦୧୮ର ଉଦ୍‌ଘାଟନୀ ସମାରୋହ। ପଞ୍ଚତତ୍ତ୍ୱକୁ ମଞ୍ଚକୁ ଆଣିଥିଲେ ବଲିଉଡ୍‌ର ଏଭରଗ୍ରୀନ୍ କୁଇନ୍ ମାଧୁରୀ ଦୀକ୍ଷିତ। ନୂପୁର ମହାଜନଙ୍କ ନିର୍ଦ୍ଦେଶିତ 'ଦ ଆର୍ଥ ସଙ୍ଗ୍'ରେ ପାଖାପାଖି ୪୦ ମିନିଟ୍ ଧରି ମଞ୍ଚରେ ନିଜର ଜଲୱା ଦେଖାଇଥିଲେ ମାଧୁରୀ। 'ୱାନ୍‌ନେସ୍ ଅଫ୍ ହ୍ୟୁମାନିଟି' ବା ମାନବିକତାର ଏକତାକୁ 'ମଦର୍ ଆର୍ଥ' ବା 'ଧରିତ୍ରୀ ମା' ଭାବେ ମଞ୍ଚରେ ଉପସ୍ଥାପନ କରିଥିଲେ। ୫ଟି ଆକ୍ଟରେ ଡ୍ରାମା, ଡାଏଲଗ୍ ଓ ମ୍ୟୁଜିକ୍‌ର ତାଳେ ତାଳେ ଉଭୟ ଶାସ୍ତ୍ରୀୟ ଓ ଆଧୁନିକ ନୃତ୍ୟର ହୋଇଥିଲା ସମାହାର। ବାଲେଟ୍', 'ସାମ୍ବା', 'ଜାଜ୍' ଏବଂ ଓଡ଼ିଶୀ, ଭାରତନାଟ୍ୟମ୍, କୁଚିପୁଡି ଭଳି ଏକାଧିକ ନୃତ୍ୟଶୈଳୀକୁ ନେଇ ପ୍ରସ୍ତୁତ ହୋଇଥିଲା 'ଇଷ୍ଟ୍ ଟୁ ୱେଷ୍ଟ୍'। ରଣଜିତ ବାରୋଟଙ୍କ ସଙ୍ଗୀତ ସଂଯୋଜନା ଓ ନୃତ୍ୟଗୁରୁ ଶମକ୍ ଡାଭରଙ୍କ କୋରିଓଗ୍ରାଫିରେ ପ୍ରସ୍ତୁତ 'ଦ ଆର୍ଥ ସଙ୍ଗ୍'ର ଏକ ମୁଖ୍ୟ ଅଂଶ ହୋଇଥିଲେ କିସ୍‌ର ୮୦୦ ଜନଜାତି ଛାତ୍ରୀଛାତ୍ର। ସେହିଭଳି ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଭାରତର ୭ଟି ଶାସ୍ତ୍ରୀୟ ନୃତ୍ୟକଳାକୁ ନେଇ ପ୍ରସ୍ତୁତ 'ସପ୍ତମାତୃକା' ସମାରୋହର ଅନ୍ୟତମ ଆକର୍ଷଣ ସାଜିଥିଲା। ତେବେ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରହମନ୍‌ଙ୍କ ଶୋ' ଷ୍ଟପର୍ କନସର୍ଟ ଏବଂ ହକି ଆନ୍ଥେମ୍ 'ଜୟ ହିନ୍ଦ୍ ଜୟ ଇଣ୍ଡିଆ' ପରିବେଷଣରେ ଶେଷ ହୋଇଥିଲା ଉଦ୍‌ଘାଟନୀ ସମାରୋହ। 'ଦିଲ୍‌ସେ ରେ', 'ଜୟ ହୋ', 'ଦିଲ୍ ହୈ ଛୋଟା ସା', 'ହମ୍ମା' ଭଳି ଏକାଧିକ ରହମନ୍ ହିଟ୍ ଏବଂ ଛାତି ଥରାଇଦେଲା ଭଳି ଇନ୍‌ଷ୍ଟ୍ରୁମେଣ୍ଟାଲ ମ୍ୟୁଜିକ୍ ଉଦ୍‌ଘାଟନୀ ମହାକୁମ୍ଭକୁ ଅନନ୍ୟ କରିଥିଲା। କେବଳ ଏତିକି ନୁହେଁ, ଆର୍‌ଜେ ରୌନକ୍, ଆର୍‌ଜେ ମଲିସ୍କା, କୁନା ତ୍ରିପାଠୀ, ଗୌରବ କପୁର, ସବ୍ୟସାଚୀ ଓ ଅର୍ଚ୍ଚିତା ପ୍ରମୁଖ ମଙ୍ଗଳବାର ଏହି ମହାକୁମ୍ଭରେ ସାମିଲ ହୋଇଥିଲେ।




## ମହମ୍ମଦ ଅଜିଜ୍‌ଙ୍କ ପରଲୋକ



ମୁମ୍ବାଇ,୨୭।୧୧

ଲୋକପ୍ରିୟ ଗାୟକ ମହମ୍ମଦ ଅଜିଜ୍‌ଙ୍କ ପରଲୋକ ହୋଇଛି। ତାଙ୍କୁ ୬୪ ବର୍ଷ ହୋଇଥିଲା। 'ମାଇଁ ନେମ୍ ଇଜ୍ ଲଖନ୍', 'ଆପ୍ କେ ଆ ଜାନେ ସେ', 'ଦିଲ୍ ଲେ ଗୟି ତେରି ବିନ୍ଦିୟା' ଭଳି ଗୀତ ଗାଇ ଶ୍ରୋତାଙ୍କ ମନ ଜିଣିଥିବା ଅଜିଜ୍ ମଙ୍ଗଳବାର ଅପରାହ୍ନ ୩ଟା ୧୭ରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ହୃଦ୍‌ଘାତ ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ମୁମ୍ବାଇସ୍ଥିତ ନାନାବତୀ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ହିନ୍ଦୀ, ଓଡ଼ିଆ ଓ ବଙ୍ଗଳା ଫିଲ୍ମରେ ୨୦,୦୦୦ରୁ ଅଧିକ ଗୀତରେ ସେ କଣ୍ଠଦାନ କରିଛନ୍ତି। ସେ ମଧ୍ୟ ଅନେକ ☞ପୃଷ୍ଠା–୧୫

**ଆଜିର ସମ୍ପାଦକୀୟ**

ଭୁବନେଶ୍ୱରରେ ବିଶ୍ୱ

**ଆଜିର ମନ୍ତବ୍ୟ**

"ବଂଶବାଦ ଉପରେ ବିଶ୍ୱାସ ରଖିଥିବା କଂଗ୍ରେସ ସାଙ୍ଗିଆକୁ 'ରାଜନୈତିକ ବ୍ରାଣ୍ଡ' ଭାବେ ଧରିନେଇଛି ।

– ଅରୁଣ ଜେଟ୍‌ଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE | 27.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 70 | 119 | 129 |
| BDK | 69 | 118 | 128 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers

## ଟିକିରା, ବ୍ରାହ୍ମଣୀରେ ମିଶିଲା ଏନ୍‌ଟିପିସି ପାଉଁଶ ପାଣି

ତାଳଚେର/କଣିହାଁ, ୨୭।୧୧ (ନି.ପ୍ର.)

କଣିହାଁ ସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପର ପାଉଁଶ ପୋଖରୀରୁ ମଙ୍ଗଳବାର ପ୍ରବଳ ମାତ୍ରାରେ ପାଉଁଶ ମିଶା ପାଣି ଟିକିରା ଦେଇ ବ୍ରାହ୍ମଣୀ ନଦୀରେ ମିଶିଛି। ଏହାକୁ ନେଇ ଅଞ୍ଚଳବାସୀ ଓ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ଏପରି ପାଉଁଶ ପାଣି ମିଶି ନଦୀ ଜଳକୁ ଦୂଷିତ କରୁଥିଲେ ହେଁ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସର୍ବୋପରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୀରବତା ଆଶ୍ଚର୍ଯ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କିଛି ଦିନ ହେଲା ଏନ୍‌ଟିପିସି ପାଉଁଶ ପୋଖରୀର ଉଦ୍‌ବୃତ୍ତ ପାଉଁଶ ପାଣି ବାଙ୍କୁଲି ନାଳ ଦେଇ ପ୍ରବାହିତ ହେଉଥିଲା। କିନ୍ତୁ ସୋମବାର ରାତିରୁ ଏହା ପ୍ରବଳ ମାତ୍ରାରେ ଟିକିରା ଓ ବ୍ରାହ୍ମଣୀ ନଦୀରେ ମିଶୁଛି। ଫଳରେ ଉଭୟ ନଦୀର ଜଳ ପ୍ରଦୂଷିତ ହେଉଛି। ଟିକିରା ନଦୀକୂଳ ବଣଭୋଜି ନିମନ୍ତେ ଏକ ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ ଡିସେମ୍ବର, ଜାନୁୟାରୀରେ ଏଠାକୁ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସିଥାନ୍ତି। କିନ୍ତୁ ନଦୀ ପାଣି ଦୂଷିତ ହେଉଥିବାରୁ ଆଉ ପୂର୍ବ ଭଳି ଲୋକେ ବଣଭୋଜି ପାଇଁ ନଦୀପଠାକୁ ଆସୁନାହାନ୍ତି। ଏପରି କି ଆସୁଥିବା ଲୋକମାନେ ସାଥିରେ ପାଣି ଧରି ଆସୁଥିବା ଦେଖାଯାଉଛି। ଟାକୁଆ ଗ୍ରାମର ଲକ୍ଷ୍ମୀଧର ସେଠୀ କୁହନ୍ତି, ବର୍ଷବର୍ଷ ଧରି ଏପରି ସମସ୍ୟାର ସମ୍ମୁଖୀନ ହେଉଛୁ। ଗ୍ରାମର ୨ଜଣ ଅଜଣା ରୋଗର ଶିକାର ହୋଇଛନ୍ତି। ଶ୍ରୀଧର ସାହୁ କହିଛନ୍ତି, ପାଉଁଶ ମିଶା ନଦୀ ପାଣିରେ ଗାଧୋଇବା ଦ୍ୱାରା ଦେହ କୁଣ୍ଡେଇ ହେବା ସହ ଫୋଟକା ହୋଇଯାଉଛି। ବେଳେ ବେଳେ ପାଉଁଶ ପାଣି ଗ୍ରାମ ଡ୍ରେନ ଦେଇ ପ୍ରବାହିତ ହେଉଛି। ଟୋଲକବେଡା ଲକ୍ଷ୍ମୀ ନାରାୟଣ ୟୁଥ୍ ଟ୍ରଷ୍ଟ ସଭାପତି ସୌରଭ ପ୍ରଧାନ କୁହନ୍ତି, ଟିକିରା ନଦୀକୂଳବାସୀ ପ୍ରଦୂଷଣର ଶିକାର ହେଉଛନ୍ତି। ପ୍ରତିକାର କରା ନ ଗଲେ ଆନ୍ଦୋଳନ କରାଯିବ। କଣିହାଁ ବଜାର ବାସିନ୍ଦା କର୍ଣ୍ଣକୁମାର ଭୂତିଆ କୁହନ୍ତି, ଟାକୁଆର ପାଣି ଏଭଳି ହୋଇଛି ଯେ ଗୋରୁ ମଧ୍ୟ ଆଉ ମୁହଁବୁଡ଼ାଉ ନାହାନ୍ତି।

ସମସ୍ୟା ସମ୍ପର୍କରେ ଏନ୍‌ଟିପିସି ଅଧିକାରୀ ଏଲ.ଡି. ସାହୁ କହିଛନ୍ତି, ବେଳେ ବେଳେ ସ୍ଥାନ ଅଭାବରୁ ଅସହାୟ ହୋଇପଡୁଛୁ। ନଦୀକୁ ପାଣି ଯିବା କ୍ଷଣି ପ୍ରତିକାର ବ୍ୟବସ୍ଥା କରାଯାଉଛି। ☞ପୃଷ୍ଠା–୧୫



ଟିକିରା ନଦୀରେ ମିଶୁଥିବା ଏନ୍‌ଟିପିସି ପାଉଁଶ ପାଣି।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ଯୋଗାଯୋଗ: ଭୁବନେଶ୍ୱର:** ସାଇପ୍ରସାଦ ଦାଶ (୭୮୯୪୪୬୨୯୨୦), ସଞ୍ଜୟ ସାହୁ (୯୦୪୦୮୦୦୩୭୪), ସଞ୍ଜୟ ଦୋଷ (୭୦୦୮୦୧୯୭୪୩) **କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫)
**ପୁରୀ/ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧) **ଖୋର୍ଦ୍ଧା:** ଅରବିନ୍ଦ ପାଠୀ (୭୦୦୮୯୫୦୪୨୫)

ଦୂରଭାଷ: ୦୬୭୪–୨୫୮୦୧୦୧/୨୫୪୯୩୦୨



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଡିଏ ସରକାରର ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବାକୁ ଉଦ୍ୟମ କରୁଛନ୍ତି। ଏଥିପାଇଁ ସେ ନିର୍ବାଚନ ପ୍ରଚାର ବେଳେ ନିଜକୁ ପୀଡ଼ିତ ଭାବେ ଦର୍ଶାଉଛନ୍ତି।

-ମନୀଷ ତିୱାରୀ, କଂଗ୍ରେସ ମୁଖପାତ୍ର



## ସଂକ୍ଷେପରେ

### ୨୬/୧୧ ଆକ୍ରମଣ
## ଭାରତୀୟଙ୍କ ସହ ଆମେରିକା



ୱାଶିଂଟନ,୨୭।୧୧(ପି.ଟି.): ୨୬/୧୧ ମୁମ୍ବାଇ ଆକ୍ରମଣକୁ ଦଶବର୍ଷ ପୂରିଛି। ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ଯେପରି ନ୍ୟାୟ ପାଇବେ ସେଥିପାଇଁ ଆମେରିକା ଭାରତୀୟଙ୍କ ସହିତ ରହିଛି। ଏହି ଆକ୍ରମଣର ଦଶମ ବାର୍ଷିକୀ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହା କହିଛନ୍ତି। ଲଶ୍କର-ଇ-ତୋଇବାର ୧୦ ଆତଙ୍କବାଦୀ ୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ଆକ୍ରମଣ କରିଥିଲେ। ଏଥିରେ ୬ ଆମେରିକୀୟଙ୍କ ସମେତ ୧୬୬ ଜଣ ପ୍ରାଣ ହରାଇଥିଲେ । ଏହି ଘଟଣାକୁ ୧୦ ବର୍ଷ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମୃତକଙ୍କ ପରିବାରକୁ ନ୍ୟାୟ ମିଳିନାହିଁ। ସେମାନେ ଯେପରି ନ୍ୟାୟ ପାଇପାରିବେ ଏଥିପାଇଁ ଆମେରିକା ସର୍ବଦା ଭାରତ ପାଖରେ ଛିଡା ହୋଇଛି । ଆତଙ୍କବାଦୀଙ୍କୁ କଦାପି ଜିତିବାକୁ ଦିଆଯିବ ନାହିଁ ବୋଲି ସେ ଟୁଇଟ୍ କରିଛନ୍ତି।

[ଇତିହାସର ଆଇନାରେ]

## ନଭେମ୍ବର ୨୮ର ପ୍ରମୁଖ ଘଟଣା

୧୯୭୧ ନଭେମ୍ବର ୨୮ରେ ଜୋର୍ଡାନ ପ୍ରଧାନମନ୍ତ୍ରୀ ୱାସ୍‌ଫି ଅଲ୍-ଟାଲ୍‌ଙ୍କୁ ହତ୍ୟା କରାଯାଇଥିଲା। ପାଲେଷ୍ଟାଇନ୍ ଲିବରେଶନ୍ ଅର୍ଗାନାଇଜେଶନର 'ବ୍ଲାକ୍ ସେପ୍ଟେମ୍ବର' ୟୁନିଟ୍ ଏହି ହତ୍ୟାକାଣ୍ଡ ଭିଆଇଥିଲେ।

୧୯୧୯ ନଭେମ୍ବର ୨୮ରେ ନାନ୍ସି ୱିଚର୍ ଲାଙ୍ଗହର୍ନ ଆଷ୍ଟର୍ ପ୍ରଥମ ମହିଳା ଭାବେ ବ୍ରିଟେନ୍ ପାର୍ଲାମେଣ୍ଟକୁ ଯାଇଥିଲେ। ନିର୍ବାଚନରେ ପ୍ଲାଏମାଉଥ୍ ଆସନରୁ ବିଜୟୀ ହେବା ପରେ ସେ ବ୍ରିଟେନ୍ ପାର୍ଲାମେଣ୍ଟର ହାଉସ୍ ଅଫ୍ କମନ୍‌ର ସଦସ୍ୟା ଭାବେ ସ୍ଥାନ ପାଇଥିଲେ।

### କେନ୍ଦ୍ର ଚାହୁଁଥିଲା କଶ୍ମୀରରେ ଯୋଗାଡ଼ିଆ ସରକାର
# ଧରାପଡ଼ିଲା ଭିତିରି ଚାଲ୍

ଶ୍ରୀନଗର,୨୭।୧୧

ମୁଁ କେନ୍ଦ୍ର ସରକାରଙ୍କ କଥା ଶୁଣିଥିଲେ ପିପୁଲ୍ସ କନ୍‌ଫରେନ୍ସ (ପିସି) ଅଧ୍ୟକ୍ଷ ସଜାଦ୍ ଲୋନ୍ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ। କିନ୍ତୁ ମୁଁ ଦିଲ୍ଲୀର କଥା ଶୁଣିନାହିଁ କି ସେପରି କିଛି କରିନାହିଁ। ଯାହା ବି କରିଛି ଠିକ୍ କରିଛି। ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ୍ ଏପରି ଦାବି କରିଛନ୍ତି। ତାଙ୍କର ଏହି ମନ୍ତବ୍ୟ କ୍ୟାମେରାରେ କଏଦ୍ ହେବା ପରେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଏଥିରୁ କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ସରକାରଙ୍କ ଭିତିରି ଚାଲ୍ ଧରାପଡ଼ିଯାଇଛି।

ସପ୍ତାହେ ତଳର କଥା। ଜମ୍ମୁ-କଶ୍ମୀରରେ ମେଣ୍ଟ ସରକାର ଗଠନ ପାଇଁ ପୁଣିଥରେ ହୋଇଥିଲା ଜୋର୍‌ଦାର ଉଦ୍ୟମ। ଗୋଟିଏ ପଟେ କଂଗ୍ରେସ ଏବଂ ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ସମର୍ଥନରେ ସରକାର ଗଢ଼ିବାକୁ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତି ୨୧ ତାରିଖରେ ରାଜ୍ୟପାଳଙ୍କ ନିକଟକୁ ପତ୍ର ଲେଖି ଦାବି ଜଣାଇଥିଲେ। ପିଡିପିର ୨୯, ଏନ୍‌ସିର ୧୫ ଓ କଂଗ୍ରେସର ୧୨ ସଦସ୍ୟଙ୍କ ସମର୍ଥନକ୍ରମେ ମେଣ୍ଟର ବିଧାୟକ ସଂଖ୍ୟା ୫୬ରେ ପହଞ୍ଚିଥିବାରୁ ସରକାର ଗଠନ ଲାଗି ସୁଯୋଗ ଦିଆଯାଉ ବୋଲି ମେହବୁବା ଏଥିରେ ଦାବି କରିଥିଲେ। ସେପଟେ ଭାଜପାର ୨୫ ଓ ଅନ୍ୟ ଦଳର ୧୮ ବିଧାୟକଙ୍କ ସମର୍ଥନ ସହ ରାଜ୍ୟପାଳଙ୍କ ନିକଟରେ ଅନୁରୂପ ଦାବି ଜଣାଇଥିଲେ ପିସି ନେତା ସଜାଦ୍ ଲୋନ୍। ମେହବୁବାଙ୍କ ନିଜ ପତ୍ର ରାଜ୍ୟପାଳଙ୍କ ନିକଟକୁ ପଠାଇବାବେଳେ ରାଜଭବନର ଫ୍ୟାକ୍ସ ମେଶିନ୍ କାମ କରି ନ ଥିଲା। ଏହାକୁ ନେଇ ବିବାଦ ଉଠିଥିଲା। ଉଭୟ ପକ୍ଷରୁ ସରକାର ଗଠନ ଲାଗି ଦାବି ଉଠିବା ପରେ ଘୋଡ଼ାବେପାରର ଆଳ ଦେଖାଇ ଓ ବିଷମ ଜାତୀୟ ଦଳର ସରକାର ଗଠନ ହେଲେ ସ୍ଥାୟୀ ହୋଇ ରହିପାରିବ ନାହିଁ ଦର୍ଶାଇ ରାଜ୍ୟପାଳ ସେହି ରାତିରେ ଜମ୍ମୁ-କଶ୍ମୀର ବିଧାନସଭାକୁ ଭଙ୍ଗ କରିଦେଇଥିଲେ। ଏହି ନାଟକୀୟ ଘଟଣାକ୍ରମକୁ ନେଇ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାର ସପ୍ତାହେ ପରେ ରାଜ୍ୟପାଳଙ୍କ ଏକ ମନ୍ତବ୍ୟର ଭିଡିଓର କିଛି ଅଂଶ ସାମ୍ନାକୁ ଆସିବା ପରେ ଚର୍ଚ୍ଚାର ବିଷୟ ପାଲଟିଛି। ଶନିବାର ମଧ୍ୟପ୍ରଦେଶର ଗ୍ୱାଲିଅରସ୍ଥିତ ଆଇଟିଏମ୍ ଛାତ୍ରୀଛାତ୍ରଙ୍କୁ ଏକ କାର୍ଯ୍ୟକ୍ରମରେ ସମ୍ବୋଧିତ କରି ସତ୍ୟପାଲ କହିଥିଲେ, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ମାନିଥିଲେ ସେ ଲୋନ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଇଥାନ୍ତେ। ସେ ଲୋନ୍‌ଙ୍କୁ ସୁଯୋଗ ଦେଇଥିଲେ ଇତିହାସରେ ଜଣେ ବେଇମାନ ଲୋକ ଭାବେ ପରିଗଣିତ ହୋଇଥାନ୍ତେ। କିନ୍ତୁ ସେ ସମସ୍ତ ବିଷୟକୁ ଅନୁଧ୍ୟାନ କରିବା ପରେ ସରକାର ଗଠନର ଦ୍ୱାର ବନ୍ଦ କରିଦେଇଥିଲେ। ଯିଏ ତାଙ୍କ ବିରୋଧରେ ଯାହା କହୁଛି କହୁ। ସେ ଯାହା କରିଛନ୍ତି ତାହା ନିର୍ଭୁଲ ନିଷ୍ପତ୍ତି ବୋଲି ରାଜ୍ୟପାଳ କହିଛନ୍ତି। ବିରୋଧୀ ରାଜ୍ୟପାଳଙ୍କୁ କେନ୍ଦ୍ର ସରକାରଙ୍କ ହାତ କଣ୍ଢେଇ ବୋଲି ଅଭିହିତ କରୁଥିବାବେଳେ ତାଙ୍କର ଏହି ମନ୍ତବ୍ୟ ସାମ୍ନାକୁ ଆସିଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଜମ୍ମୁ-କଶ୍ମୀରରେ ଯେନତେନ ପ୍ରକାରେ ଯୋଗାଡ଼ିଆ ସରକାର ଗଠନ ହେଉ ବୋଲି କେନ୍ଦ୍ର ଚାହୁଁଥିଲା। କାରଣ ଲୋନ୍‌ଙ୍କ ନିକଟରେ ସଂଖ୍ୟାଗରିଷ୍ଠ ବିଧାୟକଙ୍କ ସମର୍ଥନ ନ ଥିଲା।

ସୂଚନାଯୋଗ୍ୟ ଯେ, ପିଡିପି ନେତୃତ୍ୱାଧୀନ ମେଣ୍ଟ ସରକାରରୁ ଭାଜପା ସମର୍ଥନ ପ୍ରତ୍ୟାହାର କରିବା ପରେ ଜୁନ୍ ୧୯ରେ ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଜାରି ହୋଇଥିଲା। ଡିସେମ୍ବର ୧୯ରେ ରାଜ୍ୟପାଳ ଶାସନ ଅବଧି (୬ ମାସ) ପୂରିବାକୁ ଥିବାବେଳେ ଏହାପୂର୍ବରୁ ପିଡିପି-ଏନ୍‌ସି ଏବଂ କଂଗ୍ରେସ ମେଣ୍ଟ ସରକାର ଗଠନ ପାଇଁ ଅଣ୍ଟାଭିଡ଼ିଥିଲେ। ଭାଜପା ଓ କେନ୍ଦ୍ର ସରକାରଙ୍କ ଚାଲ୍ ଯୋଗୁ ଶେଷ ମୁହୂର୍ତ୍ତରେ ମେଣ୍ଟ ସରକାର ଗଠନ ଉଦ୍ୟମ ଭଣ୍ଡୁର ହୋଇଯାଇଥିଲା। ତେଣୁ କେନ୍ଦ୍ରର ଇଙ୍ଗିତରେ ରାଜ୍ୟପାଳ ବିଧାନସଭାକୁ ଭଙ୍ଗ କରିଦେଇଥିବା ଏଥିରୁ ସ୍ପଷ୍ଟ ହେଉଛି କଂଗ୍ରେସ କହିଛି। ରାଜ୍ୟପାଳ କେନ୍ଦ୍ରର କଥାକୁ ଗୁରୁତ୍ୱ ଦେଇ ନ ଥିବାରୁ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଏବଂ ଏନ୍‌ସି ଉପାଧ୍ୟକ୍ଷ ଓମାର ଅବ୍ଦୁଲ୍ଲା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ମୁଁ କେନ୍ଦ୍ରର କଥା ମାନିଥିଲେ ସଜାଦ୍ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ: ରାଜ୍ୟପାଳ



ସତ୍ୟପାଲ ମଲିକ



ସଜାଦ୍ ଲୋନ୍

## ଆତଙ୍କବାଦୀ ଥିଲେ, ଶହୀଦ ହେଲେ



ନାଜିର ଅହମଦ ୱାନି

ଶ୍ରୀନଗର,୨୭।୧୧(ପି.ଟି.)

ଜମ୍ମୁ-କଶ୍ମୀର ସୋପିଆନ ଜିଲାରେ ରବିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ ହୋଇଥିଲେ। ଏହି ଆତଙ୍କବାଦ ନିରୋଧୀ ଅପରେଶନ ବେଳେ ଲାନ୍ସ ନାଏକ ନାଜିର ଅହମଦ ୱାନି ଶହୀଦ ହୋଇଥିଲେ। ୱାନି ଏକଦା ଜଣେ ଆତଙ୍କବାଦୀ ଥିଲେ। ଆତ୍ମସମର୍ପଣ ପରେ ସେ ସେନାରେ ଯୋଗଦେଇଥିଲେ। ଜଣେ ଦୁଃସାହସୀ ଯବାନ ଭାବେ ପରିଚିତ ନାଜିର ବୀରତା ଲାଗି ୨୦୦୭ରେ ଏବଂ ଚଳିତ ବର୍ଷ ଅଗଷ୍ଟରେ ସେନା ମେଡାଲରେ ସମ୍ମାନିତ ହୋଇଥିଲେ। କୁଲଗାମ୍ ଜିଲାର ଆତଙ୍କବାଦୀ ଅଧ୍ୟୁଷିତ ଚେକି ଅଶମୁଜି ଗ୍ରାମରେ ତାଙ୍କ ଘର। ୨୦୦୪ରେ ସେ ସେନାର ୧୬୨ ବାଟାଲିୟନରେ ଯୋଗଦେଇଥିଲେ। ସୋମବାର ତାଙ୍କ ମରଶରୀର ଜନ୍ମସ୍ଥାନରେ ପହଞ୍ଚିବା ପରେ ୨୧ ତୋପସଲାମୀ ସହିତ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଆଜି ଏମ୍‌ପି, ମିଜୋରାମ ଲଢ଼େଇ

ନୂଆଦିଲ୍ଲୀ,୨୭।୧୧



ମଧ୍ୟପ୍ରଦେଶ (ଏମ୍‌ପି) ଓ ମିଜୋରାମ ବିଧାନସଭା ପାଇଁ ବୁଧବାର ଭୋଟଗ୍ରହଣ କରାଯିବ। ଏଥିପାଇଁ ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏମ୍‌ପିରେ ଭାଜପା ଚତୁର୍ଥ ଥର ପାଇଁ କ୍ଷମତାସୀନ ହେବାକୁ ଉଦ୍ୟମ କରୁଥିବାବେଳେ ଶିବରାଜ ସିଂ ଚୌହାନ ସରକାରଙ୍କୁ ହଟାଇ କ୍ଷମତା ଦଖଲ କରିବାକୁ କଂଗ୍ରେସ ଅଣ୍ଟାଭିଡ଼ିଛି। ସେହିପରି ମିଜୋରାମରେ ତୃତୀୟ ଥର ଲାଗି ସରକାର ଗଢ଼ିବାକୁ ଉଦ୍ୟମ କରୁଥିବା କଂଗ୍ରେସକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗାଙ୍କ ନେତୃତ୍ୱାଧୀନ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) କଡ଼ା ଚ୍ୟାଲେଞ୍ଜ ଦେଉଛି। ଦୁଇ ରାଜ୍ୟରେ ଭାଜପା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ଲାଗି ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଷ୍ଟାର କ୍ୟାମ୍ପେନର ଭାବେ ପ୍ରଚାର ମଙ୍ଗ ସମ୍ଭାଳିଥିଲେ। ମଧ୍ୟପ୍ରଦେଶ ମଇଦାନରେ ୨,୯୦୭ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ସମସ୍ତ ୨୩୦ ଆସନରେ ଭାଜପା ପ୍ରାର୍ଥୀ ଦେଇଥିବାବେଳେ କଂଗ୍ରେସ ୨୨୯ରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। କଂଗ୍ରେସ ଶରଦ ଯାଦବଙ୍କ ନେତୃତ୍ୱାଧୀନ ଏଲ୍‌ଜେଡିକୁ ଟିକମଗଡ଼ ଜିଲା ଯାତରା ଆସନ ଛାଡ଼ିଦେଇଛି। ସେହିପରି ବିଏସ୍‌ପି ୨୨୭ ଏବଂ ଏସ୍‌ପି ୫୧ ଆସନରେ ଲଢୁଥିବାବେଳେ ୧,୧୦୨ ସ୍ୱାଧୀନ ପ୍ରାର୍ଥୀ ନିଜ ଭାଗ୍ୟ ପରୀକ୍ଷା କରୁଛନ୍ତି। ଅନ୍ୟପକ୍ଷରେ ମିଜୋରାମରେ ମୋଟ ୨୦୯ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରୁ କଂଗ୍ରେସର ୪୦, ଭାଜପାର ୩୦ ଏବଂ ଏମ୍‌ଏନ୍‌ଏଫ୍‌ର ୪୦ ପ୍ରାର୍ଥୀ ଲଢୁଛନ୍ତି। ରାଜ୍ୟର ପ୍ରାୟ ୭.୭ ଲକ୍ଷ ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରି ନିଜ ପ୍ରତିନିଧି ବାଛିବେ।

## ୩ ଆତଙ୍କବାଦୀ ନିହତ

ଶ୍ରୀନଗର,୨୭।୧୧(ପି.ଟି.)

ଜମ୍ମୁ-କଶ୍ମୀରର କୁଲଗାମ୍ ଓ ପୁଲୱାମା ଜିଲାରେ ମଙ୍ଗଳବାର ପୃଥକ ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଥିବାବେଳେ ଜଣେ ଯବାନ ଶହୀଦ ହୋଇଛନ୍ତି। କୁଲଗାମ୍ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତୋଇବାର ୨ ଜଣ ଏବଂ ପୁଲୱାମାରେ ଆଇଏସ୍‌ଆଇଏସ୍‌ର ଶାଖା ସଙ୍ଗଠନ ଅନ୍‌ସାର ଘଜୱାତୁଲ ହିନ୍ଦ୍‌ର ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି।

ଆତଙ୍କବାଦୀମାନେ କୁଲଗାମ୍‌ର ରେଡୱାନି ଅଞ୍ଚଳରେ ଆତ୍ମଗୋପନ କରିଥିବା ଖବର ପାଇବା ପରେ ସୁରକ୍ଷା ବଳ ସୋମବାର ରାତିରୁ ଉକ୍ତ ଅଞ୍ଚଳକୁ ଘେରି ତଲାସି ଚଳାଇଥିଲା। ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ସୁରକ୍ଷା ବାହିନୀ ଏହାର ପାଲଟା ଜବାବ ଦେଇଥିଲା। ଏନ୍‌କାଉଣ୍ଟର ବେଳେ ୩ ଜଣ ଯବାନ ଆହତ ହୋଇଥିଲାବେଳେ ସେମାନଙ୍କ ମଧ୍ୟରୁ ଜଣେ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ଶହୀଦ ଯବାନ ଜଣକ ହେଲେ ସାପେର ପ୍ରକାଶ ଯାଦବ। ଏନ୍‌କାଉଣ୍ଟର ସ୍ଥଳରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ନିହତ ଆତଙ୍କବାଦୀ ହେଲେ ଆଜାଦ ଅହମଦ ମାକ୍‌ରୁ ଏବଂ ୱାରିସ ଅହମଦ ମଲିକ। ଏମାନେ ବିଭିନ୍ନ ଆକ୍ରମଣରେ ସମ୍ପୃକ୍ତ ଥିଲେ। ମକ୍‌ରୁ ଏଲଇଟି କମାଣ୍ଡର ନଭିଦ ଜାଟ ଏବଂ ଆଜାଦ ଦାଦାଙ୍କ ଘନିଷ୍ଠ ସହଯୋଗୀ। ସେହିପରି ପୁଲୱାମାର ତ୍ରାଲ ଏନ୍‌କାଉଣ୍ଟରରେ ନିହତ ଆତଙ୍କବାଦୀ ଅନ୍‌ସାର ଘଜୱାତୁଲ ହିନ୍ଦ୍ ସଙ୍ଗଠନର ଶାକିର ହାସାନ ।




T-Shirts . Sweatshirts . Sweaters . Jackets . Shirts . Denims . Trousers . Tracksuits . Thermals . Lowers . Footwear

EXCL. SHOWROOMS AT BHUBANESHWAR: 1st Floor, Unit 2 Kesari Mall | Pall Height Mall | Ravi Talkies Square | Bajarang Vihar, Patia | 109, Forum Mart Mall JAJPUR: Jajpur Rd. CUTTACK: B.K. Rd. | Darga Bazar BERHAMPUR: Urban Bank Rd. | Telephone Bhavan Rd. | Kampali Square, Mahabali Mkt. BARBIL: Rabi Sons Mall, Main Rd. ANGUL: Shanti Bazar BARIPADA: Gandhi Mkt. BHADRAK: Salandi-Bye Pass ROURKELA: Udit Nagar, Main Rd. BOLANGIR: Sri Kunj Complex, Ramji Rd. | Main Rd. BALASORE: Opp. Convent school, Vivekanand Marg SUNDERGARH: Megha Malhar, Mission Rd. DEOGARH: Traffic Chowk JATNI: Main Rd., Opp. P.N.B Bank RAYAGADA: Lakshmi Kalyani Residency KENDRAPADA: Tulsi Bazaar, Nr. Bus Stand TALCHER: Hatatota. | ALSO AT ALL LEADING STORES. visit us at: www.dukeindia.com

FOR SHOWROOM ENQ. REQUIRED AT: Jharsuguda, Kantabanji, Sambalpur, Bhubaneshwar, Bhawanipatna, Bargarh, Jeypore, Keonjhar, Talcher, Koraput, Nayagarh, Paradip, Puri, Phulbani. Contact: 93372-67083, 9855588080 | Follow us on:

at: SHOP ONLINE dukeindia.com MYNTRA JABONG Flipkart snapdeal amazon.in TATA CLiQ AJIO Paytm TRENDS Footwear Store at TALCHER: Go Stteps, Sharma Chakk / Auth. Distributor For Footwear: M/s Ram Ji Enterprises, M: 9437006984




■ ଆଜି ମହାପ୍ରଭୁଙ୍କ ବନକଲାଗି

# ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ ଅଫିସ,୨୭।୧୧**

ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ସାଢେ ୪ଟାରୁ ରାତି ସାଢେ ୮ଟା ଅର୍ଥାତ୍ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ ହେବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।




# ଓଟିଇଟି ଦେବେ ଅଣତାଲିମପ୍ରାପ୍ତ ଶିକ୍ଷକ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ସିଟି ଏବଂ ବି.ଏଡ୍ ତାଲିମ ନ ନେଇ ଶିକ୍ଷକତା କରୁଥିବା ଶିକ୍ଷକମାନେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ ସ୍କୁଲିଂ(ଏନଆଇଓଏସ୍)ରେ ଡି.ଇ.ଏଲ୍.ଇଡି. ପ୍ରଶିକ୍ଷଣ ନେଉଥିଲେ ସେମାନଙ୍କୁ ଓଟିଇଟି ଦେବାକୁ ପଡିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ନିଷ୍ପତ୍ତି ନେଇଛି। ବିଭାଗୀୟ ଯୁଗ୍ମ ସଚିବ ହରେକୃଷ୍ଣ ନାୟକ ଏ ନେଇ କଟକ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟକୁ ନୋଟିସ ମାଧ୍ୟମରେ ଜଣାଇଛନ୍ତି। ଗତ ୨୪ ତାରିଖରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ରାଜ୍ୟରେ ଥିବା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଣତାଲିମ୍‌ପ୍ରାପ୍ତ ଶିକ୍ଷକମାନେ ଏନ୍‌ଆଇଓଏସ୍‌ରେ ତାଲିମ ନେଉଥିଲେ ଓଟିଇଟି ପରୀକ୍ଷା ଦେବା ବାଧ୍ୟତାମୂଳକ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ଓଟିଇଟି ଆବେଦନ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଆବେଦନ କରିବାର ଶେଷ ତାରିଖ ଆଗାମୀ ଡିସେମ୍ବର ୧୦ ତାରିଖକୁ ବୃଦ୍ଧି କରାଯାଇଛି। ଏନ୍‌ଆଇଓଏସ୍‌ରେ ତାଲିମ୍ ନେଉଥିବା ଶିକ୍ଷକ ସଂସ୍ଥାରୁ ଏକ ସାର୍ଟିଫିକେଟ ଦେଖାଇବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

■ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌ର ଋଣ ବୋଝ

# ସଂସଦୀୟ କମିଟି ଯାଞ୍ଚ କରିବେ

**ନୂଆଦିଲ୍ଲୀ,୨୭।୧୧:** ଆର୍ଥିକ ବ୍ୟାପାର ସଂସଦୀୟ କମିଟି ଆର୍ଥିକ ସଙ୍କଟର ସାମ୍ନା କରୁଥିବା ଇନଫ୍ରାଷ୍ଟ୍ରକଚର ଲିଜିଂ ଆଣ୍ଡ ଫାଇନାନ୍ସ ସର୍ଭିସେସ୍(ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍) ଗ୍ରୁପ୍ ସମ୍ପର୍କରେ ସମୀକ୍ଷା କରିବେ। ଡିସେମ୍ବର ୩ରୁ ତିନି ଦିନ ପାଇଁ ଏହା ଚାଲିବ। ସୂଚନାଥାଉ କି, ଏକାଧିକ ଥର ସୁଧ ଦେବାରେ ବିଫଳ ହେବା ପରେ କେନ୍ଦ୍ର ସରକାର ଏନସିଏଲ୍‌ଟିଙ୍କ ନିର୍ଦ୍ଦେଶରେ ଅକ୍ଟୋବର ପହିଲାରେ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ ବୋର୍ଡକୁ ଭାଙ୍ଗି ଦେଇ ଟପ୍ ବ୍ୟାଙ୍କର ଉଦୟ କୋଟାକ୍‌ଙ୍କ ଅଧ୍ୟକ୍ଷତାରେ ଏକ ନୂଆ ବୋର୍ଡ ଗଠନ କରିଥିଲେ। ଅକ୍ଟୋବର ୮ ସୁଦ୍ଧା ଉକ୍ତ ଗ୍ରୁପ୍ ଉପରେ ୯୪,୨୧୫.୬ କୋଟି ଟଙ୍କାର ଋଣ ବୋଝ ରହିଛି। ଡିସେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ସଂସଦୀୟ କମିଟି ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପ୍‌ର ଅଧିକାରୀ, ବୋର୍ଡ ସଦସ୍ୟ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କୁ ଭେଟିବେ ବୋଲି ଜଣାପଡିଛି।








ଏବେ ବାଇପାସ୍ ସର୍ଜରି ବିନା ହାର୍ଟର ଭଲ୍‌ବକୁ କାର୍ଯ୍ୟକ୍ଷମ କରାଯାଇପାରିବ । ଏନେଇ ଫୋର୍ଟିସ୍ ଏସ୍କୋର୍ଟସ୍ ହସ୍ପିଟାଲରେ ଡାକ୍ତରମାନେ ଜଣେ ୬୯ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଚିକିତ୍ସାରେ ସଫଳତା ହାସଲ କରିଛନ୍ତି । ପୂର୍ବରେ ଏଭଳି ସମସ୍ୟା କ୍ଷେତ୍ରରେ ବାଇପାସ୍ ସର୍ଜରି କରାଯାଉଥିଲା ।






## ସଂକ୍ଷେପରେ

### ଖାରବେଳଙ୍କୁ ଆକ୍ରମଣ ଘଟଣା
## ତଦନ୍ତ ଆରମ୍ଭ କଲା କ୍ରାଇମ୍‌ବ୍ରାଞ୍ଚ ଟିମ୍

**କାଶୀପୁର,୨୭।୧୧(ଡ଼ି.ଏନ.ଏ):** ଉତ୍କଳ ଭାରତ ସଭାପତି ଶ୍ରୀ ଖାରବେଳ ସ୍ୱାଇଁଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଯୁବକ ସୋମବାର କାଶୀପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ପି.ଗୋବିନ୍ଦ ରାଓ। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ପୋଲିସ କହିଛି । ସୋମବାର କ୍ରାଇମବ୍ରାଞ୍ଚ ଟିମ୍ କାଶୀପୁର ଯାଇ ତଦନ୍ତ କରିବାର କାର୍ଯ୍ୟକ୍ରମ ଥିଲା। ହେଲେ ଖବର ଲେଖାଯିବା ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚର କୌଣସି ଟିମ୍ କାଶୀପୁରରେ ପହଞ୍ଚି ନ ଥିବା ଜଣାଯାଇଛି । ସୂଚନାଯୋଗ୍ୟ, ଶନିବାର ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁ କାଶୀପୁରରେ ଏକ ପଥପ୍ରାନ୍ତ ସଭା କରୁଥିଲେ । ଏଠାରେ ସେ ବିଜେଡି ସରକାରଙ୍କ ଅପାରଗତା ଓ ଦୁର୍ନୀତି ବିରୋଧରେ କହୁଥିବା ବେଳେ କିଛି ଯୁବକ ହଠାତ୍ ଆସି ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସଭାରେ ଉପସ୍ଥିତ ଥିବା ପ୍ରତ୍ୟୁଷ ନାଏକ ଗୁରୁତର ଆହତ ହୋଇଥିଲେ। ସେମାନେ ଖାରବେଳ ଓ ତାଙ୍କ ସହଯୋଗୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ବିଜେଡି ବିରୋଧରେ କିଛି କହିଲେ ହାଣି ଦେବୁ ବୋଲି ଧମକ ମଧ୍ୟ ଦେଇଥିଲେ। ଏହି ଘଟଣାରେ ପୋଲିସ ଶନିବାର ସୁମନ୍ତ ନାଏକ ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ମଙ୍ଗଳବାର ଭାଜପାରେ ଯୋଗଦେଇଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ଅପରାଜିତା ଷଡ଼ଙ୍ଗୀଙ୍କୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି। ନିକଟରେ ଅଛନ୍ତି ଓଡ଼ିଶାର ଦଳୀୟ ସଭାପତି ବସନ୍ତ ପଣ୍ଡା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଭାଜପାରେ ମିଶିଲେ ଅପରାଜିତା

**ନୂଆଦିଲ୍ଲୀ,୨୭।୧୧**

ପୂର୍ବତନ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଅପରାଜିତା ଷଡ଼ଙ୍ଗୀ ଭାଜପାରୁ ଆସନ୍ତା ନିର୍ବାଚନ ଲଢ଼ି ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଏଥିପାଇଁ ସେ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି।

ନୂଆଦିଲ୍ଲୀରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ବାସଭବନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶା ଭାଜପା ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ସେ ଦଳରେ ଯୋଗଦେଇଛନ୍ତି। ଅପରାଜିତା କେଉଁ ଆସନରୁ ନିର୍ବାଚନ ଲଢ଼ିବେ ସେନେଇ ଖବରଦାତାମାନେ ପ୍ରଶ୍ନ କରିବାରୁ ସେ କହିଥିଲେ, ଏନେଇ ଦଳ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ନିର୍ବାଚନ ଲଢ଼ିବା ଏକ ବଡ଼ ଚ୍ୟାଲେଞ୍ଜ। ଏପରି ଚ୍ୟାଲେଞ୍ଜକୁ ଗ୍ରହଣ କରିବାକୁ ସେ ଭଲ ପାଆନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଧାରା ପ୍ରତି ପ୍ରଭାବିତ। ବହୁ ଲୋକଙ୍କ ସହ ଆଲୋଚନା କରିବା ପରେ ଭାଜପାରେ ଯୋଗଦେବା ପାଇଁ ସେ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ୧୯୯୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅପରାଜିତା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅଧୀନ ଏମ୍‌ଜିଏନ୍‌ଆର୍‌ଇଜିଏର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିଲେ । ସେ ସେପ୍ଟେମ୍ବରରେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିଲେ। ଗତ ୧୬ ତାରିଖରେ ତାଙ୍କ ଆବେଦନକୁ ପ୍ରଧାନମନ୍ତ୍ରୀ ଅନୁମୋଦନ କରିଥିଲେ । ଅପରାଜିତା ବୁଧବାର ଓଡ଼ିଶା ଫେରିବା ପରେ ରାଜ୍ୟ ଭାଜପା ମୁଖ୍ୟାଳୟରେ ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯିବ ବୋଲି ଜଣାପଡ଼ିଛି।

# ଦଳିତ ବିରୋଧୀ,ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ଏକଜୁଟ୍ ହୁଅ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ଦଳିତମାନଙ୍କୁ ବର୍ଷବର୍ଷ ଧରି ନିଷ୍ପେଷିତ କରି ରଖାଯାଇଛି। ବିଗତ ୪ ବର୍ଷରେ ତାହା ଅହେତୁକ ଭାବେ ବୃଦ୍ଧି ପାଇଛି। ବି.ଆର ଆମ୍ବେଡକର ହିଁ ସମାନତା ନେଇ ଲଢିଥିଲେ । ସାରା ଭାରତରେ ଦଳିତ ସଙ୍ଗଠିତ ହେଉଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ଦଳିତମାନେ ସଙ୍ଗଠିତ ହେବେ। ୨୦୧୯ ନିର୍ବାଚନରେ ଦଳିତ ବିରୋଧୀ ସାମ୍ପ୍ରଦାୟିକ ଶକ୍ତିକୁ ହରାଇବା ପାଇଁ ସମସ୍ତେ ଏକାଠି ହେବାର ସମୟ ଆସିଛି । ପିସିସି ପକ୍ଷରୁ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ପଡିଆରେ ହୋଇଥିବା ଦଳିତ ସମ୍ମାନ ସମାବେଶରେ ଯୋଗଦେଇ ଗୁଜରାଟ ବିଧାୟକ ଜିଗ୍ନେଶ ମେବାନୀ ଏହି କଥା କହିଛନ୍ତି।

ଜିଗ୍ନେଶ ନିଜ ବକ୍ତବ୍ୟରେ କୁନ୍ଦୁଲୀ ପୀଡିତା ପ୍ରସଙ୍ଗରେ ମଧ୍ୟ ବକ୍ତବ୍ୟ ରଖିଥିଲେ। ସେ କହିଛନ୍ତି ଯେ, ରାଜ୍ୟରେ ଦଳିତ ବିରୋଧୀ ହିଂସା ହେଉଥିଲେ ବି ତାହା ଗଣମାଧ୍ୟମ ଉପସ୍ଥାପନ କରୁନାହିଁ। କୁନ୍ଦୁଲୀ ପୀଡିତା ଆତ୍ମହତ୍ୟା କଲେ, ହେଲେ ନ୍ୟାୟ ପାଇଲେ ନାହିଁ। ସାରା ଭାରତରେ ଦଳିତ ବିରୋଧୀ ହିଂସା ଓ ଆକ୍ରମଣ ବଢିଚାଲିଛି। ବହୁଜନ ହୋଇଥିଲେ ବି ସେମାନଙ୍କ ସ୍ୱରକୁ ଚାପି ଦିଆଯାଉଛି। ମନୁବାଦୀ ତଥା ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ସମସ୍ତଙ୍କୁ ଏକାଠି ହେବାକୁ ପଡିବ। ଭାରତ ବର୍ଷରେ ଦଳିତମାନଙ୍କ ମଧ୍ୟରେ ଏକ ଜାଗରଣ ସୃଷ୍ଟି ହୋଇଛି। ଏହା ଓଡ଼ିଶାରେ ଜାରି ରହିବ ବୋଲି ଜିଗ୍ନେଶ ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜବାଦୀ ପାର୍ଟି ସଭାପତି ରବି ବେହେରା, ବାମପନ୍ଥୀ ନେତା ଜନାର୍ଦ୍ଦନ ପତି ଏବଂ ରାମକୃଷ୍ଣ ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଦଳିତ ସମାବେଶରେ ପିସିସି ଏସ୍‌ସି ସେଲ୍ ଅଧ୍ୟକ୍ଷ ବିଭୁ ତରାଇ ସଭାପତିତ୍ୱ କରିଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା ,ଶରତ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଜିଗ୍ନେଶ ମେବାନୀ

## କୃଷ୍ଣଙ୍କ ଚିଠିକୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ପିସିସି ଏସ୍‌ସି ସେଲ୍‌ର ପୂର୍ବତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସଗରିଆ ଜିଗ୍ନେଶଙ୍କୁ ଲେଖିଥିବା ଖୋଲା ଚିଠି କଂଗ୍ରେସ ରାଜନୀତିକୁ ସରଗରମ କରିଛି। କୃଷ୍ଣ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଦଳିତ ସମସ୍ୟା ଉପସ୍ଥାପନ କରିବା ପାଇଁ ଆପଣ ଓଡ଼ିଶା ଆସିଥିବାରୁ ମୁଁ ଖୁସି। ବର୍ଷକ ପୂର୍ବରୁ ୧୪ ବର୍ଷର ଏକ ଦଳିତ ବାଳିକାକୁ ୟୁନିଫର୍ମରେ ଥିବା କେତେକ ବ୍ୟକ୍ତି ଗଣବଳାତ୍କାର କରିଥିଲେ। ଏହି କଥା ପଦାକୁ ଆସିବା ପରେ ଝିଅଟି ନ୍ୟାୟ ପାଇଁ ସବୁ କିଛି କରିଥିଲା । ହେଲେ ନ୍ୟାୟ ନ ପାଇ ଶେଷରେ ଆତ୍ମହତ୍ୟା କରିଥିଲା । ତାହାର ପ୍ରତୀକାତ୍ମକ ପ୍ରତିବାଦ ପାଇଁ ବିଧାୟକ ପଦରୁ ମୁଁ ଇସ୍ତଫା ଦେଇଛି। ଏମିତିକି କଂଗ୍ରେସ ଦଳର ନେତା ତଥା ବିଧାୟକ ଦଳ ନେତା ନରସିଂହ ମିଶ୍ର ବିଧାନସଭାରେ ଏହି ପ୍ରସଙ୍ଗ ଉପସ୍ଥାପନ କରି ନ ଥିବା କୃଷ୍ଣ ଅଭିଯୋଗ କରିଛନ୍ତି। ଅପରପକ୍ଷରେ କଂଗ୍ରେସର ବହୁ ତୁଙ୍ଗ ନେତା ଦଳିତ ବିଧାୟକ କୃଷ୍ଣ ସଗରିଆଙ୍କ ଇସ୍ତଫା ପ୍ରସଙ୍ଗ ଉଠାଇ ନ ଥିଲେ।

# ଫୁଲବାଣୀ, ଦାରିଙ୍ଗବାଡ଼ିରେ ବଢୁଛି ଶୀତ ପ୍ରକୋପ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ଫୁଲବାଣୀ ଏବଂ ଦାରିଙ୍ଗବାଡିର ସର୍ବନିମ୍ନ ତାମପାତ୍ରା ନିୟମିତ ହ୍ରାସ ପାଇବାରେ ଲାଗିଛି। ଫଳରେ ଦୁଇ ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଫୁଲବାଣୀ ସହରର ସର୍ବନିମ୍ନ ତାପମାତ୍ରା ୭.୮ ଡିଗ୍ରୀ ସେଲସିୟସ୍‌କୁ ଖସି ଆସିଥିବାବେଳେ ଦାରିଙ୍ଗବାଡିରେ ୮.୨ ଡିଗ୍ରୀ ସେଲସିୟସ୍ ରହିଥିଲା । ଗତ ୪ଦିନ ହେଲା କେତେକ ଅଞ୍ଚଳରେ ରାତିରେ ପାରଦ ୨ରୁ ୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ଖସୁଥିବାରୁ ଶୀତ ଅନୁଭୂତ ହେଉଛି। ଆଗକୁ ଆହୁରି ଦୁଇରୁ ତିନିଦିନ ଯାଏ ରାତିରେ ୨ରୁ ୩ ଡିଗ୍ରୀ ସେଲସିୟସ୍ ପାରଦ କମିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ୧୪ ସହରରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା । ତାଳଚେର ସହରରେ ସର୍ବାଧିକ ତାପମାତ୍ରା ୩୧.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଦକ୍ଷିଣ, ଆଭ୍ୟନ୍ତରୀଣ ଅଞ୍ଚଳରେ ଘନ କୁହୁଡି ଆଚ୍ଛାଦିତ ହେବ ବୋଲି ପାଣିପାଗ କେନ୍ଦ୍ରରୁ ସୂଚନା ଦିଆଯାଇଛି।

# ସିନେମାରେ ପ୍ରେମ ପ୍ରଣୟକୁ ପସନ୍ଦ କରନ୍ତି ଦର୍ଶକ: ତବୁ



**ନୂଆଦିଲ୍ଲୀ:** ସିନେମାରେ ପ୍ରେମ ପ୍ରଣୟ ରହିଲେ ଏହା ଦର୍ଶକଙ୍କ ପାଇଁ ଖୁବ୍ ରୋମାଞ୍ଚକର ହୋଇଥାଏ। ଦୀର୍ଘ ୩ ଦଶନ୍ଧି ଧରି ବଲିଉଡ୍‌ରେ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ମୁଗ୍ଧ କରି ଆସିଥିବା ବଲିଉଡ୍ ଅଭିନେତ୍ରୀ ତବୁ ଏହା ପ୍ରକାଶ କରିଛନ୍ତି। ସେ 'ଦୃଶ୍ୟମ୍'ରେ କଡା ପୋଲିସ ଅଫିସର, 'ଫାନା'ରେ ଜଣେ ଆତଙ୍କବାଦ ନିରୋଧୀ ବ୍ୟୁରୋ ଏଜେଣ୍ଟ ଏବଂ 'ହୁ ତୁ ତୁ'ରେ ଜଣେ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ଭାବେ ଅଭିନୟ କରିଛନ୍ତି। ସେ ଅନେକ ଫିଲ୍ମରେ କଡା ମିଜାଜ୍‌ର ବ୍ୟକ୍ତି ଭାବେ ଅଭିନୟ କରିଥିଲେ ହେଁ ସ୍କ୍ରିନ୍ ଉପରେ ପ୍ରେମ ପ୍ରଣୟକୁ ବିରୋଧ କରନ୍ତି ନାହିଁ। ସେ କହନ୍ତି, ପ୍ରେମ ସବୁବେଳେ ମହାନ୍। ଏହା ସର୍ବଦା ତାର ସ୍ଥିତି ବଜାୟ ରଖେ। ତେବେ ସିନେମାରେ ପ୍ରେମଦୃଶ୍ୟକୁ ଦର୍ଶକ ପସନ୍ଦ କରନ୍ତି ଏବଂ ପ୍ରତ୍ୟେକ ଏହା ଦ୍ୱାରା ଅନୁପ୍ରେରିତ ହୁଅନ୍ତି। ତେଣୁ ପ୍ରେମକାହାଣୀ ଭିତ୍ତିକ ସିନେମାରେ ଅଭିନୟ କରିବାକୁ ସେ ପସନ୍ଦ କରନ୍ତି ବୋଲି ପ୍ରକାଶ କରିଛନ୍ତି। 'ପେହେଲା ପେହେଲା ପ୍ୟାର୍', 'ପ୍ରେମ' ଏବଂ 'ଚେନି କୁମ୍' ଭଳି ରୋମାଣ୍ଟିକ୍ ଫିଲ୍ମରେ ତବୁ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ 'ଅନ୍ଧାଧୁନ୍'ର ସଫଳତା ନେଇ ସେ ବେଶ୍ ଖୁସି। ଏଥିରେ ରହସ୍ୟ, ରୋମାଞ୍ଚ, ପ୍ରେମ ଓ ଉନ୍ମାଦନାର ଏକ ବିରଳ ସମନ୍ୱୟ ଘଟିଛି।




## ସାଙ୍ଗକୁ ପଥରରେ ଛେଚି ହତ୍ୟା

**ପାଲଲହଡା,୨୭।୧୧ (ଡ଼ି.ଏନ.ଏ.)**

ସାଙ୍ଗକୁ ପଥରରେ ଛେଚି ହତ୍ୟା କରିଛି ସାଙ୍ଗ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ପାଲଲହଡା ଥାନା ଡିମିରିଆ ଗ୍ରାମରେ। ପୋଲିସ କହିଛି, ଡିମିରିଆ ଗ୍ରାମର ସନାତନ ପେଣ୍ଡଇଙ୍କ ପୁଅ ପୀତବାସ (୩୦) ଏବଂ କେନ୍ଦୁଝର ଜିଲା ତେଲକୋଇ ଥାନା ଅଞ୍ଚଳର ଅର୍ଜ୍ଜୁନ ପାତ୍ରଙ୍କ ପୁଅ ପ୍ରସନ୍ନ ସାଙ୍ଗ ଥିଲେ। ସୋମବାର ସନ୍ଧ୍ୟାରେ ଉଭୟେ ଏକ ଢାବାରେ ମଦ ପିଇ ରାତିରେ ଘରକୁ ଫେରୁଥିଲେ। ହେଲେ କଲୋନୀ ସାହି ନିକଟରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ପ୍ରସନ୍ନ ଉତ୍‌କ୍ଷିପ୍ତ ହୋଇ ପୀତବାସଙ୍କୁ ତଳେ ପକାଇ ଏକ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ପାଲଲହଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ପୀତବାସଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟ ଓ ସେଠାରୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଅଭିଯୁକ୍ତ ପ୍ରସନ୍ନ ଫେରାର ହୋଇଯାଇଥିବା ବେଳେ ପୋଲିସ ନଂ. ୧୭୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ପାଲଲହଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପତ୍ର ସୂଚନା ଦେଇଛନ୍ତି।



ଧରିତ୍ରୀ
DHARITRI
ବୁଧବାର, ୨୮ ନଭେମ୍ବର , ୨୦୧୮



ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। –ଶ୍ରୀଅରବିନ୍ଦ

# ଭୁବନେଶ୍ୱରରେ ବିଶ୍ୱ

ନଭେମ୍ବର ୨୭, ୨୦୧୮ରେ ପୁରୁଷ ବିଶ୍ୱକପ୍ ହକିର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱରକୁ ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେଇପାରିଛି। କ୍ରୀଡ଼ା ବିଶେଷକରି ହକି ଓ ଆଥ୍‌ଲେଟିକ୍ସରେ ଏହି ସହରର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଅନେକ ଅଂଶରେ ଫଳପ୍ରଦ ହୋଇପାରିଛି। ବିଭିନ୍ନ ସିନେମା ତାରକା ଯଥା ଶାହରୁଖ ଖାନ୍, ମାଧୁରୀ ଦୀକ୍ଷିତ୍, ବିଶିଷ୍ଟ ସଙ୍ଗୀତଜ୍ଞ ଏ.ଆର. ରହମନ୍, ସୁପ୍ରସିଦ୍ଧ ଡ୍ୟାନ୍ସ ଗୁରୁ ଶମକ୍ ଡାଭର ଓ ତାଙ୍କ ସହିତ ଓଡ଼ିଶୀ ଗୁରୁ ଅରୁଣା ମହାନ୍ତିଙ୍କ ସମେତ ଆହୁରି ଅନେକ ନାମୀଦାମୀ କଳାକାର ଏହି କାର୍ଯ୍ୟକ୍ରମକୁ ଜୀବନ୍ତ କରିଦେଇଥିଲେ। ନାଚଗୀତରେ ମନ ଭୁଲାଇବା ପାଇଁ ଏହା ଥିଲା ଏକ ସୁନ୍ଦର ସନ୍ଧ୍ୟା। କିନ୍ତୁ ସେଥିରେ ମଧ୍ୟ ଅନେକ ଏଭଳି ତ୍ରୁଟି ରହିଗଲା, ଯାହାର ପ୍ରତିକାର ତତ୍‌କ୍ଷଣାତ୍ କରାଯାଇପାରିଥାଆନ୍ତା। ସବୁ ଟିକେଟ୍ ଉପରେ କାର୍ଯ୍ୟକ୍ରମ ଆରମ୍ଭ ସମୟ ସ୍ପଷ୍ଟ ଭାବେ ୧୭.୩୦ ଘଣ୍ଟିକା (ଅର୍ଥାତ୍ ଅପରାହ୍ନ ୫.୩୦) ଉଲ୍ଲେଖ କରାଯାଇଥିଲା। 'ଘରେ ନ ପଶୁଣୁ ଚାଳ ବାଜିବା' ଭଳି ଏହା ୫ଟା ୫୦ ପରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ଦିନଗୁଡ଼ିକରେ ବିଭିନ୍ନ ଦେଶ ମଧ୍ୟରେ ହେବାକୁ ଥିବା ମ୍ୟାଚଗୁଡ଼ିକରେ ଏହି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବ ନାହିଁ ବୋଲି ସ୍ପଷ୍ଟ ପଦକ୍ଷେପ ନିଆଯିବା ଦରକାର। ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ସମୟାନୁବର୍ତ୍ତୀ ହେବା ଅତ୍ୟନ୍ତ ଆବଶ୍ୟକ ହୋଇଥାଏ। ତାହା ନ କରିପାରିବା ଏକ ବଡ଼ଧରଣର ଖୁଣ।

ଏଠାରେ କୁହାଯାଇପାରେ ଯେ, ଓଡ଼ିଆ ଏକ ଅଳସୁଆ ଜାତି। ପେଟ ବାହାରିବାଟା ଆମର ସଫଳତାର ଲକ୍ଷଣ ହୋଇପଡ଼ିଲାଣି। ଆଜି ପୃଥିବୀବ୍ୟାପୀ ସମସ୍ତେ ସ୍ୱାସ୍ଥ୍ୟ ସଚେତନ ହେଉଛନ୍ତି। ଏଥିପାଇଁ କ୍ରୀଡ଼ା ବା ଖେଳକୁଦର ଯଥେଷ୍ଟ ଆବଶ୍ୟକତା ରହିଛି। ହେଲେ ଆମ ରାଜ୍ୟର ସହରୀ ଓଡ଼ିଆଙ୍କୁ ଦେଖିଲେ ସେମାନଙ୍କ ବାସ୍ତବ ସ୍ୱାସ୍ଥ୍ୟ ଠିକ୍ ଥିବା ଭଳି ମନେହୁଏ ନାହିଁ। ଏମିତିରେ ଓଡ଼ିଶାରେ ବଡ଼ ସହର ନାହିଁ। ମଧ୍ୟମରୁ ଛୋଟ ସହର ହୋଇଥିବାରୁ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ବଢ଼ି ପାରୁ ନାହିଁ। ଆମ ପୂର୍ବପୁରୁଷ ବା ଖ୍ରୀଷ୍ଟପୂର୍ବ ସମୟକୁ ଅନିଷା କଲେ ଏ ରାଜ୍ୟର ଟାଣୁଆ ଯୁବକ ନୌବାଣିଜ୍ୟରେ ଯାଇ ନିଜ ଶକ୍ତିର ପରାକାଷ୍ଠା ଦେଖାଇଥିଲେ। ଏବେ ସହରରେ ଜିମ୍ ଯାଉଥିବା ଯୁବକର ମାଂସପେଶୀ କେବେ ବି ଗାଁର ଚାଷୀର ମାଂସପେଶୀ ସହ ତୁଳନୀୟ ହୋଇପାରିବ ନାହିଁ। କାରଣ ଚାଷୀ ପରିଶ୍ରମ କରି ତା' ଶରୀରକୁ ସର୍ବଦା ଟାଗଡ଼ା କରି ରଖିଥାଏ।

ଏହି ପ୍ରଚ୍ଛଦପଟରେ ଦେଖିଲେ ଏବେ ରାଜ୍ୟରେ ଓଡ଼ିଆଙ୍କ ପାଇଁ କ୍ରୀଡ଼ାର ଜବରଦସ୍ତ ଆବଶ୍ୟକତା ରହିଛି ବୋଲି ଅନୁଭବ ହେଉଛି। ସେଥିପାଇଁ ଆଜି ଭୁବନେଶ୍ୱରଠାରେ ପୁରୁଷ ବିଶ୍ୱକପ୍ ହକି ଆୟୋଜନ କରି ଓଡ଼ିଶା ନୂଆ ସମ୍ଭାବନା ସୃଷ୍ଟି କରିଛି। ଏହାଦ୍ୱାରା ଏଠାରେ କ୍ରୀଡ଼ା ଭିତ୍ତିଭୂମି ପ୍ରତିଷ୍ଠା ହେବା ସହ ଯୁବପିଢ଼ିଙ୍କୁ ଖେଳ ପ୍ରତି ଆକର୍ଷିତ କରିବାର ସୁଯୋଗ ଦେଖାଦେଇଛି। ଯଦିଓ ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ଓ ଆମର କେତେକ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି, ତଥାପି କ୍ରିକେଟ୍ ପ୍ରେମ ସମସ୍ତଙ୍କୁ ପାଗଳ କରୁଥିଲା। ବାସ୍ତବରେ ଦେଖିଲେ ଯେଉଁ ଦେଶରେ କ୍ରିକେଟ ଜନ୍ମ ନେଇଥିଲା, ତାହା ପଛରେ ବିୟର ପିଇବାର ନିଶା ନିହିତ ଥିଲା। ଏବେ ଏଠାରେ ସେହି ଖେଳକୁ ପଛରେ ପକାଇ ହକି ଆମକୁ ଆକର୍ଷିତ କରିପାରିଥିବାରୁ ଶାରୀରିକ ଓ ମାନସିକ ସ୍ତରରେ ଆମେ ଅଧିକ ସ୍ୱାସ୍ଥ୍ୟବାନ୍ ହୋଇପାରିବା।

**ତଥାଗତ ସତପଥୀ**

ଭୁବନେଶ୍ୱର ଭଳି ଏକ ସହରରେ ହକି ବିଶ୍ୱକପ୍ ହେଉଥିବାରୁ ତାହାକୁ ସବୁ ଦିଗରୁ ସ୍ୱାଗତ କରାଯିବା ଦରକାର। ତେବେ କୌଣସି କାର୍ଯ୍ୟକୁ ଖୁଣିବା ସହଜ ହୋଇଥାଏ। ଅପରପକ୍ଷରେ ବାସ୍ତବତାକୁ ପ୍ରକାଶ କରିବାରେ ଦ୍ୱିଧା ରହିବା ଠିକ୍ ନୁହେଁ। ନିଜକୁ ମାର୍ଜିତ କରିବା ଲାଗି ନକାରାତ୍ମକ ସମାଲୋଚନାର ମଧ୍ୟ ଆବଶ୍ୟକତା ରହିଛି। ନଭେମ୍ବର ୨୭ର ଉଦ୍‌ଘାଟନୀ ସମାରୋହକୁ ଦେଖିଲେ ପ୍ରାରମ୍ଭିକ ଅବସ୍ଥାରେ କାର୍ଯ୍ୟକ୍ରମ ଅତ୍ୟନ୍ତ ଖାପଛଡ଼ା ଲାଗିଥିଲା ବୋଲି ସେଠାରେ ଉପସ୍ଥିତ ଦର୍ଶକ ନିଶ୍ଚିତ ଏକମତ ହେବେ। କାରଣ ଉପସ୍ଥାପକମାନେ କିଛି ମୁହୂର୍ତ୍ତ କହିବା ପରେ ମଞ୍ଚରୁ ଉଭାନ୍ ହୋଇଯାଉଥିଲେ। ପରେ କିଛି ସମୟ ବ୍ୟବଧାନ ଛାଡ଼ି ଦିଆଯାଉଥିଲା ବାଦ୍ୟଯନ୍ତ୍ର ଓ ଆଲୋକମାଳାକୁ ଉପଭୋଗ କରିବା ପାଇଁ। ଏହା ଅନେକ ଥର ଘଟିବାରୁ କାର୍ଯ୍ୟକ୍ରମ ଧିମେଇଗଲା ପରି ମନେହୋଇଥିଲା। ତା'ଠାରୁ ବଳିପଡ଼ିଥିଲା ବମ୍ବେରୁ ଆସିଥିବା ମହିଳା ଆର୍‌ଜେ (ରେଡିଓ ଜକି)ଙ୍କ ଦୂରଦୃଷ୍ଟିବିହୀନ ଉପସ୍ଥାପନା। ସେ ବାରମ୍ବାର ଭାରତୀୟ ଟିମ୍ ଜିତିବ ବୋଲି ଦର୍ଶକଙ୍କୁ ଚିତ୍କାର କରିବାକୁ ଉତ୍ସାହିତ କରୁଥିଲେ। ପ୍ରକୃତରେ ଖେଳୁଆଡ଼ ମନୋଭାବ ରଖିଥିବା ବା ଏପରି ଭାବନାକୁ ସମର୍ଥନ କରୁଥିବା ବ୍ୟକ୍ତି ସର୍ବଦା 'May the best team win' ଚିନ୍ତାଧାରା ପୋଷଣ କରିଥାଆନ୍ତି। ସେହି ଦୃଷ୍ଟିରୁ ଆର୍‌ଜେଙ୍କ ଭୁଲ ଦେଶପ୍ରେମ ଓଡ଼ିଶାର ଆତିଥ୍ୟକୁ ବିଶ୍ୱ ସମ୍ମୁଖରେ ନ୍ୟୂନ କରିଦେଇଛି। କାରଣ ଏଥିରେ ଅନ୍ତର୍ଜାତୀୟ ସ୍ତରର ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି ଓ ସମସ୍ତଙ୍କ ନିକଟରେ ଉତ୍କର୍ଷ କ୍ରୀଡ଼ା ପ୍ରଦର୍ଶନ କରିବାର ଦକ୍ଷତା ରହିଛି। କାର୍ଯ୍ୟକ୍ରମରେ ବାରମ୍ବାର କୁହାଯାଉଥିଲା ଯେ, ଏହା ୧୬ଟି ରାଷ୍ଟ୍ରରେ ସିଧାପ୍ରସାରଣ ହେଉଛି। ସେଭଳି ସ୍ଥାନରେ ଦେଶପ୍ରେମର ପ୍ରଦର୍ଶନ କେବେହେଲେ ଖେଳ ପ୍ରତିଯୋଗିତା ମନୋଭାବକୁ ପ୍ରୋତ୍ସାହନ ଦେବନାହିଁ। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ହେଉ ବା ଶକ୍ତିଶାଳୀ ନେଦରଲାଣ୍ଡସ୍ ଆଦି ଦେଶ, ଯେଉଁଠାରେ ଟେଲିଭିଜନ୍ ଜରିଆରେ ଦର୍ଶକ କାର୍ଯ୍ୟକ୍ରମକୁ ଦେଖିଥିବେ ସେମାନେ ନିଶ୍ଚିତ ଭାବେ ଅବୁଝା ରହିଥିବେ। ୨୦୧୪ରେ ଏଠାରେ ହକି ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ମ୍ୟାଚ ବେଳେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଯେଉଁ ପାକିସ୍ତାନ ଖେଳାଳି ଷ୍ଟାଡିୟମ୍‌ରେ ଅଶ୍ଳୀଳ ଭାଷା ବ୍ୟବହାର କରିଥିଲେ, ସେମାନଙ୍କୁ ପାକିସ୍ତାନ ହକି ସଂଘ ଦଣ୍ଡ ଦେଇଥିଲା। କିନ୍ତୁ ଜିତୁଥିବା ପାକିସ୍ତାନ ଟିମ୍‌କୁ ଭୁବନେଶ୍ୱର ଦର୍ଶକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଦୀର୍ଘ ସମୟ ପାଇଁ କରିଚାଲିଥିଲେ। ଓଡ଼ିଶାରେ ଏଭଳି ଅବାଞ୍ଛିତ ଦେଶପ୍ରେମର ପ୍ରୟୋଜନ ନାହିଁ। ଓଡ଼ିଆ ଯୁବତୀ ଯୁବକମାନେ ଅନ୍ତର୍ଜାତୀୟ ସ୍ତରର ଚିନ୍ତାଧାରା ପୋଷଣ କରିବା ସହିତ ବାସ୍ତବ ସ୍ପୋର୍ଟ୍ସମ୍ୟାନ ସ୍ପିରିଟ୍ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଏ।

## sudoku | ସୁ–ଡୋ–କୁ

3 D 8 A C 2 9
C 5 6 E
6 A D B 9
E 7 4 B 6 D 1
1 5 E
6 D B A
6 7 8 3 2 0 E 9
D 9 7 8 2 4
4 A 5 8
9 6 C 0 A 4
3 8 A 0 7
A 5 E 3 7 6 2
1 B 5 8
B 7 1 5 3 8 D
0 D E B C

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଅକ୍ଷର କେବଳ ଥରେ ଲିପି ରହିବ।

ଗତକାଲିର ଉତ୍ତର



**ନାରାୟଣ ପଣ୍ଡା**

# ନିଷ୍ପ୍ରଭ ସୂର୍ଯ୍ୟର ଇଲାକା

ଏକ ନାତିବୃହତ୍ ମଣ୍ଡଳସ୍ତରୀୟ ସାରସ୍ୱତ ସମାରୋହରେ ଉଦ୍‌ବୋଧନ ଦେଉଥିଲେ ଜଣୈକା କବୟିତ୍ରୀ– ସ୍ୱାଧୀନତାର ୭୦ବର୍ଷ ପରେ ପୁରୁଷ ସମାଜର ନାରୀମାନଙ୍କ ପ୍ରତି ଦାସୀସୁଲଭ ଆଚରଣର ବିଲୟରେଖା ଟାଣିଛନ୍ତି ସୁପ୍ରିମ୍‌କୋର୍ଟ। ଏବେ ନାରୀମାନେ ଆଉ ବ୍ୟକ୍ତିଗତ ରୁଚି, ଇଚ୍ଛା, ଅନିଚ୍ଛା, ସଂକଳ୍ପ ଓ ଅଭିଳାଷର ପୂର୍ତ୍ତି ପାଇଁ ପୁରୁଷମାନଙ୍କ ଅନୁମୋଦନ ଆବଶ୍ୟକ କରିବେ ନାହିଁ। ପୁରୁଷମାନେ ସ୍ତ୍ରୀମାନଙ୍କର ମାଲିକ ବୋଲାଇ ପାରିବେ ନାହିଁ। ସମାରୋହରେ ଶତାଧିକ ଦର୍ଶକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଥିଲେ ନିକଟସ୍ଥ ମହାବିଦ୍ୟାଳୟର ଛାତ୍ରୀ। କବୟିତ୍ରୀ କହିଚାଲିଥିଲେ– ନାରୀମାନେ ବର୍ତ୍ତମାନ ତାଙ୍କ ବିବାହିତ ଜୀବନରେ ପତିଭିନ୍ନ ଅନ୍ୟ ପୁରୁଷ ସହିତ ଶାରୀରିକ ସମ୍ପର୍କ ରଖିପାରିବେ। ଏହି ପରକୀୟା ପ୍ରୀତିକୁ ଆମ ଦେଶର ସୁପ୍ରିମ୍‌କୋର୍ଟ ସ୍ୱୀକୃତି ପ୍ରଦାନ କରିଛନ୍ତି। ପୂର୍ବରୁ ନାରୀମାନେ ଅବୈଧ ସମ୍ପର୍କରୁ ଜନ୍ମ କରୁଥିବା ସନ୍ତାନଙ୍କୁ ବଣବୁଦା, ପାଣିନାଳ କିମ୍ବା ଗୋପନୀୟ ସ୍ଥାନରେ ଫିଙ୍ଗି ଦେଉଥିଲେ। ଏହି ଅବାଞ୍ଛିତ ଶିଶୁମାନଙ୍କ ଜୀବନ ଅକାଳରେ ଝରିପଡୁଥିଲା। ବର୍ତ୍ତମାନ ସେ ସମୟ ଚାଲିଯାଇଛି। ମା'ମାନେ, ଭବିଷ୍ୟତରେ ତୁମ ଜୀବନରେ ଯଦି ଏହିଭଳି ପରିସ୍ଥିତି ସୃଷ୍ଟି ହୁଏ, ମୁଁ ତୁମକୁ କହିବାକୁ ଚାହିଁବି, ତୁମେ ସେ ପିଲାମାନଙ୍କୁ ବାହାରେ ଫୋପାଡି ନ ଦେଇ ବଞ୍ଚାଇ ରଖିବ। ଏମାନଙ୍କର ବଞ୍ଚିବାର ଅଧିକାର ରହିଛି। ଭାରତୀୟ ସଂହିତାରୁ ୪୯୭ ଧାରା ଉଚ୍ଛେଦ ଓ ପରକୀୟା ପ୍ରୀତିକୁ ଆଇନଗତ ବୈଧତା ମିଳିବା ଅବସରରେ ଜଣେ ବର୍ଷୀୟସୀ କବୟିତ୍ରୀଙ୍କର ଏହା ଥିଲା ସମାଜର ନାରୀ ଓ କିଶୋରୀମାନଙ୍କ ପ୍ରତି ସନ୍ଦେଶ। ସତେ ଯେପରି ସମାଜର ସବୁ ପୁରୁଷ ପରକୀୟା ପ୍ରୀତିରେ ପୂର୍ବରୁ ଓ ବର୍ତ୍ତମାନ ସମ୍ପୃକ୍ତ ରହୁଛନ୍ତି ଏବଂ ସେମାନଙ୍କୁ ଉଚିତ ଜବାବ ଦେବା ପାଇଁ ନାରୀମାନଙ୍କୁ ଏକ ଅପୂର୍ବ ସୁଯୋଗ ଦିଆଯାଇଛି! ଯେପରି ପରକୀୟା ପ୍ରୀତିରେ ଲିପ୍ତ ଥିବା ପ୍ରତିଟି ପୁରୁଷଙ୍କର ପତ୍ନୀମାନେ ଅନୁରୂପ କ୍ରିୟାରେ ଲିପ୍ତ ରହି ପ୍ରତିଶୋଧ ନେବାକୁ ଚାହାନ୍ତି ଏବଂ ଏହା ପୁରୁଷତନ୍ତ୍ର ବିରୋଧରେ ନାରୀମାନଙ୍କର ସମୟୋଚିତ ବିଜୟ।

ଭାରତୀୟ ନାରୀ ଗୃହାଶ୍ରମରେ ଜଣେ ପ୍ରତିବଦ୍ଧ ସେବିକା। ତା'ର ପାରିବାରିକ ଦିନଚର୍ଯ୍ୟା, ଆତିଥ୍ୟ, ଧର୍ମାନୁଷ୍ଠାନ, ଦାନପୁଣ୍ୟ ଇତ୍ୟାଦି ଗୃହର ଗରିମା ବୃଦ୍ଧିକରେ। ପତିଭିନ୍ନ ଅନ୍ୟପୁରୁଷକୁ ସ୍ପର୍ଶ କରେନାହିଁ ସେ। ବେଦରେ କୁହାଯାଇଛି, ହେ ଗୃହିଣୀ ପତିଙ୍କ ଜୀବନ ସହିତ ତୁମେ ଆଜୀବନ ଅଭିନ୍ନ ଭାବରେ ସଂଯୁକ୍ତ। ତୁମ ଦାମ୍ପତ୍ୟ ଜୀବନର ସୌରଭ ସମାଜକୁ ସୁବାସିତ କରେ। ତୁମ ଚରିତ୍ର ଓ ଆଚରଣର ଦୀପାଲୋକରେ ଗୃହ ଆଲୋକିତ ହୁଏ। ଗୃହରେ ବାସକରୁଥିବା ବୃଦ୍ଧାବୃଦ୍ଧ, ଯୁବତୀଯୁବକ, ବାଳିକାବାଳକ ଓ ଗୃହପାଳିତ ପଶୁପକ୍ଷୀ ନିର୍ବିଶେଷରେ ସମସ୍ତେ ତୁମର ପ୍ରଜା। ତୁମେ ଗୃହସାମ୍ରାଜ୍ୟର ସଂରାଜ୍ଞୀ। ନାରୀ ବିଶ୍ୱନିର୍ମାଣର ଜନ୍ମବେଦି। ଭାରତୀୟ ସଂସ୍କୃତିରେ କେଉଁଠି ନାରୀଙ୍କୁ ନୀଚ କରାଯାଇ ନାହିଁ। ଏହା ସେମାନଙ୍କର ଆତ୍ମସମ୍ମାନ ଓ ପ୍ରତିଷ୍ଠା ପ୍ରତି ସର୍ବଦା ଯତ୍ନଶୀଳ। ଦାମ୍ପତ୍ୟ ଜୀବନରେ ବେଳେବେଳେ ବିଶ୍ୱାସର ସଙ୍କଟ ସୃଷ୍ଟି ହୁଏ, ତିକ୍ତତା ଉତ୍ପନ୍ନ ହୁଏ କିନ୍ତୁ ଏହା ଭସାବାଦଲ ପରି କ୍ଷଣସ୍ଥାୟୀ। ବିବାହ ପରେ ଅନ୍ୟତ୍ର ସମ୍ପର୍କ ସ୍ଥାପନ ଏବେ ଅସାମ୍ବିଧାନିକ ନ ହୋଇପାରେ। ମାତ୍ର ଏହା ଭାରତୀୟ ସଂସ୍କୃତିର ପରିପନ୍ଥୀ। ଏଠାରେ ନାରୀ ଓ ପୁରୁଷଙ୍କୁ ଭିନ୍ନ ଭିନ୍ନ ତୂଳୀରେ ବିଚାର କରାଯାଇ ନ ପାରେ। ମହିଳାମାନେ ପତିଙ୍କର ସମ୍ପତ୍ତି ନ ହୋଇପାରନ୍ତି, କିନ୍ତୁ ସନ୍ତାନମାନଙ୍କ ପାଇଁ ମା' ଏକ ସ୍ଥାବର ସମ୍ପତ୍ତି। ମା' ନ ଥିଲେ ସନ୍ତାନମାନେ ଦିଗହରା ହେବେ। ଭୁଶୁଡିପଡିବ ସମାଜ। ଏହା ସତ୍ୟ, କେତେକ ମୁଷ୍ଟିମେୟ ଯୋନିକୀଟ ଓ ଅସାମାଜିକ ମାନସିକତାର ବ୍ୟକ୍ତିବିଶେଷ ନାରୀମାନଙ୍କୁ ଉତ୍ପୀଡ଼ନ କରିଆସୁଛନ୍ତି। ସେମାନେ ସମସ୍ତେ ଦଣ୍ଡିତ ହୋଇ ପାରୁନାହାନ୍ତି କିମ୍ବା ଆଇନର ଗଳାବାଟରେ ଖସିଯାଉଛନ୍ତି। ଏହା ସେମାନଙ୍କର ଦୋଷ ନୁହେଁ, ଦୋଷ ଆମ ବ୍ୟବସ୍ଥାର। ବିବାହ ସମୟରେ ବରକନ୍ୟା ଘୋଷଣା କରି କହିଥାନ୍ତି– ହେ ବିଶ୍ୱର ଦେବତାଗଣ, ଆପଣ ଜାଣନ୍ତୁ, ଆମ ଦୁହିଁଙ୍କ ହୃଦୟ ଏକ। ଆମେ ଆଜୀବନ ପରସ୍ପରକୁ ଧାରଣ କରି ରହିବୁ। ଶତ ବାଧାବିଘ୍ନ ସତ୍ତ୍ୱେ କେହି କାହାରିକୁ ପରିତ୍ୟାଗ ନ କରିବାର ଶପଥ ନେଉଛୁ। ଭାରତୀୟ ନାରୀ ପାଇଁ ନିଜ ପତି ସମସ୍ତଙ୍କଠାରୁ ଉତ୍କୃଷ୍ଟ। ନାରୀ ବୀରାଙ୍ଗନା। ତା'ର ସଂସାରରେ ପୁରୁଷଟି କଦବା କେମିତି ଅବାଟରେ ଗଲେ ସେ ତାକୁ ସୁପଥରେ ଆଣିବାକୁ ସାମର୍ଥ୍ୟ ରଖେ। ବିପଥଗାମୀ ପତିଙ୍କୁ ସଂଶୋଧନ କରିବା ପାଇଁ କାହାରି ସାହାଯ୍ୟ ନିଏ ନାହିଁ ସେ। କାମନାର ହୁଙ୍କାରରେ ଓ ବାସନାର ଝଙ୍କାରରେ ପତିପତ୍ନୀ ନିଜର ଅଦମନୀୟ ଜୈବିକ ପିପାସା ପୂରଣ ପାଇଁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଏବଂ ଭିନ୍ନ ଭିନ୍ନ ପୁରୁଷ ଓ ନାରୀଙ୍କ ସହିତ ମିଳିତ ହୋଇ ସୁଦ୍ଧା ଗୃହରେ ସୁଖଶାନ୍ତି ଓ ସନ୍ତୋଷର ସହିତ ସନ୍ତୁଳିତ ଦାମ୍ପତ୍ୟ ଜୀବନ ଅତିବାହିତ କରିପାରିବେ, ଏପରି ଭାବିବା ମୂର୍ଖତା ମାତ୍ର। ଏପରି ଗୃହରେ ବୈକୁଣ୍ଠର ସ୍ନିଗ୍ଧଶୀତଳ ପବନ ପ୍ରବାହିତ ହେବନାହିଁ। ଭିନ୍ନ ଭିନ୍ନ ସ୍ଥାନରେ କାର୍ଯ୍ୟରତ ପୁରୁଷ ଓ ସ୍ତ୍ରୀ ଭିନ୍ନ ଭିନ୍ନ ହୋଟେଲରୁ ଖାଇ ଘରକୁ ଫେରିବା ଓ ଭିନ୍ନ ଭିନ୍ନ ସ୍ଥାନରୁ ଦୈହିକ କ୍ଷୁଧା ନିବାରଣ କରି ଘରେ ସନ୍ତାନମାନଙ୍କ ସହିତ ରହିବାରେ ସୁସ୍ଥ ପାରିବାରିକ ଜୀବନ ଉପଲବ୍ଧ ହୁଏ ନାହିଁ। ବୈବାହିକ ଜୀବନରେ ପୁରୁଷ ଓ ସ୍ତ୍ରୀ ପରସ୍ପର ଗୃହ ବାହାରେ ଯୌନ ସ୍ୱାଧୀନତା ଉପଭୋଗ କରିବେ, ଏହା ଗୃହାଚାର ନୁହେଁ। ସାଂସାରିକ ଜୀବନରେ ଯୌନାଚାର ଏକମାତ୍ର ଅଭିଳଷିତ ଲକ୍ଷ୍ୟ ନୁହେଁ। ବିବାହ ଦୁଇଟି ହୃଦୟର ମିଳନ। ହୃଦୟରେ ପରସ୍ପର ପ୍ରୀତି ଓ ସଂକଳ୍ପର ଆହୁତି ପ୍ରଦାନ କରି ଗୃହାଗ୍ନିକୁ ପ୍ରଜ୍ୱଳିତ କରି ରଖୁଥିବା ପତିପତ୍ନୀ ଉଭୟଙ୍କର ସାଧନାକ୍ଷେତ୍ର ଗୃହସଂସ୍ଥାକୁ କେବେ ଅପବିତ୍ର କରିବାକୁ ଚାହିଁବେ ନାହିଁ। ପରନ୍ତୁ ଜୈବିକ ଆକର୍ଷଣ ଏକ ମାନବିକ ପ୍ରବୃତ୍ତି। ସମୟେ ସମୟେ ଏମାନଙ୍କ ମଧ୍ୟରୁ କାହାରି ପାଦ ଖସେ। ଏଥିରେ ତାଙ୍କର ବିପରୀତ ଅଙ୍ଗ ସର୍ବାଧିକ ସହିଷ୍ଣୁତା ଅବଲମ୍ବନ କରିବା କଥା। ସମବେଦନା ଓ ସହାନୁଭୂତିର ସଦ୍‌ଗୁଣରେ ପରସ୍ପର ଭୂଷିତ ହେବା ଦାମ୍ପତ୍ୟଜୀବନର ମୂଳମନ୍ତ୍ର। ଏଥିରେ ଅସଲ ତ୍ୟାଗ ଓ କର୍ତ୍ତବ୍ୟବୋଧ ନିହିତ ଅଛି। କ୍ଷମା ଓ ତ୍ୟାଗରେ ଦାମ୍ପତ୍ୟ ଜୀବନର ସିଦ୍ଧି ଦୁନ୍ଦୁଭିତ ହୁଏ।

୪୯୭ ଧାରାର ଉଚ୍ଛେଦ ସମାଜକୁ ଏପରି ସନ୍ଦେଶ ନ ଦେଉ ଯେ ପରିବାରର କେହି ଜଣେ ଭୁଲ୍ କଲେ ଅପର ଜଣକ ଭୁଲ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବ। ଉକ୍ତ ଆଇନର ପ୍ରତ୍ୟାହାର ପାଇଁ ଏବେ ମୃଦୁ ପ୍ରତିକ୍ରିୟା ସୃଷ୍ଟି ହେଉଛି। ଗଣମାଧ୍ୟମରେ ଏହାର ବ୍ୟାପକ ଆଲୋଚନା କିଶୋରୀ, ଯୁବତୀ ଓ ଗୃହିଣୀମାନଙ୍କ ମନୋଭୂମିରେ ନବସୀତ୍କାରର କଲ୍ଲୋଳ ସୃଷ୍ଟି କରିଛି। ସେମାନଙ୍କର ଏଥିପ୍ରତି ସମର୍ଥନ ଅଧିକରୁ ଅଧିକ ବଢୁଛି। ଜୀବନ ରାସ୍ତାରେ ପାଦ ଖସିଗଲେ ଅନ୍ତତଃ ଦୋଷାରୋପର ଶିକାର ହେବେ ନାହିଁ, ଏକ ନୀରବ ଆଶ୍ୱସ୍ତି ସେମାନଙ୍କ ପ୍ରାଣମନରେ ଝଲସି ଉଠୁଛି। ଅନେକ କ୍ଷେତ୍ରରେ ଗୃହିଣୀମାନଙ୍କ ମନରେ ସୃଷ୍ଟି ହୋଇଛି ଆନ୍ଦୋଳନ। ଅନ୍ତତଃ ସେମାନେ କାହାରି ଅଧୀନ ନୁହନ୍ତି ଏବଂ ନିଜ ଇଚ୍ଛାର ସାମନ୍ତାଣୀ, ଏହା ସେମାନଙ୍କ କାର୍ଯ୍ୟରେ ଧୀରେ ଧୀରେ ପ୍ରକାଶିତ ହେଉଛି। ସ୍ୱାମୀ ଜଣକ ଠିକ୍ ସମୟରେ ଘରକୁ ନ ଫେରିଲେ ପ୍ରତୀକ୍ଷାର ଯାତନା କର୍କଶ କରୁଛି ତାଙ୍କୁ। ମୁଁ ତୁମର କିଙ୍କର ନୁହେଁ। ଛାତିତଳୁ ତାଙ୍କର ଅସହିଷ୍ଣୁତା ପ୍ରତିଧ୍ୱନି ତୋଳୁଛି। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ବିଶ୍ୱାସ, ଅନୁରାଗ ଓ ସହଯୋଗ ହିଁ ପରିବାରର ଅପରିହାର୍ଯ୍ୟ ବିଭବ। ଏହା ନ ଥିଲେ ପରିବାରର ଶୃଙ୍ଖଳା ଆସିବ କେଉଁଠୁ ? କୋମଳମତି ଶିଶୁମାନେ ମାନିବେ କାହାକୁ? ଧୀରେ ଧୀରେ ଅଶାନ୍ତ ହୋଇଉଠିବ ପାରିବାରିକ ଜୀବନ। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏହି ଚିତ୍ର ହୁଏତ ଦୂର ଭବିଷ୍ୟତରେ ଦୃଶ୍ୟମାନ ହେବ। ପୂର୍ବରୁ 'ସମ୍ପର୍କରେ ବାସ କରିଥିବା' ଯୁବତୀଯୁବକଙ୍କ ମନରେ ନୂଆ ଢଙ୍ଗର ଜୀବନଚର୍ଯ୍ୟା ପାଇଁ ଆଗ୍ରହ ବଢିବ। ବିଶେଷକରି ଗୃହଠାରୁ ଦୂରରେ ରହୁଥିବା କର୍ମଜୀବୀ ନାରୀପୁରୁଷମାନଙ୍କ କ୍ଷେତ୍ରରେ ଏହା ଏକ ସାଧାରଣ ଘଟଣା ହେଲାଣି। ଯୁବତୀଯୁବକମାନେ ବିନା ବିଚାରରେ ଏଭଳି ସମ୍ପର୍କରେ ରହିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବିବାହ କରିବେ, ପରିବାର ଗଠନ କରିବେ। ଭବିଷ୍ୟତରେ ଏହା ସବୁ ନିର୍ବିଘ୍ନରେ ଯିବନାହିଁ। ପ୍ରାକ୍‌ବିବାହ ଜୀବନର ସମ୍ପର୍କ ଲୁଚି ଲୁଚି ସେମାନଙ୍କ ମନରେ ଆତ୍ମପ୍ରକାଶ କରିବ। ପୁନଶ୍ଚ ସୃଷ୍ଟିହେବ ଦୁର୍ବଳତା। ୪୯୭ର ଉଚ୍ଛେଦ ଏଥିରେ ଅନୁକୂଳ କ୍ଷେତ୍ର ସୃଷ୍ଟି କରିପାରେ। ଅଧିକାରର ସମବଣ୍ଟନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହାର ନଗ୍ନ ବ୍ୟବହାର ସମାଜ ପାଇଁ ମଙ୍ଗଳଦାୟୀ ହେବା ପରିବର୍ତ୍ତେ ସମାଜକୁ ଏକ ନିଷ୍ପ୍ରଭ ସୂର୍ଯ୍ୟର ଇଲାକାରେ ପରିଣତ କରିବ।

ନୂଆବନ୍ଧସାହି, ନବରଙ୍ଗପୁର, ମୋ–୯୪୩୭୦୧୮୯୬୨



**ସଂଗ୍ରାମ କେଶରୀ ପୃଷ୍ଟି**

# ସୁନା ପଚାରଇ ଲୁହାକୁ

ସ୍ନେହ-ପ୍ରେମ-ମମତା ଏବଂ ବିଶ୍ୱାସକୁ ନେଇ ଗଢି ଉଠୁଥିବା ସୁନ୍ଦର ଓ ମଧୁର ଶବ୍ଦଟିଏ ହେଉଛି ସମ୍ପର୍କ। ଭଲପାଇବା ଓ ବିଶ୍ୱାସ ଥିଲେ ପର ବି ଆପଣାର ପାଲଟିଯାଏ ଓ ଏହାର ଅଭାବରେ ଆପଣା ଲୋକ ବି ପର ହୋଇଯାଏ। ସାମ୍ପ୍ରତିକ ସମାଜରେ ସମ୍ପର୍କ କ୍ରମଶଃ କଳୁଷିତ ହେବାରେ ଲାଗିଛି। ଏହାର ମୂଳ କାରଣ ହେଉଛି ବିଶ୍ୱାସର ଅଭାବ, ଯେଉଁଥିପାଇଁ କି ଆପଣା ଲୋକଙ୍କ ଦ୍ୱାରା ଭୋଗିବାକୁ ପଡୁଛି ଯାବତୀୟ ଯାତନା।

ସବୁ କଷ୍ଟଠାରୁ ସମ୍ପର୍କୀୟଙ୍କ ଦ୍ୱାରା ମିଳୁଥିବା ଯାତନା ଅଧିକ ଯନ୍ତ୍ରଣାଦାୟକ। ଏଥିରେ ନା କିଛି କହିହୁଏ ନା ସହିହୁଏ। ଜୀବନରେ ସବୁଠୁ ଭଲ ପାଉଥିବା ଲୋକମାନେ ଦୁଃଖ ଦେଲାବେଳେ ଆଖିରୁ ଲୁହ ନୁହେଁ ଲହୁ ଝରେ। ମଣିଷରୁ କ୍ରମଶଃ ଅମଣିଷ ପାଲଟିବାର ମୁଖ୍ୟ କାରଣ ହେଉଛି ସ୍ୱାର୍ଥ। ଏହା ମନରେ ଏମିତି ବସା ବାନ୍ଧି ବସେ ଯେ, ସେଥିପାଇଁ ତୁଚ୍ଛ ପାଲଟିଯାଏ ସମ୍ପର୍କ। ପୂର୍ବରୁ ପାଇଥିବା ଉପକାର ଆଖିରେ ଦେଖାଯାଏ ନାହିଁ। ଯାହା ଦେଖାଯାଏ ତାହା ହେଉଛି ଦୋଷ। ପରିବାରରେ ଆସେ ବିପର୍ଯ୍ୟୟ। ସରିଯାଏ ହସଖୁସି। ଏମିତି ସମୟ ଆସେ, ଆଖିରୁ ଲୁହ ପୋଛିବାକୁ ପାଖରେ କେହି ନ ଥାନ୍ତି। ଅଜାଗା ଘା ନା ଦେଖିହୁଏ ନା ଦେଖାଇ ହୁଏ।

ପରିବାରରେ ଝିଅ–ବୋହୂ ମଧ୍ୟରେ ମନାନ୍ତର–ମତାନ୍ତର ସାଧାରଣ କଥା। ତେବେ ଦୁଃଖର ବିଷୟ ଏଠି ଝିଅର ଭୁଲକୁ ଲୁଚାଯାଏ ଅଥଚ ବୋହୂର ଭୁଲକୁ ସର୍ବସାଧାରଣରେ ପ୍ରକାଶ କରାଯାଏ। ବୋହୂକୁ ପୁଅ ଅଧୀନରେ ରଖି ତାକୁ ଯନ୍ତ୍ରଣା ଦିଆଯାଏ। ତେଣେ ଝିଅ କେମିତି ତା' ସ୍ୱାମୀକୁ ନିଜ ନିୟନ୍ତ୍ରଣରେ ରଖିବ ତାକୁ ମନ୍ତ୍ରଣା ଦିଆଯାଏ। ଘରକୁ ନୂଆବୋହୂର ଆଗମନ ପରେ ଘରେ କୌଣସି ଦୈବୀ ଦୁର୍ଘଟଣା ଘଟିଲେ ସବୁ ଦୋଷ ତା' ମୁଣ୍ଡକୁ ଯାଏ। ବାହାର ଲୋକଙ୍କ ଯାତନା ସହିହୁଏ ମାତ୍ର ଆତ୍ମୀୟସ୍ୱଜନ ତା' ଉପରୁ ହରାଇଥିବା ଆସ୍ଥା ଭରସା ପାଇଁ ବୋହୂଟି ଭୀଷଣ ମାନସିକ ଯନ୍ତ୍ରଣା ପାଇଥାଏ।

ପାରିବାରିକ ରକ୍ତଗତ ସମ୍ପର୍କରେ ତିକ୍ତତା ପଛର ପ୍ରମୁଖ କାରଣ ହେଲା ସମ୍ପତ୍ତିବାଡି, ଯାହାକୁ ନେଇ ଦେଖାଦିଏ ବିବାଦ। କ୍ରମଶଃ ତାହା ଉଗ୍ରରୂପ ଧାରଣ କରେ। ସମ୍ପର୍କରେ ଫାଟ ସୃଷ୍ଟି ହୁଏ। ମୁହୂର୍ତ୍ତକ ମଧ୍ୟରେ ବଦଳିଯାଆନ୍ତି ଘରର ମଣିଷମାନେ। ଗୋଟିଏ ଛାତ ତଳେ ରହି ମଧ୍ୟ ପରସ୍ପର ପ୍ରତି ଥାଏ ପ୍ରତିଶୋଧର ଭାବନା। ଜଣେ କେହି ରୋଗଶଯ୍ୟାରେ ପଡି ଛଟଛଟ ହେଉଥିଲେ ମଧ୍ୟ ଅନ୍ୟ କାହାର ସମବେଦନା ନ ଥାଏ। ରୋଗଯନ୍ତ୍ରଣାଠାରୁ ଏ ଯାତନା ବଳିପଡେ। ଘର ଅଗଣାରେ ଝୁଣ୍ଟିପଡି ଅବୋଧ–ନିଷ୍ପାପ ଶିଶୁଟି ରାହା ଧରି କାନ୍ଦୁଥିବା ବେଳେ ରକ୍ତ ସମ୍ପର୍କର ମଣିଷଙ୍କ ମଧ୍ୟରୁ କାହାର ହାତ ସେ ଆଡକୁ ଯାଏନି। କାହିଁକି ନା ତାଙ୍କ ହାତ ସ୍ୱାର୍ଥରେ ହିଁ ବନ୍ଧାଥାଏ। ଅଧିକାଂଶ ଶିଶୁ ଯୌନ ନିର୍ଯାତନା ଓ ବ୍ୟଭିଚାର ପଛରେ ଦାୟୀ ରହନ୍ତି ନିକଟ ସମ୍ପର୍କୀୟ।

ସମ୍ପର୍କୀୟଙ୍କ ଯାତନାରୁ ବାଦ୍ ପଡନ୍ତି ନାହିଁ ଜନ୍ମ ଦେଇଥିବା ବୃଦ୍ଧ ମାତାପିତା। ଯେଉଁ ମାତାପିତା ଜନ୍ମ ଦେଇଥିବା ପାଞ୍ଚ ପିଲାଙ୍କ ପାଇଁ ନିଜ ସମଗ୍ର ଜୀବନକୁ ଉତ୍ସର୍ଗ କରିଦେଇଥାନ୍ତି, ସେମାନେ ବଡ ହୋଇଗଲା ପରେ ମାତାପିତାଙ୍କ ଭରଣପୋଷଣ ପାଇଁ ପାଞ୍ଚ ଜଣକ ମଧ୍ୟରେ ଭାଗ ବସାନ୍ତି। ସେଥିରେ ପୁଣି ଦିଆଯାଏ ଯାବତୀୟ ମାନସିକ ନିର୍ଯାତନା। ସେମାନେ ରୋଗଶଯ୍ୟାରେ ପଡିଥିଲେ ସେବାଶୁଶ୍ରୂଷା ତ ଦୂରର କଥା ଔଷଧ ପଥିର ବି ଅଭାବ ଘଟେ। ଆଦରଯତ୍ନ ତ ବହୁ ଦୂରରେ। ଖାଲି ସେତିକି ନୁହେଁ, ମୃତ୍ୟୁ ପରେ ବି ଭୋଗିବାକୁ ପଡେ ଯାତନା। ଶବ ପାଇଁ କାନ୍ଧର ଅଭାବ ଘଟେ। ମଡା ବାସି ପାଲଟିଯାଏ। ନିଜ ଅହଂକାରକୁ ନେଇ ସମାଜରେ ପ୍ରତିଷ୍ଠିତ ସେହି ପୁଅମାନେ ଅଲଗା ଅଲଗା କ୍ରିୟାକର୍ମ କରି ଆଭିଜାତ୍ୟ ଦେଖାଇବାରେ ଲାଗିପଡନ୍ତି। ଅଗତ୍ୟା ମୃତ୍ୟୁ ପରେ ମଧ୍ୟ ସେ ଅଦୃଶ୍ୟ ଆତ୍ମା ସମ୍ପର୍କର ଯାତନା ସହିବାକୁ ବାଧ୍ୟ ହୁଏ।

ରୁଗ୍‌ଣ ମାନସିକତା ହିଁ ମଣିଷପଣିଆର ବିପର୍ଯ୍ୟୟ ଘଟାଏ। କେତେକ ନିଜର ଔଦ୍ଧତ୍ୟ ଓ ବଡିମା ପ୍ରଦର୍ଶନ କରିବାକୁ ଯାଇ ନିଜ ଲୋକଙ୍କୁ ଶାରୀରିକ ଓ ମାନସିକ ଯାତନା ଦେବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ। ଆବଶ୍ୟକ ସ୍ଥଳେ ନିଜ ଲୋକକୁ ପାଗଳର ଆଖ୍ୟା ଦେଇ ତା' ଗୋଡରେ ବେଡି ପକାଇ ଘର ଭିତରେ ବନ୍ଦୀ କରାଯାଏ। ସତ କହୁଥିବା ଲୋକର ମୁହଁ ବନ୍ଦ କରିବା ପାଇଁ ସେ ଯେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରେ। ଗଛର ଖଣ୍ଡେ କାଠ ବେଣ୍ଟଟିଏ ସାଜି କୁରାଢି ଦେହରେ ପଶେ ଓ ତାକୁ ଜନ୍ମ ଦେଇଥିବା ଗଛକୁ କାଟେ। କୁରାଢିର ଆଘାତ ଗଛକୁ ଯେତିକି ଯନ୍ତ୍ରଣା ଦେଇ ନ ଥାଏ ତା'ଠୁ ଅଧିକ ଯନ୍ତ୍ରଣା ଦିଏ ବେଣ୍ଟର ଏ ଭାବନା।

ଗୋଟିଏ ଜାଗାରେ ଥିଲା ଦୁଇଟି ଦୋକାନ। ଗୋଟିଏ ବଣିଆ ଦୋକାନ ଓ ଅନ୍ୟଟି କମାରଶାଳ। ତେବେ କାମ କରୁଥିବା ବେଳେ ବଣିଆ ଦୋକାନରୁ କମ୍ ଶବ୍ଦ ଆସୁଥିବା ବେଳେ କମାରଶାଳରୁ ଅଧିକ ଶବ୍ଦ ଆସୁଥିଲା। ଦିନେ ଛିଟିକି ପଡିଥିବା ଲୁହାଖଣ୍ଡକୁ ଦେଖି ସୁନାଖଣ୍ଡ ପଚାରିଲା– ଆମ ଦୁହିଁଙ୍କୁ ତ ସମାନ ହାତୁଡିରେ ପିଟାଯାଉଛି। ନିଆଁରେ ବି ତରଳାଯାଉଛି। ଦୁହିଁଙ୍କ କଷ୍ଟ ବି ସମାନ। ହେଲେ ତୁମେ ବେଶି ଚିତ୍କାର ଛାଡୁଛ କାହିଁକି? ଲୁହାଖଣ୍ଡ ଉତ୍ତର ଦେଲା– ଭାଇ ତୁମେ ସୁନା କିନ୍ତୁ ତୁମକୁ ଲୁହା ହାତୁଡି ପିଟୁଛି। ମୁଁ ଲୁହା ଆଉ ମୋତେ ସେଇ ଲୁହା ହାତୁଡି ପିଟୁଛି। ଅନ୍ୟମାନେ କଷ୍ଟ ଦେଲେ ଯେତେ ବାଧେ ନାହିଁ, ନିଜ ଲୋକ କଷ୍ଟ ଦେଲେ ବହୁତ ବାଧେ। ତେଣୁ ମୁଁ ବିକଳରେ ଚିତ୍କାର ଛାଡୁଛି।

ଏ ଦୁନିଆଟା ଏମିତି ଯେ ଶହେଟି ଭଲ କାମ କରି ଗୋଟିଏ ଭୁଲ କାମ କଲେ ଲୋକମାନେ ସବୁ ଭୁଲିଯିବେ, କେବଳ ଭୁଲ କାମଟିକୁ ମନେ ରଖିଥିବେ। ଆଉ ତାକୁ ଠିକ୍ ସମୟରେ ପ୍ରୟୋଗ କରିବେ। ସମ୍ପର୍କ ଭିତରେ ଏ ଭାବନା ବେଶ୍ କଷ୍ଟ ଦିଏ। ଆତ୍ମଘାତୀ କାର୍ଯ୍ୟ ମାରାତ୍ମକ ନିଶ୍ଚିତ। ସମ୍ପର୍କରେ ବାଧା ସୃଷ୍ଟି କରୁଥିବା ମଣିଷମାନେ ଜଣେ ଜଣେ ବିଶ୍ୱାସଘାତକ। ସକାରାତ୍ମକ ଚିନ୍ତାଧାରା ଓ ନିଃସ୍ୱାର୍ଥପର ଭାବନା ସମ୍ପର୍କକୁ ବଜାୟ ରଖିପାରିବ। ଅନ୍ୟର ହସ ଭିତରର କଷ୍ଟ, ରାଗ ଭିତରର ଭଲପାଇବା ଓ ନୀରବତା ଭିତରର ଅପେକ୍ଷାକୁ ବୁଝିପାରିଲେ ସମ୍ପର୍କ ସୁଦୃଢ ହୋଇପାରିବ। ସେଠି ନା ରହିବ ଯାତନା ନା ରହିବ ପ୍ରତାରଣା। ଥିବ ପ୍ରଚୁର ଭଲ ପାଇବା।

ରାଜକିଶୋରନଗର, ଅନୁଗୋଳ,
ମୋ–୯୪୩୭୫୪୭୧୪୬

## ଏଇ ଭାରତରେ

ସରକାର ଅନେକ ଯୋଜନା ଘୋଷଣା କରନ୍ତି। କିନ୍ତୁ ତନ୍ମଧ୍ୟରୁ କେତେକ ଯୋଜନା ଲୋକଙ୍କ ପାଖରେ ପହଞ୍ଚିପାରେ ନାହିଁ। ଆଉ କେତେକ ଯୋଜନା ଲୋକଙ୍କ ଦ୍ୱାରଦେଶରେ ପହଞ୍ଚୁଥିଲେ ବି ତାହା ଠିକ୍‌ଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ। ଲୋକଙ୍କୁ ମିଳିଛି ସରକାରୀ ମୋବାଇଲ୍। ଅଥଚ ତାହା ବ୍ୟବହାର କରିବାକୁ ଲୋକଙ୍କୁ ଚଢ଼ିବାକୁ ପଡୁଛି ଗଛ। ଏଥିରେ ପୁଣି ଜୀବନ ପ୍ରତି ବିପଦ ଅଛି। ଏପରି ଘଟଣା ଦେଖିବାକୁ ମିଳିଛି ଛତିଶଗଡ଼ର ଜଗଦଲପୁର ଅନ୍ତର୍ଗତ କାଓ୍ୱାପାଲ ଅଞ୍ଚଳରେ। ଏଠାରେ ମୋବାଇଲ୍ ନେଟ୍‌ଓ୍ୱର୍କ ଧରୁନି। ସଞ୍ଚାର କ୍ରାନ୍ତି ଯୋଜନାରେ ଏଠାକାର ବାସିନ୍ଦାମାନଙ୍କୁ ମାଗଣାରେ ମୋବାଇଲ୍ ହ୍ୟାଣ୍ଡସେଟ୍ ଯୋଗାଇ ଦିଆଯାଇଛି। ମାତ୍ର ଏଠାରେ କୌଣସି ଟାଓ୍ୱାର ନ ଥିବାରୁ ଲୋକେ ମୋବାଇଲ୍ ସେବାର ଲାଭ ଉଠାଇ ପାରୁନାହାନ୍ତି। ମୋବାଇଲ୍‌ରେ କଥାବାର୍ତ୍ତା ହେବାପାଇଁ ଲୋକଙ୍କୁ ୫୦ଫୁଟ ଉଚ୍ଚ ଗଛରେ ଚଢ଼ିବାକୁ ପଡୁଛି। ଏଥିପାଇଁ ଗଛକୁ ଲଗାଇ ଏକ ସ୍ଥାୟୀ ଶିଡି ନିର୍ମାଣ କରାଯାଇଛି। ରାତିରେ ଗର୍ଭବତୀ ମହିଳାଙ୍କର ଯନ୍ତ୍ରଣା ହେଲେ ଗଛରେ ଚଢ଼ି ସଞ୍ଜୀବନୀ ଏକ୍ସପ୍ରେସ୍‌କୁ କଲ୍ କରିବାକୁ ପଡୁଛି। ଏହି ଅଞ୍ଚଳକୁ ସ୍ଥାୟୀ ସଡକପଥ ନିର୍ମାଣ କରାଯାଇଥିଲେ ହେଁ ସ୍ୱାସ୍ଥ୍ୟସେବାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚୁ ନ ଥିବା ଅଭିଯୋଗ ହେଉଛି।

## ଚିରନ୍ତନୀ

ସିନେମା ଯିବାକୁ ଟ୍ୟାକ୍ସିରେ ଚଢ଼ି
ତରୁଣ ବନ୍ଧୁ ଡାକଇ ଆସ
''ଛାତିର ବ୍ରୋଚ୍‌ଟା ଦିଏ ମୁଁ ସଜାଡ଼ି
ନ ହେଲେ ନ ହେଉ ଆଇ ଏ ପାଶ।''
(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୮ ନଭେମ୍ବର ୧୯୯୩

- ପାକିସ୍ତାନ ନିଜ ନୌବାହିନୀର ଜାହାଜଗୁଡ଼ିକର ଆଧୁନିକୀକରଣ କରିବାକୁ ୧୦୦ ନିୟୁତ ଡଲାର ଅର୍ଥ ବ୍ୟୟ କରିବାକୁ ନିଷ୍ପତ୍ତି ନେଇଛି।
- ଇରାକ ନିଜର ପ୍ରତିରକ୍ଷା ଘାଟି ଓ ଅସ୍ତ୍ରଶସ୍ତ୍ର ଦୀର୍ଘମିଆଦୀ ସୂତ୍ରରେ ତଦାରଖ ପାଇଁ ଜାତିସଂଘକୁ ଅନୁମତି ଦେଲା।

## ପାଠକ ଶ୍ରେଷ୍ଠ ବିଚାରକ

### ମୁହଁରେ କପଡ଼ା ବାନ୍ଧିବା ବନ୍ଦ ହେଉ

ମହାଶୟ,

ଦୁଇଚକିଆ ଯାନ ଚଳାଇବା ବେଳେ ହେଲମେଟ୍ ପିନ୍ଧିବା ଜରୁରୀ, ଯାହାକି ଛୋଟବଡ ଦୁର୍ଘଟଣା ତଥା ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରେ। ହେଲେ ଆଜିକାଲି ଦେଖିବାକୁ ମିଳୁଛି ବାରମ୍ବାର ସଚେତନ କରାଗଲେ ମଧ୍ୟ ବିଶେଷତଃ ମହିଳାମାନେ ମୁଣ୍ଡରେ ହେଲମେଟ୍ ପିନ୍ଧିବା ବଦଳରେ ମୁହଁରେ କପଡା ବାନ୍ଧି ମୁହଁକୁ ସମ୍ପୂର୍ଣ୍ଣ ଲୁଚାଇ ରଖୁଛନ୍ତି। ଉଦ୍ଦେଶ୍ୟ ସେମାନଙ୍କୁ କେହି ଚିହ୍ନି ନ ପାରନ୍ତୁ। ସିନେମା, ପାର୍କ ହୋଟେଲ ଆଦି ସ୍ଥାନକୁ ଗଲେ ବା କୌଣସି ବୟଫ୍ରେଣ୍ଡ ସହିତ ବୁଲିଲେ କେହି ଚିହ୍ନିପାରିବେ ନାହିଁ। ତେଣୁ ଏହା ଉପରେ ସରକାରୀ ସ୍ତରରେ କଟକଣା ହେବା ଉଚିତ।

ମହେନ୍ଦ୍ର ନାଥ ରାଉତ, ସହକାରୀ ଶିକ୍ଷକ, ମହାବୀର ହାଇସ୍କୁଲ, ବରିମୁଣ୍ଡେଇ, ନିଆଳି, କଟକ

### ଶିକ୍ଷା ଓ ନୈତିକ ମୂଲ୍ୟବୋଧ

ଆଗରୁ ପିଲାମାନେ ଆଦର୍ଶ ନୀତିନିଷ୍ଠ ମଣିଷ ହେବା ପାଇଁ ପ୍ରାଥମିକ ସ୍ତରରୁ ଶିକ୍ଷା ପାଉଥିଲେ। କିନ୍ତୁ ଆଜିକାଲି କେଉଁ ପାଠ ପଢିଲେ ଅଧିକ ଧନ ରୋଜଗାର ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ସ୍ଥିର କରାଯାଉଛି। ମଣିଷ ଯେତେ ଜ୍ଞାନର ଅଧିକାରୀ ହେଲେ ମଧ୍ୟ ଯଦି ତା'ର ନୈତିକତା, ସାଧୁତା ଓ ମାନବିକତା ନାହିଁ ତେବେ ସେ ଜ୍ଞାନର ମୂଲ୍ୟ କିଛିନାହିଁ। ନୈତିକତା ବିହୀନ ଜ୍ଞାନ ମଣିଷକୁ ଅବାଟରେ ନେଇଯାଏ। ଫଳରେ ମଣିଷ ଅସାଧୁ ଓ ଦୁର୍ନୀତିଗ୍ରସ୍ତ ହୁଏ। ତେଣୁ ଶିକ୍ଷା ସହିତ ନୈତିକତା ଶିକ୍ଷା ଦିଆଗଲେ ଭବିଷ୍ୟତରେ ଜଣେ ଛାତ୍ର ଭଲ ମଣିଷ ହେବା ସହ ନିଜର ଓ ସମାଜର ମଙ୍ଗଳ କରିପାରିବ। ଏ ପରିପ୍ରେକ୍ଷୀରେ ଧରିତ୍ରୀ (୧୦।୧୧)ରେ ପ୍ରକାଶିତ ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ଲେଖା 'ଶିକ୍ଷା ଓ ନୈତିକ ମୂଲ୍ୟବୋଧ' ଅତ୍ୟନ୍ତ ଶିକ୍ଷଣୀୟ।

ଭଗବାନ ଦାସ, 'ହରି ନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"ପାକିସ୍ତାନ ଉପରେ ଯେପରି କେହି ଖରାପ ନଜର ପକାଇ ନ ପାରିବେ ସେଥିଲାଗି ଆମେ ପ୍ରସ୍ତୁତ ଅଛୁ। ଆମ ପାଖରେ ଯଥେଷ୍ଟ ଅସ୍ତ୍ରଶସ୍ତ୍ର ମହଜୁଦ ରହିଛି।

- ଅରିଫ୍ ଅଲ୍ୱି, ପାକିସ୍ତାନ ରାଷ୍ଟ୍ରପତି

# ଫିଟୁନି ସମାଧାନ ବାଟ

**ସାବରିମାଳା ବିବାଦ**

- ବେସରକାରୀ ବିଲ୍ ଖାରଜ କଲେ କେରଳ ବାଚସ୍ପତି
- ରେହାନା ଫାତିମା ଗିରଫ

ଥିରୁଭାନନ୍ତପୁରମ୍,୨୭।୧୧(ପି.ଟି.)

କେରଳର ପ୍ରସିଦ୍ଧ ସାବରିମାଳା ମନ୍ଦିରରେ ମହିଳାଙ୍କ ଦର୍ଶନକୁ ନେଇ ଲାଗିରହିଥିବା ବିବାଦ ତୁଟୁନାହିଁ। ସମସ୍ୟାର ସମାଧାନ ଲାଗି ଏକ ବିଧେୟକ ଆଣିବାକୁ କଂଗ୍ରେସ ବିଧାୟକ ଏମ୍. ଭିନ୍‌ସେଣ୍ଟ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏହି ବେସରକାରୀ ବିଲ୍‌କୁ ବିଧାନସଭାରେ ଉପସ୍ଥାପନ କରିବାକୁ ଅନୁମତି ଦେଲେ ନାହିଁ ବାଚସ୍ପତି ପି. ଶ୍ରୀରାମକ୍ରିଷ୍ଣନ୍। ଭଗବାନ ଆୟାପ୍ପାଙ୍କ ଭକ୍ତଙ୍କୁ ପୃଥକ୍ ଧର୍ମୀୟ ଗୋଷ୍ଠୀ ଭାବେ ପରିଗଣିତ କରିବା ସହ ସେମପାଙ୍କ ପ୍ରଥା ଓ ପରମ୍ପରା ରକ୍ଷା ଲାଗି ନୂଆ ଆଇନ ଆଣିବା ପାଇଁ ଏଲ୍‌ଡିଏଫ୍ ସରକାର ଚିନ୍ତା କରନ୍ତୁ ବୋଲି ଉକ୍ତ ବିଲ୍‌ରେ ଦର୍ଶାଯାଇଛି। କିନ୍ତୁ ଏ ସଂକ୍ରାନ୍ତ ବିଲ୍ ଆଣିବା ଅସାମ୍ବିଧାନିକ ବୋଲି ଆଇନ ବିଭାଗ ପରାମର୍ଶ ଦେବା ପରେ ତାହା ଖାରଜ ହୋଇଯାଇଥିବା ବାଚସ୍ପତିଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ସବୁ ବୟସର ମହିଳାଙ୍କୁ ଭଗବାନ ଆୟାପ୍ପାଙ୍କ ଦର୍ଶନ ଲାଗି ଅନୁମତି ମିଳୁ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ତାହାକୁ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟର ସିପିଏମ୍ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାର ବିରୋଧ ସମ୍ମୁଖୀନ ହେଉଛନ୍ତି। ଗତମାସ ସାବରିମାଳା ମନ୍ଦିରକୁ ପ୍ରବେଶ ଲାଗି ଉଦ୍ୟମ କରିଥିବା ସାମାଜିକ କର୍ମୀ ରେହାନା ଫାତିମାଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଫେସ୍‌ବୁକ୍‌ରେ ବିବାଦୀୟ ପୋଷ୍ଟ କରି ସେ ଲୋକଙ୍କ ଧର୍ମୀୟ ଭାବନାକୁ କୁଠାରାଘାତ କରିଥିବା ସେ ଦର୍ଶାଇଛନ୍ତି। ସେପଟେ ସାବରିମାଳା ବିବାଦକୁ ନେଇ ଭାଜପା ପକ୍ଷରୁ ମଙ୍ଗଳବାର ପଣ୍ଡିଚେରୀରେ ବନ୍ଦ ପାଳନ ହୋଇଥିଲା।



ରେହାନା ଫାତିମା

## ସାର୍କ ସମ୍ମିଳନୀ: ମୋଦିଙ୍କୁ ଆମନ୍ତ୍ରଣ କରିବ ପାକ୍

ଇସଲାମାବାଦ,୨୭।୧୧(ପି.ଟି.)

ଦକ୍ଷିଣ ଏସିଆ ଆଞ୍ଚଳିକ ସହଯୋଗ ସଂଗଠନ (ସାର୍କ) ସମିଟ୍‌ରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାକିସ୍ତାନ ଆମନ୍ତ୍ରଣ କରିବ ବୋଲି ଏହାର ବହିର୍ବ୍ୟାପାର ବିଭାଗ ମୁଖପାତ୍ର ମହମ୍ମଦ ଫୈଜଲ କହିଛନ୍ତି। ପ୍ରତି ଦୁଇ ବର୍ଷରେ ଥରେ ସାର୍କ ସମ୍ମିଳନୀ ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ଆୟୋଜିତ ହୋଇଥାଏ। ୨୦୧୪ରେ କାଠମାଣ୍ଡୁରେ ହୋଇଥିବା ସାର୍କ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେଇଥିଲେ। ୨୦୧୬ରେ ଏହି ସମ୍ମିଳନୀ ଇସଲାମାବାଦରେ ହେବାକୁ ଥିଲା।

■ ଭୋଟ ଗଣତିରେ ଟୋଟାଲାଇଜର ମେଶିନ ବ୍ୟବହାର

## ତ୍ୱରିତ୍ ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୨୭।୧୧(ପି.ଟି.)

ଭୋଟବେଳେ କରଦାତାଙ୍କ ଅନେକ ଅର୍ଥ ଅପବ୍ୟୟ ହେଉଛି। ଖର୍ଚ୍ଚ କାଟ କରିବା ଏକ ଚିନ୍ତାର ବିଷୟ ପାଲଟିଛି। ତେଣୁ ପାର୍ଲାମେଣ୍ଟ, ବିଧାନସଭା ଓ ପଞ୍ଚାୟତ ନିର୍ବାଚନରେ ସାଧାରଣ ଭୋଟର ତାଲିକା ପ୍ରସ୍ତୁତ କରିବା ସହ ଭୋଟ ଗଣତି ବେଳେ 'ଟୋଟାଲାଇଜର' ମେଶିନ୍ ବ୍ୟବହାର କରିବାକୁ ଦାବି ହେଉଛି। ଏନେଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) ଦାଏର ହୋଇଛି। କିନ୍ତୁ ଏହାର ତ୍ୱରିତ୍ ଶୁଣାଣି କରିବାକୁ ମଙ୍ଗଳବାର ଅଦାଲତ ରୋକ୍‌ଠୋକ୍ ମନା କରିଦେଇଛନ୍ତି। ପ୍ରକାଶ ଯେ, ୧୪ ପୁଲିଂ ବୁଥ୍‌ରେ ଭୋଟ ଗଣତି ଏକସଙ୍ଗେ କରିବା ଲାଗି ଟୋଟାଲାଇଜର ମେଶିନ୍ ବ୍ୟବହାର ହୁଏ।

## ସଂକ୍ଷେପରେ

### ଲଦାଖକୁ ହେବ ସବୁଦିନିଆ ରାସ୍ତା

ଶ୍ରୀନଗର,୨୭।୧୧(ପି.ଟି.):ଜମ୍ମୁ-କଶ୍ମୀରର ଲଦାଖକୁ ସବୁଦିନିଆ ରାସ୍ତା ନିର୍ମାଣ କରାଯିବ ବୋଲି ସୀମାନ୍ତ ସଡକ ସଂଗଠନ (ବିଆର୍‌ଓ) କହିଛି। ହିମାଚଳପ୍ରଦେଶର ମାନାଲିରୁ କାର୍ଗିଲ ଜିଲାର ଜନସ୍କର ଦେଇ ଏହି ଦୁଇଥାକିଆ ସଡକ ନିର୍ମାଣ କରାଯିବ। ରଣନୀତିକ ଆବଶ୍ୟକତା ଲାଗି ଏହି ସଡକର ଗୁରୁତ୍ୱ ରହିବ। ଏହା ବ୍ୟତୀତ ଆନ୍ତଃରାଜ୍ୟ ଯୋଗାଯୋଗ ବଢ଼ାଇବା ଏବଂ ଉକ୍ତ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶରେ ମଧ ଏହା ସହାୟକ ହେବ। ଶ୍ରୀନଗର-ଲେହ ଏବଂ ମାନାଲି-ଲେହ ରାସ୍ତା ପରେ ଏହା ଲଦାଖ ଅଞ୍ଚଳରେ ତୃତୀୟ ସଡକ ହେବ।

### ତାମିଲନାଡୁ ପୋଲିସକୁ ମୋବାଇଲ ମନା

ଚେନ୍ନାଇ,୨୭।୧୧(ପି.ଟି.): ତାମିଲନାଡୁ ପୋଲିସ ସବ୍‌ଇନ୍ସପେକ୍ଟରଠାରୁ ନିମ୍ନ ପାହ୍ୟାର ପୋଲିସ ଅଫିସରଙ୍କ ଲାଗି ମୋବାଇଲ ଫୋନ୍ ନିଷିଦ୍ଧ କରିଛି। ମୋବାଇଲ ଫୋନ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାରୁ ଡ୍ୟୁଟି ସମୟରେ ସେମାନେ ଏହା ବ୍ୟବହାର ନକରିବାକୁ କୁହାଯାଇଛି। ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଡ୍ୟୁଟିରେ ଥାଇ ପୋଲିସ ଅଧିକାରୀମାନେ ହ୍ୱାଟ୍ସଆପ୍ ଏବଂ ଅନ୍ୟ ସୋସିଆଲ ମିଡିଆ ଲାଗି ବାରମ୍ବାର ମୋବାଇଲ ଫୋନ୍ ବ୍ୟବହାର କରୁଥିବା ଦେଖାଯାଉଛି ବୋଲି ତାମିଲନାଡୁ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସର୍କୁଲାରରେ କୁହାଯାଇଛି। କେବଳ ସବ୍‌ଇନ୍ସପେକ୍ଟର କିମ୍ବା ତାହାଠାରୁ ଉଚ୍ଚ ପାହ୍ୟାର ଅଧିକାରୀ ଅଫିସ କାର୍ଯ୍ୟରେ ମୋବାଇଲ ଫୋନ ବ୍ୟବହାର କରିପାରିବେ।

### ୨୬/୧୧ : ଇସ୍ରାଏଲ୍‌ର କାର୍ଯ୍ୟାନୁଷ୍ଠାନ ଦାବି

ତେଲ ଆଭିଭ୍,୨୭।୧୧(ପି.ଟି.): ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ୧୦ ବର୍ଷ ପୂର୍ତ୍ତି ଅବସରରେ ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଲୋକମାନଙ୍କ ପରିବାର ଯେପରି ସମ୍ପୂର୍ଣ୍ଣ ନ୍ୟାୟ ପାଇପାରିବେ ତାହା ପାକିସ୍ତାନ ସୁନିଶ୍ଚିତ କରୁ ବୋଲି ଇସ୍ରାଏଲ ଆହ୍ୱାନ ଦେଇଛି। ଏହି ଆକ୍ରମଣରେ ଇସ୍ରାଏଲ୍‌ର ୬ ଜଣଙ୍କ ସମେତ ମୋଟ ୧୬୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଠାରେ ଭାରତୀୟ ଦୂତାବାସ ପକ୍ଷରୁ ଆୟୋଜିତ ୧୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରଣାଳୟର ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସିଆ ଡିଭିଜନର ନିର୍ଦ୍ଦେଶକ ମିଚେଲ ରୋନେନ କହିଥିଲେ ଅନ୍ତର୍ଜାତୀୟ ସଂଗୋଷ୍ଠୀ ବିଶେଷ କରି ପାକିସ୍ତାନ ଏହି ଆକ୍ରମଣ ଘଟଣାର ଷଡଯନ୍ତ୍ରକାରୀ ଏବଂ ଆୟୋଜକମାନେ ଯେପରି ଦଣ୍ଡ ପାଇବେ ତାହା ସୁନିଶ୍ଚିତ କରୁ। ଏହି କାର୍ଯ୍ୟକ୍ରମରେ ଇସ୍ରାଏଲରେ ରହୁଥିବା ଭାରତୀୟମାନେ ଯୋଗ ଦେଇଥିଲେ।

■ ୧୯୯୩ ମୁମ୍ବାଇ ବିସ୍ଫୋରଣ ମାମଲା

## ସିବିଆଇର ଅତିରିକ୍ତ ଚାର୍ଜଶିଟ୍ ଦାଖଲ

ନୂଆଦିଲ୍ଲୀ,୨୭।୧୧(ପି.ଟି.)

ସିବିଆଇ ୧୯୯୩ ମୁମ୍ବାଇ ସିରିଏଲ୍ ବିସ୍ଫୋରଣ ମାମଲାରେ ମୁଖ୍ୟ ଅଭିଯୁକ୍ତ ଅହମଦ କମଲ ଶେଖ ବିରୋଧରେ ସ୍ୱତନ୍ତ୍ର ଟାଡା କୋର୍ଟରେ ମଙ୍ଗଳବାର ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ଏହି ଆକ୍ରମଣ ଲାଗି ଦୁବାଇରେ ଷଡ଼ଯନ୍ତ୍ର ହୋଇଥିଲା। ଆକ୍ରମଣର ମାଷ୍ଟର ମାଇଣ୍ଡ ଦାଉଦ ଇବ୍ରାହିମ କରିଥିବା ବୈଠକରେ ଅହମଦ ସାମିଲ ଥିଲା। ସେ ମହାରାଷ୍ଟ୍ରର ରାଇଗଡ ଉପକୂଳରେ ଆରଡିଏକ୍ସ ପହଞ୍ଚାଇବାରେ ମଧ ସମ୍ପୃକ୍ତ ଥିଲା। ବିସ୍ଫୋରଣ ପରଠାରୁ ଫେରାର ଥିବା ଅହମଦକୁ ଗତ ଜୁନ ୧ ତାରିଖରେ ଗିରଫ କରାଯାଇଥିଲା। ପୂର୍ବରୁ ମୁମ୍ବାଇର ଟାଡା କୋର୍ଟ ଅହମଦକୁ ଅପରାଧୀ ଘୋଷଣା କରିଥିଲା।

୨୫ ବର୍ଷ ପୂର୍ବେ ୧୯୯୩ ମାର୍ଚ୍ଚ ୧୨ରେ ମୁମ୍ବାଇରେ ଘଟିଥିବା ସିରିଏଲ ବିସ୍ଫୋରଣରେ ୨୫୭ ଜଣଙ୍କର ମୃତ୍ୟୁ ହେବା ସହ ୭୦୦ରୁ ଅଧିକ ଆହତ ହୋଇଥିଲେ। ୧୯୯୭ ସେପ୍ଟେମ୍ବରରେ ଅହମଦ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି ହେବା ସହ ଇଣ୍ଟରପୋଲ୍ ପକ୍ଷରୁ ରେଡ କର୍ନର ନୋଟିସ୍ ଜାରି କରାଯାଇଥିଲା।

## ଖାଲେଦା ଜିଆ ନିର୍ବାଚନ ଲଢ଼ିପାରିବେନି

ଢାକା,୨୭।୧୧ (ପି.ଟି.)

ଜେଲ୍‌ରେ ଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆ ଆସନ୍ତା ମାସରେ ହେବାକୁ ଥିବା ସାଧାରଣ ନିର୍ବାଚନ ଲଢ଼ିପାରିବେ ନାହିଁ। ଦୁଇ ବର୍ଷରୁ ଅଧିକ ଜେଲ୍‌ରେ ଥିବା ବ୍ୟକ୍ତି ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ମଙ୍ଗଳବାର ବାଂଲାଦେଶର ଉଚ୍ଚ ଅଦାଲତ ରୁଲିଂ ଦେଇଛନ୍ତି। ଦୁଇଟି ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଜେଲ୍‌ରେ ଥିବା ବିଏନପି ଅଧକ୍ଷ ଜିଆ ଡିସେମ୍ବର ୩୦ରେ ହେବାକୁ ଯାଉଥିବା ୧୧ତମ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ବୋଲି ଆର୍ଟର୍ନି ଜେନେରାଲ କହିଛନ୍ତି।

## 'ଶତ୍ରୁତା ଦୂର କରିବ କର୍‌ତାରପୁର କରିଡର'

ଲାହୋର,୨୭।୧୧(ପି.ଟି.)

କର୍‌ତାରପୁର କରିଡର ଭାରତ ଓ ପାକିସ୍ତାନ ମଧ୍ୟରେ ଶତ୍ରୁତାକୁ ଦୂର କରି ଶାନ୍ତି ବଢ଼ାଇବାରେ ସହାୟକ ହେବ ବୋଲି ପଞ୍ଜାବ ମନ୍ତ୍ରୀ ନବଜୋତ ସିଂ ସିଦ୍ଧୁ କହିଛନ୍ତି। ଏହା ଅନେକ ସମ୍ଭାବନାର କରିଡର ବୋଲି ଶିଳାନ୍ୟାସ ଉତ୍ସବରେ ଯୋଗଦେବାକୁ ପାକିସ୍ତାନ ଯାଇଥିବା ସିଦ୍ଧୁ କହିଛନ୍ତି। ୱାଘା ସୀମାନ୍ତରେ ପାକିସ୍ତାନର ପଞ୍ଜାବ ପ୍ରଦେଶ ଅଫିସରମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।



ବୁଧବାର ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଶିଳାନ୍ୟାସ କରିବାକୁ ଥିବା ଏହି କରିଡର ଭାରତର ଗୁରୁଦାସପୁର ଜିଲାର ଡେରା ବାବା ନାନକକୁ ପାକିସ୍ତାନର ଗୁରୁଦ୍ୱାରା କର୍‌ତାରପୁର ସାହିବ ନରୋୱାଲକୁ ସଂଯୋଗ କରିବ। ଏହି କରିଡରରେ ଭାରତୀୟ ଶିଖଙ୍କୁ ବିନା ଭିସାରେ ଗୁରୁଦ୍ୱାରା ଯିବାର ସୁଯୋଗ ମିଳିବ।

## ଜନସାଧାରଣ ସୂଚନା

ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ 'ରୋପ୍ ୱେ' ସ୍ଥାପନ କରିବା କାର୍ଯ୍ୟ କୋଲକାତାସ୍ଥିତ ମେସର୍ସ ଦାମୋଦର ରୋପ୍‌ୱେଜ୍ ଏଣ୍ଡ ଇନ୍‌ଫ୍ରା ଲିମିଟେଡ୍ କମ୍ପାନୀକୁ ମିଳିଅଛି। ଉପରୋକ୍ତ ପ୍ରୋଜେକ୍ଟ ଲାଗି ଆବଶ୍ୟକ ପରିବେଶୀୟ ମଞ୍ଜୁରୀ ନିୟୁ ଦିଲ୍ଲୀସ୍ଥିତ ଏମ୍.ଓ.ଇ.ଏଫ୍. ଏବଂ ସି.ସି.ଠାରୁ ମିଳିଯାଇଅଛି। ଉକ୍ତ ପରିବେଶୀୟ ମଞ୍ଜୁରୀ ଚିଠିର ନକଲ ଏମ୍.ଓ.ଇ.ଏଫ୍. ଏବଂ ସି.ସି. କାର୍ଯ୍ୟାଳୟ ଏବଂ ୱେବ୍‌ସାଇଟ୍ (http://www.envfor.nic.in)ଠାରେ ଉପଲବ୍ଧ।

**OFFICE OF THE PRINCIPAL**
**S.K.C.G. (AUTONOMOUS) COLLEGE, PARALAKHEMUNDI, GAJAPATI**
L. No.: 2528/2018 Dt.: 26.11.2018

**QUOTATION CALL NOTICE**

Sealed quotations are invited from man power and Security Service providing agencies for supplying agencies for supplying supportive semi skilled and unskilled staffs for SKCG Autonomous College, Paralakhemundi, Gajapati.
Detail information including term and conditions for applying are available in the College website: **skcgparala.ac.in**. The last date of submission of quotation is 12th December 2018 and the same will be opened on 13th December 2018 at 12 Noon.

Sd./- Principal










**ଓଡ଼ିଶା ସାହିତ୍ୟ ଏକାଡେମୀ**
ଭୁବନେଶ୍ୱର-୭୫୧୦୧୪

**ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ଜନ୍ମଶତବାର୍ଷିକୀ**

୨୮ ନଭେମ୍ବର ୨୦୧୮ (ବୁଧବାର) ସନ୍ଧ୍ୟା ୬.୦୦ ଘଟିକା
ସ୍ଥାନ : ଭଞ୍ଜ କଳାମଣ୍ଡପ, ଭୁବନେଶ୍ୱର

| | |
|---|---|
| ଉଦ୍‌ଘାଟକ | ଡକ୍ଟର ସୌମ୍ୟରଞ୍ଜନ ପଟ୍ଟନାୟକ<br>ମାନ୍ୟବର ସାଂସଦ, ରାଜ୍ୟସଭା ଏବଂ ସମ୍ପାଦକ 'ସମ୍ବାଦ' |
| ସମ୍ମାନନୀୟ ଅତିଥି | ଡକ୍ଟର ବିଜୟାନନ୍ଦ ସିଂହ<br>କାର୍ଯ୍ୟକାରୀ ପରିଷଦ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ |
| ମୁଖ୍ୟବକ୍ତା | ଅଧ୍ୟାପକ ବିଶ୍ୱରଞ୍ଜନ<br>ବିଶିଷ୍ଟ ସାହିତ୍ୟିକ |
| ସଭାମୁଖ୍ୟ | ଶ୍ରୀ ହରିହର ମିଶ୍ର<br>ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ |

ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ ସୁଧୀବୃନ୍ଦ ଯୋଗଦାନ କରିବାକୁ ଅନୁରୋଧ।

ଜୟନ୍ତୀ ରଥ
ସଚିବ





“ ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖ ଦାୟକ।
- ଆଇନଷ୍ଟାଇନ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ-୨୦୧୮ର ୬ଷ୍ଠ ଦିବସ ସଭାକାର୍ଯ୍ୟ, ବାଲିଯାତ୍ରା ପଡ଼ିଆ, ଐତିହାସିକ ପଟିଆ ବନ୍ଦର କୁଆଖାଇ ନଦୀପଠା, ସକାଳ ୬ଟା ୩୦। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଣିଜ୍ୟ ମେଳା, ରାତି ୭ଟା ୩୦।
- ବିଏମ୍‌ସି ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ-୨୦୧୮, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୧, ସକାଳ ୯ଟା।
- ଭୁବନେଶ୍ୱର ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ-୨୦୧୮ ଉଦ୍‌ଘାଟନ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଥରଗାଡ଼ିଆ, ପୂର୍ବାହ୍ନ ୧୦ଟା।
- ହକି ବିଶ୍ୱକପ୍ ଉପଲକ୍ଷେ ଦଳଗତ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୦ଟାରୁ ରାତି ୭ଟା ୩୦।
- 'ଓଡ଼ିଶାରେ ଖଣି' ଶୀର୍ଷକ ସମ୍ମିଳନୀ, ହୋଟେଲ ପାଲ୍ ହାଇଟ୍ସ, ପୂର୍ବାହ୍ନ ୧୦ଟା।
- ଇଂଲଣ୍ଡ ହକି ଦଳର ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ପରିଦର୍ଶନ, ପୂର୍ବାହ୍ନ ୧୦ଟା।
- ରାଜ୍ୟ ଦୁର୍ନୀତି ନିବାରଣ ଏକାଡେମୀ ଭୁବନେଶ୍ୱରର ଉଦ୍‌ଘାଟନୀ ଉତ୍ସବ, ପ୍ଲଟ୍ ନଂ. ଏ-୧୭/୧, ୟୁନିଟ୍-୭, ସୂର୍ଯ୍ୟନଗର, ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପରିସର, ପୂର୍ବାହ୍ନ ୧୦ଟା ୩୦।
- ବାର୍ଷିକ ବିଜ୍ଞାନ ମେଳା ଉଦ୍‌ଘାଟନ, ଗୋପୀନାଥ ଦେବ ହାଇସ୍କୁଲ, ରସୁଲଗଡ଼, ପୂର୍ବାହ୍ନ ୧୦ଟା ୩୦। ଉଦ୍‌ଯାପନ, ଅପରାହ୍ନ ୨ଟା ୩୦।
- ଥାଲାସେମିଆ କେୟାର ସୋସାଇଟି ପକ୍ଷରୁ ପ୍ରତିବାଦ ଧାରଣା, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ଜନଜାତି କଳା ସାମଗ୍ରୀ ପ୍ରଦର୍ଶନୀର ପଞ୍ଚମ ଦିବସ, ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସର, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସିଆର୍‌ପି ଛକ, ଅପରାହ୍ନ ୨ଟାରୁ ରାତି ୮ଟା।
- 'ଭାରତୀୟ ସାହିତ୍ୟ ତତ୍ତ୍ୱ: ସେକ୍ସପିୟରୀୟ ବିୟୋଗାନ୍ତକ ନାଟକର ନାୟକ' ଶୀର୍ଷକ ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମ, ରାଜ୍ୟ ଅଭିଲେଖାଗାର, ଅପରାହ୍ନ ୫ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାଶ ଜନ୍ମଶତବାର୍ଷିକୀ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା।

**ପୁରୀ**

- ପୁରୀ ପୌରାଞ୍ଚଳସ୍ତରୀୟ ବିଜ୍ଞାନ ମେଳା, ବିଶ୍ୱମ୍ଭର ବିଦ୍ୟାପୀଠ, ସକାଳ ୯ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ବୀରହରେକୃଷ୍ଣପୁର ହାଇସ୍କୁଲ, ସକାଳ ୯ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ କର୍ମଶାଳା, ଶ୍ରୀବିହାର ପରିସର, ପୂର୍ବାହ୍ନ ୧୧ଟା।

**ଖୋର୍ଦ୍ଧା**

- ପଲ୍ଲିଶ୍ରୀ ମେଳା ଓ ଜିଲା ସଂସ୍କୃତି ମହୋତ୍ସବର ୩ୟ ସନ୍ଧ୍ୟା, ହାବେଳୀ ପଡ଼ିଆ, ସନ୍ଧ୍ୟା ୬ଟା।

**ସାକ୍ଷୀଗୋପାଳ**

- ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ବଙ୍ଗୀୟ ପର୍ଯ୍ୟଟକଙ୍କ ଆତ୍ମହତ୍ୟା

ପୁରୀ ଅଫିସ,୨୭।୧୧: ଜଣେ ବଙ୍ଗୀୟ ପର୍ଯ୍ୟଟକ ମଙ୍ଗଳବାର ହୋଟେଲ ରୁମରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ଜଳପାଇଗୁଡିର ପନିଲ୍ ରାୟ(୪୫)। ବାସେଳି ସାହି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମାନସିକ ଅଥବା ପାରିବାରିକ ଅଶାନ୍ତିରୁ ସେ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ପନିଲ୍‌ଙ୍କ ପରିବାର ଗତ ୩ଦିନ ହେଲା ପଶ୍ଚିମଦ୍ୱାର ନିକଟ ଏକ ହୋଟେଲରେ ରହୁଥିଲେ। ଅପରାହ୍ନରେ ପରିବାର ଲୋକେ ଶ୍ରୀମନ୍ଦିରକୁ ଯାଇଥିଲେ। ଏହି ସମୟରେ ପନିଲ୍ ହୋଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିଲେ।




ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବର ପ୍ଲାଟିନମ ଜୁବିଲି ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ଡାକ ଟିକଟ ଉନ୍ମୋଚନ କରୁଛନ୍ତି।

### ■ ବାଣୀବିହାରର ପ୍ଲାଟିନମ ଜୁବିଲି ପାଳିତ

# 'ବିଶ୍ୱବିଦ୍ୟାଳୟ ବ୍ରହ୍ମାଣ୍ଡକୁ ପ୍ରତିନିଧିତ୍ୱ କରେ'

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଗୋଟିଏ ବିଶ୍ୱବିଦ୍ୟାଳୟ ବ୍ରହ୍ମାଣ୍ଡକୁ ପ୍ରତିନିଧିତ୍ୱ କରେ। ଏଠାରୁ ଗଢା ହେଉଥିବା ଛାତ୍ରୀଛାତ୍ର ଭାରତର ଗୌରବ। ତେଣୁ ଛାତ୍ରୀଛାତ୍ରମାନେ ସତ୍ୟର ସାଧନା କରିବା ଉଚିତ। ସତ୍ୟର ସାଧନା ହିଁ ପ୍ରକୃତ ସାଧନା। ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର)ର ପ୍ଲାଟିନମ ଜୁବିଲି ପାଳନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ଉତ୍ସବରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଅକ୍ସଫୋର୍ଡ ୟୁନିଭର୍ସିଟି ଏବଂ ମାଲେସିଆ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ରବୀନ୍ଦ୍ର କୁମାର ଜୈନ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ, ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ରାଜନୀତି ଉପଲବ୍ଧ ହୋଇ ନ ପାରେ। କିନ୍ତୁ ଉଚ୍ଚତର ଶିକ୍ଷା ଗ୍ରହଣ କରିବା ଦ୍ୱାରା ସେମାନେ ସମାଜରେ ଅନେକ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିବେ। କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଉତ୍ସବରେ ଅଧ୍ୟକ୍ଷତା କରି କହିଲେ, ବିଶ୍ୱବିଦ୍ୟାଳୟ ଗଢିଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାଶ ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ର ଉଚ୍ଚଶିକ୍ଷାର ଗୋଟିଏ ପ୍ରାଣବିନ୍ଦୁ ତିଆରି କରିଛନ୍ତି। ଉତ୍କଳ ହିଁ ଉତ୍କର୍ଷ ଏବଂ ଉତ୍କଳ ହିଁ ଦେଶ ଓ ଜାତିର ଗରିମା ବୋଲି କୁଳପତି କହିଥିଲେ। ବାଣୀବିହାରର ଦ୍ୱିତୀୟ କ୍ୟାମ୍ପସ ଚଣ୍ଡିଖୋଲଠାରେ ନିର୍ମାଣ ହେବାକୁ ଥିବାବେଳେ ରୁସା-୦୨ ଏବଂ ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଅନ୍ତର୍ଜାତୀୟସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଲକ୍ଷ୍ୟ ରହିଛି ବୋଲି କୁଳପତି କହିଛନ୍ତି।

> ■ ଚଣ୍ଡିଖୋଲରେ ହେବ ବାଣୀବିହାରର ଦ୍ୱିତୀୟ କ୍ୟାମ୍ପସ
>
> ■ ଡାକ ଟିକଟ ଉନ୍ମୋଚିତ

ଏହି ଅବସରରେ ଭାରତୀୟ ଡାକ ବିଭାଗର ସଚିବ ଅନନ୍ତ ନାରାୟଣ ନନ୍ଦ ଉପସ୍ଥିତ ରହି ଉତ୍କଳ ବିଶ୍ୱବିଦ୍ୟାଳୟ ଉପରେ ତିଆରି ହୋଇଥିବା ଡାକ ଟିକଟ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। କୁଳସଚିବ ଦୟାନିଧି ନାୟକ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟ ଡାକ୍ତରଖାନାରେ ଆୟୋଜିତ ଏକ ରକ୍ତଦାନ ଶିବିରକୁ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଉଦ୍‌ଘାଟନ କରିଥିଲେ।

## ସ୍କୁଲ ଭ୍ୟାନ୍ ଓଲଟିଲା, ଛାତ୍ର ଗୁରୁତର

କାକଟପୁର,୨୭।୧୧(ଡି.ଏନ୍.ଏ.)



କାକଟପୁର ଦହିଖିଆଠାରେ ମଙ୍ଗଳବାର ଏକ ସ୍କୁଲ ଭ୍ୟାନ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିବାରୁ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ବିଜିପୁର ଗ୍ରାମର ତୃତୀୟ ଶ୍ରେଣୀର ଛାତ୍ର ଶୁଭମ ରାଉତ। ପ୍ରକାଶଯେ, ଦହିଖିଆଠାରେ ଥିବା ଏକ ଇଂଲିଶ ମିଡିୟମ ବିଦ୍ୟାଳୟର ଟାଟା ମ୍ୟାଜିକ ଗାଡ଼ି ନଂ ଓଆର ୦୨ବିବି ୫୦୭୦ ବିଜିପୁର ଗ୍ରାମରେ ଛାତ୍ରୀଛାତ୍ରଙ୍କୁ ଛାଡ଼ି ଫେରୁଥିଲା। ଗ୍ରାମରୁ କିଛିବାଟ ଯିବା ପରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିବାରୁ ଗାଡିରେ ଥିବା ଶୁଭମ ଗୁରୁତର ଆହତ ହୋଇଥିଲେ। ଖବରପାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ତାଙ୍କ ପରିବାର ଶୁଭମଙ୍କୁ କାକଟପୁର ଚିକିତ୍ସାକେନ୍ଦ୍ରକୁ ନେଇଥିଲେ। ଘଟଣାର ତଦନ୍ତ କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ଶାନ୍ତନୁ ପରିଡ଼ା କହିଛନ୍ତି। ଏହି ବିଦ୍ୟାଳୟର ଗାଡ଼ିଗୁଡିକ ବେଆଇନ ଚାଲୁଥିବାବେଳେ ପ୍ରଶାସନ, ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଦୁର୍ଘଟଣାଗ୍ରସ୍ତ ହେଉଛି।

With best compliments from :-
ALOK ENGLISH MEDIUM SCHOOL
(Estd.-1984)
Free Admission Nursery only
Family
Yoga, Music, Dance Computers, DG, Vehicle
186, Kharabela Nagar, Unit-III, Bhubaneswar-751001, Ph.No. 0674-2394582
Email : alokenglishmediumschool@yahoo.in
ADMISSION - ADMISSON - ADMISSION
NURSERY TO CLASS- IX

With Best Compliments From:-
HOTTA ASSOCIATES
Deals in : ALL TYPES OF TEAK WOOD, SAL WOOD, OTHER WOODS, PLYWOOD, FANCY WOOD AT WHOLESALE RATE
Plot No.G-43, V.S.S. Nagar, Near Water Tank, Bhubaneswar-751007
Mob : 7381207700, 7381208800, 7381203300, Email : hotta.bbsr@gmail.com
Our Branches
HOTTA FURNITURE : Plot No.1582, Palasuni, Opp. Saptasati Temple, N.H.-5, Bhubaneswar-10, Mob : 8114789383
HOTTA TIMBER & FURNITURE : Plot No. 5/1274, Khandagiri, Near Barabhuja Complex, Bhubaneswar-30, Mob : 7381209900, 7381203300
HOTTA TIMBER & FURNITURE : Plot No. 131/3473, Infront of Restaurant Mellony, Nandan Kanan Road, Patia, Bhubaneswar-751024, Mob : 7381205500
HOTTA TIMBER & FURNITURE : Plot No. 4565, Tankapani Road, Near Sai Temple, Bhubaneswar-751018, Mob : 7381206600





















# ରହମନଙ୍କ ମେଲୋଡିରେ ଝୁମିଲେ ଦର୍ଶକ



ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଦୀର୍ଘ ୩ ଘଣ୍ଟାଧରି ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲେ ମଧ୍ୟ ଦର୍ଶକ ଆଦୌ ବୋର ନ ହୋଇ ଭରପୂର ମଜା ଉଠାଇଥିଲେ। ଉତ୍ସବ ଅନ୍ତିମ ଭାଗରେ ଓସ୍କାର ପୁରସ୍କାରପ୍ରାପ୍ତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସଙ୍ଗୀତକାର ଏ.ଆର. ରହମନ ସଙ୍ଗୀତ ପରିବେଷଣ କରିଥିଲେ। ସେ ୯୦ ଦଶକର କେତୋଟି ଗୀତ ଗାଇ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ। ପ୍ରଥମେ ସେ ବଲିଉଡ୍ ମୁଭି ଦିଲ୍ ସେର ଟାଇଟଲ ନମ୍ବର ଗାନ କରିଥିଲେ। ଏହା ପରେ ଦୁଇ ଜଣ ଗାୟିକା ରୋଜା ଫିଲ୍ମର ଦିଲ୍ ହେ ଛୋଟା ସା ଛୋଟି ସି ଆଶା ନମ୍ବର ଗାନ କରିଥିଲେ। ଏହା ପରେ ସ୍ଲମ୍ ଡଗ୍ ମିଲିୟନେୟାରର ଜୟ ହୋ.., ବନ୍ଦେ ସିନେମାର ହମା ହମା...., ମା ତୁଝେ ସଲାମ ଓ ଶେଷରେ ହକି ବିଶ୍ୱକପ୍ ସଙ୍ଗୀତ ଜୟ ହିନ୍ଦ୍ ହିନ୍ଦ୍ ଜୟ ଇଣ୍ଡିଆ ଗାନ କରିଥିଲେ ରହମାନ। ତାଙ୍କୁ ଅନ୍ୟ ସହ କଳାକାରମାନେ ବିଭିନ୍ନ ଇନ୍‌ଷ୍ଟ୍ରୁମେଣ୍ଟ ବଜାଇ ସହଯୋଗ କରିଥିଲେ। ବିଶ୍ୱକପ୍ ଅଫିସିଆଲ ସଙ୍ଗ୍‌କୁ ଗୁଲଜାର ଲେଖିଥିବା ବେଳେ ରହମନ କମ୍ପୋଜ୍ କରିଥିଲେ।

## ଟୁଇଟ୍ କରି ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ଭବ୍ୟ ସମାରୋହରେ ପୁରୁଷ ହକି ବିଶ୍ୱକପ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ରାଜଧାନୀ ଭୁବନେଶ୍ୱରରେ ହେଉଥିବା ଏହି ସମାରୋହର ଝଲକ ସାରା ଦୁନିଆ ଅନୁଭବ କରିଛି। ଏହାର ଲୋକପ୍ରିୟତାକୁ ଆହୁରି ସୁଦୂରପ୍ରସାରୀ କରିଛି ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍ ଏବଂ ଟୁଇଟର। ମଙ୍ଗଳବାର ଅପରାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ଟୁଇଟରରେ ହକି ବିଶ୍ୱକପ୍‌କୁ ନେଇ ସର୍ବାଧିକ ଉତ୍ସାହ ପରିଲକ୍ଷିତ ହୋଇଛି। ବଲିଉଡ୍ ଜଗତର ସୁନାମଧନ୍ୟ ଅଭିନେତା ଶାହରୁଖ ଖାନ, ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଏବଂ ଓସ୍କାର ବିଜେତା ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ ମଞ୍ଚରେ ଉପସ୍ଥିତ ସମୟରେ ଅଧିକମାତ୍ରାରେ ଟୁଇଟ୍ କରାଯାଇଥିଲା। ଭବ୍ୟ ସମାରୋହ ପୂର୍ବରୁ ଶୁଭେଚ୍ଛା ଜଣାଇ ଟୁଇଟ୍ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି ଯେ, ଓଡ଼ିଶାରେ ଆୟୋଜିତ ପୁରୁଷ ବିଶ୍ୱକପ୍ ହକିରେ ଭାଗନେଉଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାଦର ସ୍ୱାଗତ। ଏହା କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ଉପହାର ସଦୃଶ। ଏଥିସହିତ ଭାରତ ବିଶେଷ ଭାବେ ଓଡ଼ିଶାର ସଂସ୍କୃତିକୁ ଜାଣିବା ପାଇଁ ଏକ ସର୍ବଶ୍ରେଷ୍ଠ ସୁଯୋଗ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଥିବା ଏହି ଟୁଇଟ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରିଟୁଇଟ୍ କରିଛନ୍ତି। ଟୁଇଟର ମୋମେଣ୍ଟସ ଇଣ୍ଡିଆ ଦ୍ୱାରା ବିଶ୍ୱକପ୍ ଶୁଭାରମ୍ଭକୁ ନେଇ କରାଯାଇଥିବା ଟୁଇଟ୍‌କୁ ମଧ୍ୟ ମୁଖ୍ୟମନ୍ତ୍ରୀ ରିଟୁଇଟ୍ କରିଛନ୍ତି। ଏହି ସମାରୋହର ସିଧାପ୍ରସାରଣ ମୁଖ୍ୟମନ୍ତ୍ରୀଙ୍କ ଟୁଇଟର ହ୍ୟାଣ୍ଡେଲ ଦ୍ୱାରା କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ପ୍ରମୁଖ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି ଯେ, ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ଦେଶର ଟିମ୍ ସମୂହ ଓ ଦେଶ ବିଦେଶର ହକିପ୍ରେମୀଙ୍କୁ ଓଡ଼ିଶା ମାଟିରେ ସ୍ୱାଗତ। ହକି ସହ ଓଡ଼ିଶାର ଅନ୍ୟାନ୍ୟ କଳା, ସଂସ୍କୃତି, ପରମ୍ପରା ଓ ରୁଚିପୂର୍ଣ୍ଣ ଓଡ଼ିଆ ଖାଦ୍ୟ ସମସ୍ତଙ୍କୁ ଆନନ୍ଦ ଦେବ ବୋଲି ବିଶ୍ୱାସ। ଟୁର୍ନାମେଣ୍ଟରେ ଭାରତୀୟ ଦଳ ଉତ୍ତମ ଖେଳ ପ୍ରଦର୍ଶନ କରି ସଫଳ ଟିମ୍‌ଭାବେ ଦେଶବାସୀଙ୍କୁ ଗର୍ବିତ କରିବାକୁ ଶୁଭକାମନା ଜଣାଉଛି। ସେହିପରି କ୍ରୀଡାମନ୍ତ୍ରୀ ରାଠୋର କହିଛନ୍ତି ଯେ, ହକି ବିଶ୍ୱକପ ଆରମ୍ଭ ହୋଇଛି। ହକି ଇଣ୍ଡିଆକୁ ଶୁଭକାମନା। ସାରା ଦେଶ ତୁମ ସହ ଛିଡ଼ା ହୋଇଛି।

## 'ଓଲି' କ୍ରେଜ୍

ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ଶିପ ଭଳି ହକି ପୁରୁଷ ବିଶ୍ୱକପ୍‌ରେ ବି ଓଡ଼ିଶାର କ୍ରୀଡ଼ା ମାସ୍କଟ୍ 'ଓଲି'କୁ ନେଇ ଲୋକଙ୍କ ମଧ୍ୟରେ ବେଶ୍ କ୍ରେଜ୍ ଦେଖିବାକୁ ମିଳିଥିଲା। ଷ୍ଟାଡିୟମ୍ ବାହାରେ ଏବଂ ଭିତରେ ଓଲି ସହ ସେଲ୍‌ଫି ଓ ଫଟୋ ଉଠାଇବାକୁ ଦର୍ଶକ ଭିଡ଼ ଜମାଇଥିଲେ। ବିଶେଷକରି ଷ୍ଟାଡିୟମ୍‌ର ପ୍ରବେଶ ଦ୍ୱାରର ଦୁଇପଟେ ଥିବା ଫ୍ୟାନ୍ ଭିଲେଜ୍‌କୁ ଯାଇ 'ଓଲି' ସହ ଫଟୋ ଉଠାଇବାକୁ କେହି ହାତଛଡ଼ା କରି ନ ଥିଲେ। ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଓଲି କ୍ରେଜ୍ ଦେଖିବାକୁ ମିଳିଥିଲା।

## ଫ୍ୟାନ୍ କର୍ନର















## କଡ଼ା ଯାଞ୍ଚ ପରେ ଭିତରକୁ ଗଲେ ଦର୍ଶକ

ଅପରାହ୍ନ ୨ଟା ପୂର୍ବରୁ କମିଶନରେଟ ପୋଲିସ ଦ ୱାର୍ଲ୍ଡ ଛକରୁ ଜୟଦେବବିହାର ଛକ ପର୍ଯ୍ୟନ୍ତ ରାସ୍ତାକୁ ସମ୍ପୂର୍ଣ୍ଣ ସିଲ କରିଦେଇଥିଲା। ଟିକେଟ ଓ ପାସ୍ ଆଣି ଆସିଥିବା ଦର୍ଶକମାନେ ଷ୍ଟାଡିୟମର ୩ ନମ୍ବର ଓ ୪ନମ୍ବର ଗେଟରେ ଧାଡିରେ ରହିବା ପରେ ପୋଲିସ ଯାଞ୍ଚ କରି ସେମାନଙ୍କ ଭିତରକୁ ଛାଡ଼ିଥିଲା। ଯାଞ୍ଚ ଲାଗି ମେଟାଲ ଡିଟେକ୍ଟର ମଧ ରହିଥିଲା। ଷ୍ଟାଡିୟମ ଭିତରକୁ ପାଣି ବୋତଲ ଏବଂ ବ୍ୟାଗ ନେବା ଲାଗି ଦର୍ଶକଙ୍କୁ ଅନୁମତି ମିଳି ନ ଥିଲା। ତେବେ ଦର୍ଶକ ଭିତରକୁ ଯିବା ପୂର୍ବରୁ କମିଶନର ସତ୍ୟଜିତ ମହାନ୍ତି ଏବଂ ଡିସିପି ଅନୁପ କୁମାର ସାହୁ ଷ୍ଟାଡିୟମରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ।

## ସେଲ୍‌ଫି ନେଇ ତଳିଆ ପୋଲିସ ହଟହଟା

ପ୍ରେସ୍ ଗ୍ୟାଲେରି ପାଖରେ ଜଣେ ତଳିଆ ପୋଲିସ ସେଲ୍‌ଫି ନେଇ ହଟହଟା ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ସିନିୟର୍ ପୋଲିସ ତାଙ୍କୁ ଏଭଳି ଅବସ୍ଥାରେ ଦେଖି ତତ୍‌କ୍ଷଣାତ୍ ମାଡ଼ି ବସିଥିଲେ। ବାହାର ଏଠୁ। ଡ୍ୟୁଟି ଛାଡ଼ି କ'ଣ କରୁଛୁ ବୋଲି କହି ଘୋଷାଡ଼ି ନେଇଥିଲେ। ଅବଶ୍ୟ କିଛି ସମୟ ପରେ ତାଙ୍କୁ ଛାଡ଼ିଦେଇଥିଲେ।

## ବାହାରେ ବନ୍ଧୁକ ଫିଙ୍ଗିଲେ ସୁରକ୍ଷା କର୍ମୀ

ଷ୍ଟାଡିୟମ ଚାରିପଟେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମାତ୍ର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଏବଂ କର୍ମଚାରୀମାନେ ଦାୟିତ୍ୱହୀନ ଭାବେ ନିଜ ବନ୍ଧୁକ ଏବଂ ଅନ୍ୟାନ୍ୟ ସରଞ୍ଜାମ ବାହାରେ ଫିଙ୍ଗିଦେଇଥିବା ଦେଖିବାକୁ ମିଳିଥିଲା। ଜଣେ ପୋଲିସ କର୍ମଚାରୀ ଉକ୍ତ ବନ୍ଧୁକ ଜଗିବା ଦାୟିତ୍ୱରେ ଥିଲେ ମଧ ସେ ସ୍ଥିର ହୋଇ ସେଠାରେ ନ ଜଗି ମଝିରେ ମଝିରେ ଏଣେତେଣେ ଚାଲିଯାଉଥିଲେ। ଏଭଳି କାର୍ଯ୍ୟକୁ ବହୁ ଦର୍ଶକ ନାପସନ୍ଦ କରିଥିଲେ।

## ଓଏଲ୍‌ଏକ୍ସରେ ମିଳିଲା ହକି ଟିକେଟ

ଉଦ୍‌ଘାଟନୀ ଉତ୍ସବ ପାଇଁ ଅନେକ ଦର୍ଶକ ଟିକେଟ ପାଇପାରି ନ ଥିବାବେଳେ ବହୁ ଟିକେଟ କଳାବଜାରରେ ବିକ୍ରି ହୋଇଥିଲା। ଷ୍ଟାଡିୟମ ବାହାରେ ଅନେକ ଯୁବକ ଗୋଟିଏ ଗୋଟିଏ ଟିକେଟକୁ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି କରିଥିଲେ। ଅନ୍ୟପଟେ ଇ-କମର୍ସ ୱେବ୍‌ସାଇଟ୍ ଓଏଲ୍‌ଏକ୍ସରେ ମଧ ଟିକେଟ ବିକ୍ରି ହୋଇଥିଲା। ଯେଉଁମାନେ ଉତ୍ସବ ଦେଖିବାକୁ ଯାଉ ନ ଥିଲେ ସେମାନେ ଏହି ଟିକେଟ ବିକ୍ରି କରିଦେଇଥିଲେ। ଟିକେଟ ୫ଶହରୁ ୩ ହଜାର ଟଙ୍କାରେ ଉପଲବ୍ଧ ହୋଇଥିଲା।

## ଷ୍ଟାଡିୟମ ବାହାରେ ରହିଲେ ବହୁ ଦର୍ଶକ

ଟିକେଟ ନ ପାଇ ବାହାରେ ହଜାର ହଜାର ଦର୍ଶକ ଛିଡା ହୋଇଥିଲେ। ସେମାନେ ଭିତରକୁ ଯିବାକୁ ବହୁ ଚେଷ୍ଟା କରିଥିଲେ ମଧ ପୋଲିସ ଛାଡି ନ ଥିଲା। ଶେଷରେ ଅନେକ ଦର୍ଶକ ଉଦ୍‌ଘାଟନୀ ଉତ୍ସବର ଝଲକ ଦେଖିବା ପାଇଁ ଫୁଟ ଓଭରବ୍ରିଜ୍ ଉପରେ ଛିଡା ହୋଇଥିଲେ। ଓଭରବ୍ରିଜ ଉପରେ ବହୁ ଲୋକଙ୍କ ଗହଳି ହେବାରୁ ପୋଲିସ ସେମାନଙ୍କୁ ଓହ୍ଲାଇ ଯିବାକୁ କହିଥିଲା।

## ଶିବ ବେଶରେ ଦର୍ଶକ, ଛାଡ଼ିଲାନି ପୋଲିସ

ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଦେଖିବା ଲାଗି ପୁରୀ ଜିଲା କଣାସ ଅଞ୍ଚଳର ବୀରକେଶରପୁରର ଅକ୍ଷୟ ରାଉତଙ୍କ ମନରେ ବେଶ୍ ଉତ୍ସାହ ରହିଥିଲା। ସେ ଅନ୍‌ଲାଇନରେ ଟିକେଟ ବୁକିଂ କରିପାରି ନ ଥିଲେ। ତେଣୁ ସେ ଷ୍ଟାଡିୟମ ଭିତରକୁ ଯିବା ପାଇଁ ଭିନ୍ନ ତରିକା ଆପଣାଇଥିଲେ। ନିଜକୁ ଶିବଙ୍କ ବେଶରେ ସଜାଇ ରାତି ୩ଟାରୁ ଟ୍ରେନରେ ବସି ଭୁବନେଶ୍ୱର ଆସିଥିଲେ। ଅପରାହ୍ନ ପ୍ରାୟ ୨ଟାରେ ସେ ଷ୍ଟାଡିୟମ ଭିତରକୁ ଯିବା ପାଇଁ ଉଦ୍ୟମ କରିବା ବେଳେ ଟିକେଟ ନ ଥିବାରୁ ପୋଲିସ ତାଙ୍କୁ ଛାଡ଼ି ନ ଥିଲା। ଫଳରେ ମନ ଦୁଃଖରେ ସେ ଘରକୁ ଫେରିଥିଲେ।

## ଶାହରୁଖଙ୍କୁ ଦେଖିବାକୁ ଆସିଥିଲି



ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଦେଖିବାକୁ ଟିକେଟ ମିଳିଥିବାରୁ ବହୁତ ଖୁସି ଲାଗୁଛି। ମୁଁ କେବଳ ଶାହରୁଖ ଖାଁଙ୍କୁ ଦେଖିବାକୁ ଆସିଥିଲି। ସେ ମୋର ଫେଭରିଟ୍। ତେଣୁ ସେ ଭୁବନେଶ୍ୱର ଆସିଥିବାବେଳ ଏହି ସୁଯୋଗ ହାତଛଡ଼ା କରିବାକୁ ଚାହିଁ ନ ଥିଲି।

-ମହମ୍ମଦ ରିଜୱାନ ତନବୀର, ସତ୍ୟବିହାର

## ମାଧୁରୀ, ଶାହରୁଖଙ୍କୁ ନିକଟରୁ ଦେଖି ଖୁସି ଲାଗିଲା



ଭୁବନେଶ୍ୱରରେ ହକି ବିଶ୍ୱକପ୍ ହେବ ବୋଲି କେବେ ଆଶା କରି ନ ଥିଲି। ତା' ସାଙ୍ଗକୁ ଶାହରୁଖ ଖାଁ ଏବଂ ମାଧୁରୀ ଦୀକ୍ଷିତ ଆସିଥିବାରୁ ତାଙ୍କୁ ନିକଟରୁ ଦେଖି ଖୁସି ଲାଗିଲା।

- ସ୍ୱାଗତିକା ଗୁରୁ, ବରମୁଣ୍ଡା

## ଏହି ଦିନ ସ୍ମରଣୀୟ ହୋଇ ରହିବ



ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଦେଖିଥିବାରୁ ମୋ ଜୀବନରେ ଏହି ଦିନଟି ସ୍ମରଣୀୟ ହୋଇ ରହିବ। ଏତେ ବଡ଼ ଇଭେଣ୍ଟ ସାଙ୍ଗକୁ ମାଧୁରୀ ଏବଂ ଶାହରୁଖଙ୍କୁ ନିକଟରୁ ଦେଖିବି ବୋଲି ଆଶା କରି ନ ଥିଲି। ତେଣୁ ବହୁତ ଖୁସି ଅଛି।

-ସରିତା ମହାନ୍ତି, ନ୍ୟୁ ଏଜି କଲୋନୀ

## ସାରା ବିଶ୍ୱ ଓଡ଼ିଶାର କଳା, ସଂସ୍କୃତି ଦେଖିଲା



ଓଡିଶାର ଅନେକ କଳା, ସଂସ୍କୃତି ଲୋକଲୋଚନକୁ ଆସିପାରୁ ନାହିଁ। ଏଠାରେ ହକି ବିଶ୍ୱକପ୍ ଆୟୋଜନ କରାଯିବା ଫଳରେ ସେସବୁକୁ ସାରା ବିଶ୍ୱ ଦେଖିଛି। ଏହା ଆମ ପାଇଁ ଗର୍ବର କଥା। ଏଭଳି ଏକ ଉତ୍ସବକୁ ଦେଖିବାକୁ ଆସିଥିବାରୁ ମୁଁ ଗର୍ବିତ।

-ସମୀକ୍ଷା ସାହୁ, ନୟାପଲ୍ଲୀ

## ଏ.ଆର୍. ରହମନଙ୍କ ସଙ୍ଗୀତ ମତୁଆଲା କଲା



ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ଦେଖିବା ଲାଗି ମୁଁ ଆଗରୁ ଯୋଜନା କରିଥିଲି। କିନ୍ତୁ ଟିକେଟ ପାଇବା ପରେ ବହୁତ ଖୁସି ହୋଇଥିଲି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏ.ଆର. ରହମନଙ୍କ ସଙ୍ଗୀତ ମତୁଆଲା କରିଥିଲା। ଏହା ସହ ଶାହରୁଖଙ୍କ ଉପସ୍ଥିତି ମନରେ ରୋମାଞ୍ଚ ଭରି ଦେଇଥିଲା।

-ସୁକନ୍ୟା ରାୟ, ନୟାପଲ୍ଲୀ



ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ଆତସବାଜି।



ପୁରୁଷ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବରେ ଲୋକପ୍ରିୟ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ନୃତ୍ୟ ପରିବେଷଣ।



# ସମସ୍ତଙ୍କ ମୁହଁରେ ଓଡ଼ିଆ

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ଶାହରୁଖ୍ ଖାନ୍‌ଙ୍କଠାରୁ ଏ.ଆର୍. ରହମନ୍‌ଙ୍କ ପର୍ଯ୍ୟନ୍ତ, ଗୌରବ କପୁରଙ୍କଠାରୁ ଶମକ୍ ଡାଭରଙ୍କ ପର୍ଯ୍ୟନ୍ତ, ଆର୍‌ଜେ ରୌନକ୍‌ଙ୍କଠାରୁ ଆର୍‌ଜେ ମଲିସ୍କାଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ମୁହଁରେ ଥିଲା ଓଡ଼ିଆ। ଏପରି କି, ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ(ଏଫ୍‌ଆଇଏଚ୍) ସଭାପତି ନରିନ୍ଦର ବାତ୍ରା ବି ଓଡ଼ିଆ କହିବାକୁ ପଛାଇ ନ ଥିଲେ। ବିଶ୍ୱକପ୍ ହକିର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ପ୍ରତ୍ୟେକ ସେଲିବ୍ରିଟି ଓ ଉପସ୍ଥାପକଙ୍କ ମୁହଁରୁ ଓଡ଼ିଆ ଶୁଣିବାକୁ ମିଳିଥିଲା। ଉଦ୍‌ଘାଟନୀ ମଞ୍ଚରେ ପ୍ରତ୍ୟେକ ଅତିଥି ଓଡ଼ିଆରେ ଦୁଇପଦ କଥା କହି ଓଡ଼ିଶାବାସୀଙ୍କ ମନ ଜିଣିଥିଲେ। ବଲିଉଡ୍‌ର କିଙ୍ଗଖାନ୍ ଶାହରୁଖ୍ ଓଡ଼ିଆରେ 'ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ' କହିଥିବା ବେଳେ ଲୋକପ୍ରିୟ କ୍ରୀଡ଼ା ଉପସ୍ଥାପକ ଗୌରବ କପୁର କହିଥିଲେ 'କେମିତି ଅଛନ୍ତି ?, ଆପଣଙ୍କୁ ଭେଟି ଭଲଲାଗିଲା। ସେହିଭଳି ଏଫ୍‌ଆଇଏଚ୍ ସଭାପତି ନରିନ୍ଦର ବାତ୍ରା ଓଡ଼ିଆରେ କହିଥିଲେ 'ଆମେ ଓଡ଼ିଶାବାସୀ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅନୁଗ୍ରହୀ'। ଏହାବ୍ୟତୀତ ରେଡ୍ ଏଫ୍‌ଏମ୍‌ର ଆର୍‌ଜେ ମଲିସ୍କା, ଆର୍‌ଜେ ରୌନକ୍, କୋରିଓଗ୍ରାଫର ଶମକ୍ ଡାଭର ସମସ୍ତେ ଓଡ଼ିଆରେ ପଦେ ପଦେ କହିଥିଲେ। କେବଳ ସେତିକି ନୁହେଁ, ପ୍ରତ୍ୟେକ ଅତିଥିଙ୍କ ମୁହଁରୁ 'ଜୟ ଜଗନ୍ନାଥ' ମଧ୍ୟ ଶୁଣିବାକୁ ମିଳିଥିଲା।





ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ପରିବେଷିତ ନୃତ୍ୟ।

## ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସାରେ ପୋତିଲେ ଶାହରୁଖ୍

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୋଲ୍‌କିପର କହି ସମ୍ବୋଧନ କରିଥିଲେ ଶାହରୁଖ୍ ଖାନ୍। ନବୀନ ଉଭୟ ହକି ଏବଂ ଓଡ଼ିଶାର ଗୋଲ୍‌କିପର ବୋଲି କିଙ୍ଗ୍‌ଖାନ୍ କହିଥିଲେ। ଜଣେ ହକି ଖେଳାଳି ଭାବେ ନବୀନ ଗୋଲ୍‌କିପର ଥିବାବେଳେ ଏବେ ସେ ଓଡ଼ିଶା ରାଜନୀତିର ଗୋଲ୍‌କିପର ଅଛନ୍ତି। କେବଳ ସେତିକି ନୁହେଁ, ମଞ୍ଚ ଉପରେ ଶାହରୁଖ୍ ମୁଖ୍ୟମନ୍ତ୍ରୀଙ୍କୁ କୋଳାଗ୍ରତ କରିବା ସହ ମୁଣ୍ଡ ନୁଆଁଇ ସମ୍ମାନ ଜଣାଇବା ଦୃଶ୍ୟ ସମସ୍ତଙ୍କୁ ଅଭିଭୂତ କରିଥିଲା। ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ହକି ଇଣ୍ଡିଆର ପ୍ରାୟୋଜକ ହେବା ଏବଂ ବିଶ୍ୱକପ୍‌କୁ ମହାସମାରୋହରେ ଆୟୋଜନ କରିଥିବାରୁ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିବା ସହ ସେ ତାଙ୍କ ଆଭାରୀ ହୋଇ ରହିବେ ବୋଲି କହିଥିଲେ ବଲିଉଡ୍‌ର ଏହି ସୁପରଷ୍ଟାର୍। ଏହାସହ ଉଦ୍‌ଘାଟନୀ ସଭା ପରେ ମାଧୁରୀ ଦୀକ୍ଷିତ ଓ ଏ.ଆର୍. ରହମନ୍‌ଙ୍କ ଶୋ'କୁ ମଧ୍ୟ ଉଭୟ ନେତା ଏବଂ ଅଭିନେତା ଏକାଠି ବସି ଉପଭୋଗ କରିଥିଲେ।

## ମନପ୍ରୀତ୍‌ଙ୍କୁ କୋଳାଗ୍ରତ କଲେ

ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ସମାରୋହ ମଞ୍ଚରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ଚଳିତବର୍ଷ ବିଶ୍ୱକପ୍ ଖେଳିବାକୁ ଆସିଥିବା ୧୬ଟି ରାଷ୍ଟ୍ରର କ୍ୟାପ୍‌ଟେନ୍‌ଙ୍କୁ ମଞ୍ଚ ଉପରେ ଶାହରୁଖ୍ ଖାନ୍ ସ୍ୱାଗତ କରିଥିଲେ। ଏହି ଅବସରରେ ସେ ପ୍ରତ୍ୟେକ ଟିମ୍‌ର କ୍ୟାପ୍‌ଟେନ୍‌ଙ୍କ ସହ ହାତ ମିଳାଇଥିଲେ। ହେଲେ ଭାରତ ହକି ଦଳର କ୍ୟାପ୍‌ଟେନ୍ ମନପ୍ରୀତ୍ ସିଂଙ୍କ ସହ ପ୍ରଥମେ ହ୍ୟାଣ୍ଡ୍‌ଶେକ୍ କରିବା ପରେ ତାଙ୍କୁ କୋଳେଇ ନେଇଥିଲେ, ଯାହାକୁ ଦେଖି ଷ୍ଟାଡିୟମ୍‌ରୁ କରତାଳିର ସୁଅ ଛୁଟିଥିଲା। ସେହିଭଳି ଶାହରୁଖ୍‌ଙ୍କ ବାପା ଜଣେ ହକି ଖେଳାଳି ଥିବାବେଳେ ହକି ସହ ସେ ପିଲାବେଳୁ ଜଡ଼ିତ ବୋଲି କହିଥିଲେ। 'ଚକ୍ ଦେ ଇଣ୍ଡିଆ'ରେ ଜଣେ ହକି କୋଚ୍ ଓ କ୍ୟାପ୍‌ଟେନ୍ ଭୂମିକାରେ ନଜର ଆସିଥିବା ଏହି ଷ୍ଟାର୍ ହକି ପାଇଁ ଥିବା ନିଜର ଭଲପାଇବାକୁ ଏହି ଫିଲ୍ମର ଡାଏଲଗ୍ ମାଧ୍ୟମରେ କହିଥିଲେ। କେବଳ ସେତିକି ନୁହେଁ, ନିଜ ୬ବର୍ଷର ପୁଅକୁ ସେ ହକି ଖେଳିବାକୁ ଉତ୍ସାହିତ କରୁଥିବା ମଧ୍ୟ କହିଥିଲେ।



## ସବୁଥିରେ ଜନଜାତି ସଂସ୍କୃତିର ଝଲକ

ହକି ଓଡ଼ିଶାର ଜନଜାତି ସଂସ୍କୃତି ସହ ଓତପ୍ରୋତ ଭାବେ ଜଡ଼ିତ। ଦିଲୀପ ତିର୍କୀଙ୍କଠାରୁ ଆରମ୍ଭକରି ବୀରେନ୍ଦ୍ର ଲାକ୍ରା ଓ ଇଗ୍ନେଶ ତିର୍କୀଙ୍କ ପର୍ଯ୍ୟନ୍ତ, ଦେଶର ଅଧିକାଂଶ ବରିଷ୍ଠ ହକି ଖେଳାଳିଙ୍କୁ ଓଡ଼ିଶାର ଆଦିବାସୀ ଭୂମି ସୃଷ୍ଟି କରିଛି, ଯାହାର ପ୍ରତିଫଳନ ଉଦ୍‌ଘାଟନୀ ସମାରୋହରେ ଦେଖିବାକୁ ମିଳିଥିଲା। ଉଦ୍‌ଘାଟନୀ ଉତ୍ସବରେ ପରିବେଷିତ 'ଦି ଆର୍ଥ ସଙ୍ଗ୍'ରେ ଓଡ଼ିଶାର ଜନଜାତି ନୃତ୍ୟ ଏକ ପ୍ରମୁଖ ଅଂଶ ଥିଲା। ବିଭିନ୍ନ ପ୍ରକାର ଆଦିବାସୀଙ୍କ ପାରମ୍ପରିକ ନୃତ୍ୟକୁ ଏଠାରେ ପ୍ରଦର୍ଶିତ କରାଯାଇଥିଲା। ଏହାସହ କିସ୍‌ର ୮୦୦ ଜନଜାତି ଛାତ୍ରୀଛାତ୍ର ଏହି ବିଶ୍ୱସ୍ତରୀୟ ଇଭେଣ୍ଟ୍‌ର ପ୍ରମୁଖ ଅଂଶ ପାଲଟିଥିଲେ। ଏପରି କି, ମଞ୍ଚ ଉପରକୁ ୧୬ଟି ଦେଶର କ୍ୟାପ୍‌ଟେନ୍‌ଙ୍କୁ ଜନଜାତି ଛାତ୍ରମାନେ ହକି ଷ୍ଟିକ୍ ଧରି ପାଛୋଟି ଆଣିଥିଲେ।

# ନନ୍ଦନକାନନ ଆସିଲେ ୧୨ ଶାଗୁଣା

## କାର୍ଯ୍ୟକ୍ଷମ ହେବ ଶାଗୁଣା ପ୍ରଜନନ କେନ୍ଦ୍ର

**ବାରଙ୍ଗ,୨୭।୧୧(ଡି.ଏନ୍.ଏ.)**

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ମଙ୍ଗଳବାର ରାତିରେ ଗ୍ୱାଲିୟର ଚିଡ଼ିଆଖାନାରୁ ୧୨ ବଡ଼ ଥଣ୍ଟିଆ ଶାଗୁଣା ଆସିଛନ୍ତି। ସେଥିମଧ୍ୟରେ ୬ ମାଈ ଥିବା ବେଳେ ୬ ଅଣ୍ଡିରା ରହିଛନ୍ତି। ଏହି ୬ ଯୋଡ଼ା ଶାଗୁଣାଙ୍କୁ ଆଣିବା ପାଇଁ ଗତ ୨୦ତାରିଖ ସକାଳେ ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ନନ୍ଦନକାନନ ପ୍ରାଣୀ ବିଭାଗ ରେଞ୍ଜର ଅଶୋକ କୁମାର ଦାସ, ଡା. ଦେବବ୍ରତ ମହାପାତ୍ର, ଶିକ୍ଷା ବିଭାଗ ଅଧିକାରୀ ମିଳନ ପଣ୍ଡା, ପ୍ରାଣୀରକ୍ଷକ ସୁବାସ ପ୍ରଧାନ ଓ ପଠାଣି ଜେନା, ଫରେଷ୍ଟ ଗାର୍ଡ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଗ୍ୱାଲିୟର ଯାତ୍ରା କରିଥିଲେ। ନନ୍ଦନକାନନ ତା'ର ନିଜସ୍ୱ ଖର୍ଚ୍ଚ ଓ ତତ୍ତ୍ୱାବଧାନରେ ଶାଗୁଣାମାନଙ୍କୁ ଆଣିଛି। ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ସେମାନଙ୍କୁ ପରିସରସ୍ଥ ଡାକ୍ତରଖାନାରେ ରଖାଯାଇଛି।



୨୦୧୧ରୁ ବଟାନିକାଲ ଗାର୍ଡେନରେ ଶାଗୁଣା ପ୍ରଜନନ କେନ୍ଦ୍ର ନିର୍ମାଣ ୩ ଏକର ଜାଗାରେ ଆରମ୍ଭ ହୋଇ ୨୦୧୪ରେ ସରିଥିଲା। ୭୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରଜନନ କେନ୍ଦ୍ର କିନ୍ତୁ ଶାଗୁଣା ଅଭାବରୁ ଚାଲିପାରି ନ ଥିଲା। ଶାଗୁଣା ଆସିବା ସ୍ଥିର ହେବା ପରେ ପୁନର୍ବାର ୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହାର ପୁନରୁଦ୍ଧାର କରାଯାଇଛି। ଫଳରେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଗ୍ୱାଲିୟର ଚିଡ଼ିଆଖାନା କର୍ତ୍ତୃପକ୍ଷ ଏହି ୧୨ ଶାଗୁଣାଙ୍କୁ ଉପହାରରେ ନନ୍ଦନକାନନକୁ ଦେଇଛନ୍ତି।

# ବାରବାଟୀରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ପାଇଁ ଟ୍ରାଫିକ କଟକଣା

**କଟକ ଅଫିସ, ୨୭।୧୧**

ବୁଧବାର ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍ ଦ୍ୱିତୀୟ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବ। ଗହଳିକୁ ଦୃଷ୍ଟିରେ ରଖି ସହରରେ ଅପରାହ୍ଣ ୧ଟାରୁ ଭିଡ଼ କମିବା ପର୍ଯ୍ୟନ୍ତ ଟ୍ରାଫିକ କଟକଣା ରହିବ। ଟ୍ରାଫିକ ରୁଟ୍ ମ୍ୟାପ୍ ସମ୍ପର୍କିତ ସମସ୍ତ ତଥ୍ୟ ସହରର ୧୨ଟି ସ୍ଥାନରେ ହୋର୍ଡିଂ ଜରିଆରେ ପ୍ରଦର୍ଶିତ କରାଯାଇଛି। ଏହି କଟକଣା ଅନୁଯାୟୀ, ସତୀଚଉରା ଛକରୁ କୌଣସି ତିନି ଚକିଆ କିମ୍ବା ଚାରି ଚକିଆ ଯାନ ସେଲ୍‌ଟର ଛକ ଓ କନିକା ଛକ ଦେଇ ଷ୍ଟାଡିୟମ ଆଡକୁ ଯାଇପାରିବ ନାହିଁ। ଲୋକମାନେ ବିଡ଼ାନାସୀ ବନ୍ଧ ଛକ ଦେଇ ଭୁଆଶୁଣି ପଡ଼ିଆରେ ପାର୍କିଂ କରି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିବା ଗାଡ଼ିରେ ଷ୍ଟାଡିୟମକୁ ଯିବେ।

ସେହିଭଳି ପାସ୍ ପାଇଥିବା କାର୍ ସତୀଚଉରା ଛକରୁ ସେଲ୍‌ଟର ଛକ, କନିକା ଛକ ଦେଇ ପାର୍କିଂସ୍ଥଳକୁ ଯାଇପାରିବେ। ଚହଟା ଛକରୁ ତିନିଚକିଆ ଏବଂ ଚାରି ଚକିଆ ଯାନ ସିଧାସଳଖ ହରିଣ ପାର୍କ ଆଡକୁ ଯାଇପାରିବ ନାହିଁ। ପାସ୍ ପାଇଥିବା ଗାଡ଼ିଗୁଡ଼ିକ ହରିଣ ପାର୍କ ଦେଇ ଆନନ୍ଦ ଭବନ ଗଡ଼ାରେ ଏଏସ୍‌ଆଇ ପଡ଼ିଆରେ ପାର୍କିଂ କରିବେ। ଚହଟା ଛକରୁ ଦୁଇ ଚକିଆ ଯାନଗୁଡ଼ିକ ବାଲିଯାତ୍ରା ପଡ଼ିଆ ନିକଟରେ ନିର୍ଦ୍ଧାରିତ ପାର୍କିଂ ଷ୍ଟାଣ୍ଡରେ ରଖିବେ।

ମଧୁସୂଦନ ସେତୁ ଆଡୁ ଆସୁଥିବା ତିନି ଚକିଆ ଓ ଚାରି ଚକିଆ ଯାନଗୁଡ଼ିକ ଭୁଆଶୁଣି ପଡ଼ିଆରେ ପାର୍କିଂ କରିବେ। ଭୁଆଶୁଣି ପଡ଼ିଆ ପାଖରୁ ପାସ୍ ପାଇଥିବା ଯାନଗୁଡ଼ିକ ଚହଟା ଛକ ଦେଇ ପାର୍କିଂ ସ୍ଥଳକୁ ଯାଇପାରିବେ।

ବିଜୁ ପଟ୍ଟନାୟକ ଛକଠାରୁ ତିନିଚକିଆ ଏବଂ ଚାରିଚକିଆ ଯାନ ଦୟାଶ୍ରମ ଦେଇ ଷ୍ଟାଡିୟମ ଆଡକୁ ନ ଯାଇ କ୍ରିକେଟ ପଡ଼ିଆରେ ପାର୍କିଂ କରିବେ। ବିଜୁ ପଟ୍ଟନାୟକ ଛକଠାରୁ ଓସିଏ କ୍ଲବ, ସେଣ୍ଟ ଜୋସେଫ ଗାର୍ଲସ ହାଇସ୍କୁଲ ଓ କେମ୍ବ୍ରିଜ ସ୍କୁଲଠାରେ ପାସ୍ ପାଇଥିବା ଗାଡ଼ିଗୁଡ଼ିକ ପାର୍କିଂ ପାଇଁ ଦୟାଶ୍ରମ ରାସ୍ତା ଦେଇ ଯାଇପାରିବେ।

କନିକା ଛକଠାରୁ ତିନିଚକିଆ ଓ ଚାରିଚକିଆ ଯାନ ଚଣ୍ଡୀ ଛକ ଦେଇ ଷ୍ଟାଡିୟମ ଆଡକୁ ଯାଇପାରିବେ ନାହିଁ। ସେଲ୍‌ଟର ଛକରୁ କନିକା ଛକ ଦେଇ କୌଣସି ତିନିଚକିଆ ଓ ଚାରିଚକିଆ ଯାନ ଷ୍ଟାଡିୟମକୁ ଯାଇପାରିବେ ନାହିଁ। ସେଗୁଡ଼ିକ ସତୀଚଉରା ଛକଦେଇ ରିଂରୋଡରେ ଚହଟା ପର୍ଯ୍ୟନ୍ତ ଯାଇ ଭୁଆଶୁଣି ପଠାରେ ପାର୍କିଂ କରିବେ। ଚଣ୍ଡୀଛକରୁ ତିନିଚକିଆ ଓ ଚାରିଚକିଆ ଯାନ ସିଧାସଳଖ ଷ୍ଟାଡିୟମକୁ ଯାଇପାରିବ ନାହିଁ।

କଳାବିକାଶ କେନ୍ଦ୍ର ଆଡୁ ଆସୁଥିବା ତିନିଚକିଆ ଓ ଚାରିଚକିଆ ଯାନକୁ ଷ୍ଟାଡିୟମ ଆଡକୁ ଛଡାଯିବ ନାହିଁ। କେବଳ ଦୁଇଚକିଆ ଯାନ ପିଏଚ୍‌ଡି ଅଫିସ ଦେଇ ଦୟାଶ୍ରମ ପାଖରେ ଥିବା ଷ୍ଟାଣ୍ଡରେ ପାର୍କିଂ କରିବେ।

ସମାଜ ଅଫିସ ଛକଠାରୁ ତିନିଚକିଆ ଓ ଚାରି ଚକିଆ ଯାନ ନାରୀ ସେବା ସଦନ ଛକ ଆଡକୁ ଆସିପାରିବେ ନାହିଁ। ଓସିଏ ପଡ଼ିଆ, ଓସିଏ କ୍ଲବ ଓ ବାଣିଜ୍ୟ କର ଭବନରେ ଗାଡ଼ି ରଖିବା ପାଇଁ ପାସ୍ ପାଇଥିବା ଯାନଗୁଡ଼ିକ ନାରୀ ସେବା ସଦନ ଛକ ଆଡକୁ ଆସିପାରିବେ।

ନାରୀ ସେବା ସଦନ ହନୁମାନ ଛକଠାରୁ ତିନିଚକିଆ ଓ ଚାରି ଚକିଆ ଯାନ ଷ୍ଟାଡିୟମ ଆଡକୁ ଯାଇପାରିବେ ନାହିଁ। ଓସିଏ ପଡ଼ିଆ ଓ ବାଣିଜ୍ୟ କର ଭବନ ଭିତରେ ଗାଡ଼ି ରଖିବା ପାଇଁ ପାସ୍ ପାଇଥିବା ଗାଡ଼ିଗୁଡ଼ିକ ଏହି ବାଟଦେଇ ଷ୍ଟାଡିୟମକୁ ଯାଇପାରିବ। ସେହିପରି ରିଜର୍ଭ ପୋଲିସ ପଡ଼ିଆ ପାଖରୁ ତିନିଚକିଆ ଓ ଚାରିକିଆ ଯାନ ସିଧା ଷ୍ଟାଡିୟମକୁ ଯାଇପାରିବେ ନାହିଁ। ଓସିଏ ପଡ଼ିଆ ଓ ବାଣିଜ୍ୟ କର ଭବନ ଓ ଓସିଏ କ୍ଲବରେ ଗାଡ଼ି ରଖିବାକୁ ପାସ୍ ପାଇଥିବା ଯାନଗୁଡ଼ିକ ଏହି ବାଟଦେଇ ଷ୍ଟାଡିୟମକୁ ଆସିପାରିବେ।

ମାତାମଠ ପଟୁ ଆସୁଥିବା ସମସ୍ତ ଯାନଗୁଡ଼ିକ ପୂର୍ବ ନିର୍ଦ୍ଧାରିତ ନୂଆ ଡିଜି ଅଫିସ ପୂର୍ବରୁ ଥିବା ବାଲିଯାତ୍ରା ପାର୍କିଂ ଷ୍ଟାଣ୍ଡରେ ଗାଡ଼ି ରଖି ଷ୍ଟାଡିୟମ ଯାଇପାରିବେ। କାର୍ ପାସ୍ ପାଇଥିବା ଯାନଗୁଡ଼ିକ ଗୌଡ଼ ଗଡ଼ାରୁ ବାମକୁ ଯାଇ ଗ୍ରୀନରେ ହୋଟେଲ ଛକ ଦେଇ ମଧୁସୂଦନ ଷ୍ଟାଚ୍ୟୁ ଛକର ବାମରେ ଥିବା ପାର୍କିଂ ଷ୍ଟାଣ୍ଡରେ ଗାଡ଼ି ରଖି ଷ୍ଟାଡିୟମକୁ ଯିବେ। ଓଲିଉଡ ଓ ବଲିଉଡ କଳାକାରମାନେ ସତୀଚଉରା ଛକ ଦେଇ ସେଲ୍‌ଟର ଛକ ଓ କନିକା ଛକ ରାସ୍ତାରେ ଯାଇ ପିଏଚ୍‌ଡି ଅଫିସ ଦେଇ ଷ୍ଟାଡିୟମର ୧୪ ନମ୍ବର ଗେଟ୍‌ରେ ପ୍ରବେଶ କରିବେ।











ବିଶ୍ୱଜିତ



ଚନ୍ଦନ



ସିପୁରଞ୍ଜନ



ମନୋଜ



ସାଗରିକା



ଶିବସୁନ୍ଦର



ନିବେଦିତା



ଆକାଶ



ଯଦି କୌଣସି ସ୍ତ୍ରୀ ଲୋକ ବୃଦ୍ଧା ହୋଇଥାନ୍ତି ତାଙ୍କୁ ମାତୃଜ୍ଞାନ କର, ଯଦି ସେ ଯୁବତୀ ହୋଇଥାନ୍ତି, ତାଙ୍କୁ ନିଜର ଭଉଣୀ ଜ୍ଞାନ କର, ଆଉ ଯଦି ସେ ବାଳିକା ହୋଇଥାନ୍ତି ତାହା ହେଲେ କନ୍ୟା ବୋଲି ବିବେଚନା କର।

-ଗୌତମ ବୁଦ୍ଧ



## ସଂକ୍ଷେପରେ

### ହକି ବିଶ୍ୱକପ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ବିଶ୍ୱକପ୍ ହକିର ସଫଳ ଆୟୋଜନ ନିମନ୍ତେ ସଚେତନ ନାଗରିକ ଫୋରମ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି। ଭୁବନେଶ୍ୱର ମାଟିରେ ଏଭଳି ବିଶାଳ କ୍ରୀଡା ଅୟୋଜନ କରାଯିବା ଗୌରବ ବିଷୟ ବୋଲି ଫୋରମ ଫକ୍ଷରୁ ସ୍ଥାନୀୟ ଏକାମ୍ରହାଟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୁହାଯାଇଛି। ଏହାର ଶ୍ରେୟ କେବଳ ମୁଖ୍ୟମନ୍ତ୍ରୀଙ୍କର ବୋଲି ଫୋରମର ବକ୍ତାମାନେ କହିଛନ୍ତି। ଏହି ଅବସରରେ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ମହମ୍ମଦ ଅଜିଜ୍‌ଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲୀପ ହାଲି, ଲିଟୁ ମହାନ୍ତି, ଲୋକନାଥ ଦାଶ ଓ ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ବିବାହ କରି ଜେଲ ଗଲେ ଯୁବକ

**ଖୋର୍ଦ୍ଧା ଅଫିସ,୨୭।୧୧:** ନାବାଳିକାଙ୍କୁ ବିବାହ କରିବା ଅଭିଯୋଗରେ ଜଙ୍କିଆ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇଦିଆଯାଇଛି। ସେ ହେଲେ ଏହି ଥାନା ଅଞ୍ଚଳର ଦିଲ୍ଲୀପ ନାୟକ। ଅଭିଯୋଗ ଅନଯାୟୀ, ଦିଲ୍ଲୀପଙ୍କ ସ୍ତ୍ରୀ ଓ ପୁଅ ଥିଲେ ମଧ ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ କରିଥିଲେ। ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ୩୬୩, ୩୭୬, ୧୨ ପୋକସ ଆକ୍ଟ/୯ ଅଫ ଦି ପ୍ରିଭେନସନ ଅଫ ଚାଇଲ୍ଡ ମ୍ୟାରେଜ ଆକ୍ଟ ଦଫାରେ ୧୭୫/୧୮ରେ ମାମଲା ରୁଜୁ କରିଥିଲା।

### ବିଷୟ ଭିତ୍ତିକ ଶିକ୍ଷକ ଭାବେ ନିୟମିତ କରିବାକୁ ଦାବି

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ରାଜ୍ୟରେ ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ବି.ଏଡ୍ ଶିକ୍ଷକମାନଙ୍କୁ ବିଷୟ ଭିତ୍ତିକ ଶିକ୍ଷକ ଭାବେ ନିୟମିତ କରିବାକୁ ବି.ଏଡ କନିଷ୍ଠ ଶିକ୍ଷକ ସଂଘ ଦାବି କରିଛି। ଏ ନେଇ ସଂଘ ସଭାପତି ଅଜୟ କୁମାର ଧଳ ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଧଳ କହିଛନ୍ତି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ସାମିଲ କରାଯାଇଥିବାରୁ ସାହିତ୍ୟ, ଇଂଲିଶ୍, ଗଣିତ ଏବଂ ବିଜ୍ଞାନ ଭଳି ବିଷୟ ପଢାଇବା ପାଇଁ ସରକାର ତିନିଟି ଶିକ୍ଷକଙ୍କୁ ନିଯୁକ୍ତ କରିଛନ୍ତି। ଏହି ଶିକ୍ଷକମାନଙ୍କୁ ହାଇସ୍କୁଲ ଶିକ୍ଷକଙ୍କ ପରି ବିଷୟଭିତ୍ତିକ ଶିକ୍ଷକର ମାନ୍ୟତା ଦିଆଯାଉ। ବିଷୟ ଭିତ୍ତିକ ଭାବେ ଶିକ୍ଷକଙ୍କୁ ନିୟମିତ କରିବା ସହିତ ହାଉସ୍କୁଲ ଶିକ୍ଷକମାନେ ପାଉଥିବା ବେତନ ହାର ଅନୁସାରେ ସେମାନଙ୍କୁ ଦରମା ଦିଆଯାଉ। ଯଦି ସରକାର ଦାବି ପୂରଣ ନ କରନ୍ତି ତେବେ ସଂଘ ବାଧ ହୋଇ ଆନ୍ଦୋଳନାକୁ ଓହ୍ଲାଇବ ବୋଲି ଧଳ କହିଛନ୍ତି।

### ପଡୁଆଁ ହେବେ ଶ୍ରୀ କପିଳେଶ୍ୱର

**ପୁରୁଣାଭୁବନେଶ୍ୱର,୨୭।୧୧(ଡି.ଏନ୍.ଏ.):** ଆସନ୍ତା ଶୁକ୍ରବାର ପୋଡୁଆଁ ଅଷ୍ଟମୀ। ପୋଡୁଆଁ ହେବେ ମହାପ୍ରଭୁ ଶ୍ରୀ କପିଳେଶ୍ୱର ଦେବ। ଏଥିପାଇଁ କୈବର୍ତ୍ତ ସାହିରେ ପୂଜା ପାଉଥିବା ମାମୁ ଶ୍ରୀ ଝୁଣ୍ଟୁକେଶ୍ୱର ମହାଦେବଙ୍କ ପକ୍ଷରୁ ନବବସ୍ତ୍ର ଆସିବ। ବିଧିମୁତାବକ କପିଳେଶ୍ୱର ଦେବଙ୍କ ପୀଠରେ ପହଞ୍ଚିବା ପରେ ଠାକୁର ପୋଡୁଆଁ ହେବେ। କୈବର୍ତ୍ତ ବେହେରାମାନଙ୍କ ପକ୍ଷରୁ ଏହି କାର୍ଯ୍ୟ ସମ୍ପାଦନ କରାଯାଇଥାଏ। ଚଳିତବର୍ଷ ମଧ ପୋଡୁଆଁ ଅଷ୍ଟମୀର ପୂର୍ବଦିନ ନୂତନବସ୍ତ୍ର ଲିଙ୍ଗରାଜ କୈବର୍ତ୍ତ ସେବାୟତ ଟ୍ରଷ୍ଟ ପକ୍ଷରୁ ପ୍ରେରଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏ ନେଇ ମଙ୍ଗଳବାର କୈବର୍ତ୍ତ ସାହିଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ବୈଠକରେ ସମ୍ପାଦକ ବାସୁଦେବ ବେହେରା, ବୃନ୍ଦାବନ ବେହେରା, ଲକ୍ଷ୍ମୀଧର ବେହେରା, ସୁକାନ୍ତ ବେହେରା ଉପସ୍ଥିତ ଥିଲେ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲିଅନ୍ତା,୨୭।୧୧(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ପ୍ରତାପରୁଦ୍ରପୁର ପଞ୍ଚାୟତ ନୂଆସାହି ଗ୍ରାମର ସନାତନ ଜେନା(୩୫)ଙ୍କ ନାମକ ଯୁବକଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ଅପରାହ୍ନ ପ୍ରାୟ ୪ଟାରେ ସେ ନିଜ ଶ୍ୱଶୁର ଘର ଗାଁ ବଇଚୁଆଁ ବିଲସାହିକୁ ଯାଇଥିଲେ। ସେଠାରେ ପହଞ୍ଚିବାର ପ୍ରାୟ ଅଧଘଣ୍ଟା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଶ୍ୱଶୁର ଘର ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

■ ଖୋର୍ଦ୍ଧା ଜିଲାରେ ଡିସେମ୍ବର ୧୪ରୁ ଖୋଲିବ ମଣ୍ଡି

# ଧାନ ବେପାରୀ, ଦଲାଲଙ୍କ କବ୍‌ଜାରେ ଚାଷୀ

■ ଆଗୁଆ ଟଙ୍କା ଦେଇ ଫସାଉଛନ୍ତି
■ ବିଲରୁ ଧାନ ଉଠାଇ ଶୋଷୁଛନ୍ତି
■ ହସ୍ତକ୍ଷେପ କରିବାକୁ ଜିଲାପାଳଙ୍କୁ ନିବେଦନ

**ଖୋର୍ଦ୍ଧା ଅଫିସ,୨୭।୧୧**

ଖୋର୍ଦ୍ଧା ଜିଲାରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି। ହେଲେ ପ୍ରଶାସନ ପକ୍ଷରୁ ଏଯାବତ୍ ଧାନମଣ୍ଡି ଖୋଲା ଯାଇନାହିଁ। ଫଳରେ ଧାନର ଅଭାବୀ ବିକ୍ରି ନେଇ ଏବେଠୁ ଆଶଙ୍କା ଦେଖାଦେଇଛି। ଏପରିସ୍ଥଳେ ଧାନ ବେପାରୀ ଓ ଦଲାଲମାନେ ବେଶ୍ ସକ୍ରିୟ ହୋଇଉଠିଛନ୍ତି। ଗାଁ ଯାଇ ଚାଷୀଙ୍କୁ କବ୍‌ଜା କରିବାରେ ଲାଗିଛନ୍ତି। ନାନା କଥା କହି ଫସାଇବା ସହ ଆଗୁଆ ଟଙ୍କା ଧରାଉଛନ୍ତି। ଏ ପରିସ୍ଥିତିକୁ ନେଇ ସାମାଜିକ କର୍ମୀ ବିଭୂତି ଦାଶ ଉଦ୍‌ବେଗ ପ୍ରକାଶ କରିବା ସହ ଜିଲାପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

ଗତ ୧୩ ତାରିଖରେ ଭୁବନେଶ୍ୱରଠାରେ ଖୋର୍ଦ୍ଧା ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ବସିଥିଲା। ଡିସେମ୍ବର ୧୪ରେ ଚାଷୀଙ୍କଠାରୁ ଧାନ କିଣାଯିବା ପାଇଁ ସ୍ଥିର ହେବା ସହ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ ଆଲୋଚନା ହୋଇଥିଲା। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ରହିଛି। ତେବେ ଇତିମଧ୍ୟରେ ମଣ୍ଡି ଖୋଲିବାକୁ ଆହୁରି ୧୭ଦିନ ବାକି ରହିଛି। କିନ୍ତୁ ଜିଲାରେ ପ୍ରାୟ ୪୭ ପ୍ରତିଶତ ଧାନକଟା ସରିଥିବା ଜଣାପଡିଛି। ଚାଷୀମାନେ ମେଶିନରେ ଧାନ କାଟିବା ସହ ଅମଳ କରୁଥିବାରୁ ବିଲରୁ ହିଁ ଧାନ ବିକ୍ରି କରିବାକୁ ଉଚିତ ମଣୁଛନ୍ତି। ଧାର କରଜ ଟଙ୍କା ପରିଶୋଧ ଚିନ୍ତା ସହ ଅଦିନିଆ ବର୍ଷା ଭୟ ବି ରହିଛି। ଖୁବ୍ କମ୍ ଚାଷୀ ଖଳାବାରିକୁ ଧାନ ନେଇ ଅମଳ କରୁଛନ୍ତି। ଏପରିସ୍ଥଳେ ମିଲରଙ୍କ ଦ୍ୱାରା ନିୟୋଜିତ କେତେଜଣ ଅସାଧୁ ଧାନ ବେପାରୀ ଓ ଦଲାଲ ବିଲରୁ ହିଁ ଧାନ ଉଠାଇବାରେ ଲାଗିଛନ୍ତି। ଗାଁ ଓ ବିଲରେ ବୁଲି ଚାଷୀଙ୍କୁ ଫସାଇ ଶୋଷଣ କରୁଛନ୍ତି। ସରକାରୀ ଧାର୍ଯ୍ୟ ଦରରୁ କମ୍ ଅର୍ଥାତ୍ କୁଇଣ୍ଟାଲ ପିଛା ୧୨୫୦ରୁ ୧୩୫୦ ଟଙ୍କାରେ ଧାନ କିଣି ନେଉଛନ୍ତି। ମଣ୍ଡିକୁ ନେଇ ହଟହଟା ହେବା ଓ ପରିବହନ ଖର୍ଚ୍ଚରୁ ମୁକ୍ତି ମିଳୁଥିବାରୁ ଚାଷୀମାନେ କମ୍ ଦାମ ହେଉପଛେ ସଙ୍ଗେ ସଙ୍ଗେ ଟଙ୍କା ମିଳିଯାଉଥିବାରୁ ବେପାରୀଙ୍କୁ ଧାନ ବିକ୍ରି କରିବାକୁ ଉଚିତ ମଣୁଛନ୍ତି।

ଅନ୍ୟପକ୍ଷରେ ଯୋଗାଣ ବିଭାଗ ମିଲ୍ ମାଲିକ ଓ ଧାନ ବେପାରୀଙ୍କୁ ପରୋକ୍ଷ ସହଯୋଗ କରିବାକୁ ଯାଇ ଏପରିସ୍ଥିତି ସୃଷ୍ଟି କରୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଏନେଇ ଖୋର୍ଦ୍ଧା ଜିଲା ଉପକୃଷି ନିର୍ଦ୍ଦେଶକ ଭାସ୍କର ବାରିକ କୁହନ୍ତି, ଅଭାବୀ ଧାନ ବିକ୍ରି ପରିସ୍ଥିତି ସୃଷ୍ଟି ନ କରିବା ପାଇଁ ସରକାର ଓ ପ୍ରଶାସନ ତରଫରୁ ବାରମ୍ବାର ବିଜ୍ଞାପନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ଜିଲା ଯୋଗାଣ ଅଧିକାରୀ କୁହନ୍ତି, ଜିଲାରେ ଧାନର ଅଭାବୀ ବିକ୍ରି ହୋଇନାହିଁ। ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ। ସିପିଆଇ(ଏମ) ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ କୁହନ୍ତି, ଜିଲାରେ ଧାନ ଅମଳ ଆରମ୍ଭ ହୋଇଛି। ଛୋଟ ଚାଷୀ ଓ ନାମମାତ୍ର ଚାଷୀ ଅଭାବ ଭିତରେ ରହି ସ୍ୱଳ୍ପମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ମଣ୍ଡି ଖୋଲି ନ ଥିବାରୁ ସରକାର ଧାର୍ଯ୍ୟ କରୁଥିବା ଦର ସେମାନେ ପାଉ ନାହାନ୍ତି। ଏଣୁ ତୁରନ୍ତ ପ୍ରତି ପଞ୍ଚାୟତରେ ମଣ୍ଡି ଖୋଲିବାକୁ ସେ ଦାବି କରିଛନ୍ତି।




୧୩ ଦଫା ଦାବିରେ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ, କେନ୍ଦୁଝର ଶାଖା ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

## ଘରୋଇ ସ୍କୁଲରେ ୨୫ ଲକ୍ଷ ଟଙ୍କା ହେରଫେର ଅଭିଯୋଗ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଧୀନ ଏକ ଘରୋଇ ବିଦ୍ୟାଳୟରେ ୨୫ ଲକ୍ଷ ଟଙ୍କା ହେର୍‌ଫେର ନେଇ ଅଭିଯୋଗ ହୋଇଛି। ସ୍କୁଲର ପରିଚାଳନା କମିଟି ସଭାପତି, ସଦସ୍ୟ ଏବଂ ୨୭ ଜଣ ଶିକ୍ଷୟିତ୍ରୀଶିକ୍ଷକ ଏ ନେଇ ସ୍କୁଲର ସମ୍ପାଦକ, ପ୍ରଧାନ ଶିକ୍ଷକ ଏବଂ କ୍ରୀଡା ଶିକ୍ଷକଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ସ୍କୁଲ ସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ଅଭିଯୋଗ ମୁତାବକ, ୨୮ ବର୍ଷ ହେବ ସ୍କୁଲ ଚାଲିଆସୁଛି। ଏଠାରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୬୦ ପିଲା ପଢନ୍ତି। ସେମାନ ମାସିକ ୫୦ ଟଙ୍କାରୁ ଆରମ୍ଭ କରି ୧୦୦ଟଙ୍କା ପର୍ଯ୍ୟନ୍ତ ଦେୟ ପଇଠ କରନ୍ତି। ଏହାସହ ପ୍ରତିବର୍ଷ ଇଡ୍‌କୋ ତରଫରୁ ପ୍ରତିବର୍ଷ ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ପାଇଁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଏ। ମାତ୍ର ୩ ବର୍ଷ ହବ ଅର୍ଥ ହେରଫେର ହେବା ନେଇ ଅଭିଯୋଗ ଆସିବା ପରେ ଇଡ୍‌କୋ ତରଫରୁ ସହାୟତା ରାଶି ବନ୍ଦ କରିଦିଆଯାଇଛି। ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ, ସମ୍ପାଦକ ଏବଂ କ୍ରୀଡା ଶିକ୍ଷକ ଟଙ୍କାର ହିସାବ ନ ଦେବାରୁ ସ୍କୁଲ ସଭାପତି ଏବଂ କମିଟି ସଦସ୍ୟଙ୍କ ସହଯୋଗରେ ଅଡିଟ୍ କରାଯାଇଥିଲା। ଅଡିଟ୍‌ରୁ ୨୫ ଲକ୍ଷ ଟଙ୍କା ଠକେଇ ହୋଇଥିବା ଜଣାପଡିଥିଲା। ଅଭିଯୋଗ ଆଧାରରେ ତଦନ୍ତ ଚାଲିଥିବା ଅଧିକାରୀ କେ.ପି. ମିଶ୍ର କହିଛନ୍ତି।

## ୬ ଛାତ୍ରୀଛାତ୍ର ଜିଲାସ୍ତରକୁ ଉନ୍ନୀତ

**ଖୋର୍ଦ୍ଧା ଅଫିସ,୨୭।୧୧**

ଖୋର୍ଦ୍ଧା ବ୍ଲକ ଏବଂ ପୌରାଞ୍ଚଳ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଲୋକନାଥ ଦେବ ଉଚ୍ଚ ବିଦ୍ୟାଳୟ କୁମ୍ଭାରବସ୍ତଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀକୁ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଦଳେଇ, ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ସାମନ୍ତରାୟ, ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ବୈଦ୍ୟନାଥ ସାହୁ, ପ୍ରଧାନ ଶିକ୍ଷକ ସୁପ୍ରିୟା ବାରିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ପାତ୍ର, ମୋ ସ୍କୁଲ କମିଟି ସଭାପତି ଲକ୍ଷ୍ମୀଧର ଛୋଟରାୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାଥମିକ ଉତ୍ସବରେ ବିଜ୍ଞାନ ପ୍ରତିଭା ବାର୍ତ୍ତା ଉନ୍ମୋଚନ ହୋଇଛି। ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ସୁଦୀପ୍ତ ନାୟକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କୃତିବାସ ଜେନା, ବିଜେବି ହାଇସ୍କୁଲର ପ୍ରଧାନ ଶିକ୍ଷକ କିଶୋର ପରମଗୁରୁ, ଏବିଇଓ ସତ୍ୟବାନ୍ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶନୀର ୧୮୪ ପ୍ରକଳ୍ପ ମଧ୍ୟରୁ ୱାନନେସ୍ ଇଣ୍ଟରନ୍ୟାସନାଲ ସ୍କୁଲର ଅମିତ୍ ମହାପାତ୍ର, କାଇପଦର ହାଇସ୍କୁଲର ସାଧନା ଆଜ୍‌ମା, ଦଧିମାଛଗାଡ଼ିଆ ହାଇସ୍କୁଲର ଲିଲି ଗୁରୁ, ବାଜପୁର ହାଇସ୍କୁଲର ସତ୍ୟନାରାୟଣ ବରାଳ ଓ ମୋହିନୀ ଦାସ, କାଇପଦର ହାଇସ୍କୁଲର ସୁଶ୍ରୀ ବନଜା ଜ୍ୟୋତି ସିଂହଙ୍କ ପରି ୬ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ଜିଲାସ୍ତରକୁ ଉନ୍ନୀତ ହୋଇଛି। ବିଚାରକ ଭାବେ ଅଧାପକ ଦିଲ୍ଲୀପ ବେହେରା, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶୁଭଚନ୍ଦ୍ର ଯୋଗଦେଇଥିଲେ। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ବୈଦ୍ୟନାଥ ସାହୁ କୁହନ୍ତି ସେ ନୂଆକରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅତିଥି ଚୟନ ବିଜ୍ଞାନ ଶିକ୍ଷା ଓ ଗବେଷଣା ପରିଷଦ କରିଛି। ଲୋକ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିବାରେ ଯେଉଁ ଅବ୍ୟବସ୍ଥା ହୋଇଛି ଆଗକୁ ହେବ ନାହିଁ ବୋଲି କହିଛନ୍ତି।

### କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ମୋଟିଭେଶ୍‌ନାଲ ଟକ୍'




**ଭୁବନେଶ୍ୱର,୨୭।୧୧**

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ମୋଟିଭେଶନାଲ ଟକ୍' ଅନୁଷ୍ଠିତ ହୋଇଯାଇଛି। କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା ଅଧ୍ୟକ୍ଷ ଚିତ୍ତ ରଞ୍ଜନ ମିଶ୍ରଙ୍କ ଉପସ୍ଥିତିରେ ସକାରାତ୍ମକ ଚିନ୍ତନ ସମ୍ପର୍କିତ ମୋଟିଭେଶନାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବକ୍ତା ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ମାଉଣ୍ଟଆବୁର ବକ୍ତା ବ୍ରହ୍ମ କୁମାରୀ ସବିତା ଯୋଗଦେଇଥିଲେ। ମଣିଷ ଜୀବନରେ ସର୍ବାଙ୍ଗୀନ ଉନ୍ନତି ସାଧନ, ଶିକ୍ଷା ସଂସ୍କାର, ଯୋଗାଭ୍ୟାସ, ଆଧ୍ୟାତ୍ମିକତା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିଦ୍ୟାର୍ଥୀଙ୍କୁ ସେ ଦିଗ୍‌ଦର୍ଶନ ଦେଇଥିଲେ। ସକାରାତ୍ମକ ଚିନ୍ତାଧାରା, ଆତ୍ମ ସଚେତନତା, ମାନସିକ ସୁସ୍ଥତା, ଅନ୍ତର୍ଦୃଷ୍ଟି, ଉତ୍ତମ କର୍ମ, ଧୈର୍ଯ୍ୟ ଭଳି ବିଷୟକୁ ଛାତ୍ରୀଛାତ୍ର ଧ୍ୟାନରେ ରଖିବା ଆବଶ୍ୟକ ବୋଲି ସେ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମ ଅବସରରେ ଅଧ୍ୟକ୍ଷ ଡ. ପଠାଣି ସୁନ୍ଦର ମାନସିଂହ, ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

### ବିଜ୍ଞାନମେଳାରେ ୧୬୦ ପ୍ରକଳ୍ପ

**ବାଲିପାଟଣା,୨୭।୧୧(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ଅନ୍ତର୍ଗତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ବିଜ୍ଞାନ ମେଳାରେ ୧୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିମଧ୍ୟରୁ ୬ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଗନ୍ଧର୍ବ ବେହେରା, ଭୀମସେନ ଷଡ଼ଙ୍ଗୀ, ଜିଲା ପରିଷଦ ସଭ୍ୟ ଶଶିଭୂଷଣ ପାତ୍ର, ଜିଲା ପରିଷଦ ସଭ୍ୟା ରାଜଲକ୍ଷ୍ମୀ ଉପାଧ୍ୟାୟ, ବେଣୁଧର ବେହେରା, ହୃଦାନନ୍ଦ ପ୍ରଧାନ, ସରପଞ୍ଚ ବାସୁଦେବ ପାଳ ଓ ପରିଚାଳନା କମିଟିର ଚେୟାରମ୍ୟାନ ପ୍ରଦୀପ କୁମାର ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ।

### ବିଭିନ୍ନ ସ୍ଥାନରେ ବିଜ୍ଞାନମେଳା

**ବେଗୁନିଆ/ଯାଁଳା, ୨୭।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକସ୍ତରୀୟ ବିଜ୍ଞାନ ମେଳା ମଙ୍ଗଳବାର ପୋଡାଡିହସ୍ଥିତ ଜନତା ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ୧୭୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ୬ଟି ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। ପ୍ରଧାନ ଶିକ୍ଷକ ବସନ୍ତ କୁମାର ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ମେଳାରେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ଲଛମନ ପରିଡା, ଏବିଇଓ ବିଷ୍ଣୁପ୍ରସାଦ ମିଶ୍ର, ଦିଲୀପ କୁମାର ମହାପାତ୍ର, ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ମାଣିକ, ସମିତି ସଭ୍ୟ ଦାମୋଦର ସାହୁ, ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ନାୟକ ଯୋଗଦେଇଥିଲେ।

ସେହିପରି ଯାଁଳାସ୍ଥିତ କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଥମିକ ୧୦୮ ଓ ମାଧ୍ୟମିକ ସ୍ତରରେ ୩୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲାସ୍ତରକୁ ୩ଟି ଲେଖାଏଁ ପ୍ରକଳ୍ପ ମନୋନୀତ ହୋଇଥିଲା। ଜଟଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀତା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସରପଞ୍ଚ ପ୍ରଦୋଷ କୁମାର ଜେନା, ସମିତି ସଭ୍ୟ ନାଭିଦିତ୍ୟ ମଙ୍ଗରାଜ, କାର୍ତ୍ତିକଚନ୍ଦ୍ର ପାତ୍ର, ଏବିଇଓ ପ୍ରେମାନନ୍ଦ ମହାନ୍ତି, ପ୍ରତିମାସୁନ୍ଦରୀ ଦଳାଇ ଅତିଥିଭାବେ ଯୋଗଦେଇଥିଲେ।

### ବାଇକ୍ ଚାଳକଙ୍କଠାରୁ ଲୁଟ୍ ଉଦ୍ୟମ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଚକେଇସିଆଣୀ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ କେତେଜଣ ଲୁଟେରା ଜଣେ ବାଇକ୍ ଚାଳକଙ୍କୁ ଅଟକାଇ ଲୁଟ୍‌ପାଟ ଉଦ୍ୟମ କରିଛନ୍ତି। ଖବରପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଲୁଟେରାମାନଙ୍କୁ ଧରିବାରେ ବିଫଳ ହୋଇଛି। ଜଣେ ଅଭିଯୁକ୍ତଙ୍କୁ ଧରିବା ବେଳେ ଶାର୍ଟ ଚିରିଯିବାରୁ ସେ ଖସି ପଳାଇଥିଲେ। ଅଭିଯୁକ୍ତମାନେ ଛାଡ଼ି ପଳାଇଥିବା ଏକ ସ୍କୁଟିକୁ ପୋଲିସ ଜବତ କରିଛି।

### ମିନି ମାରାଥନ ଦୌଡ଼ ପ୍ରତିଯୋଗୀ ପୁରସ୍କୃତ




ମିନି ମାରାଥନ ଦୌଡ଼ର ଜଣେ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ବେଗୁନିଆ,୨୭।୧୧(ଡି.ଏନ୍.ଏ.)**

ହକି ବିଶ୍ୱ କପ୍ ପ୍ରତିଯୋଗିତା ଅବସରରେ ବିଜୁ ଯୁବ ବାହିନୀ ବେଗୁନିଆ ବ୍ଲକ ସିକୋ ପଞ୍ଚାୟତସ୍ତରରେ ଗତ ୨ଦିନ ତଳେ ଆରମ୍ଭ ହୋଇଥିବା ମିନି ମାରାଥନ ଦୌଡରେ ୧୧୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନେ ପ୍ରାୟ ୧ କି.ମି. ରାସ୍ତା ଦୌଡରେ ଅତିକ୍ରମ କରି ଲୋକଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ମଙ୍ଗଳବାର ୩ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାନେତ୍ରୀ ରୂପକାନ୍ତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ବାହାଦୂର ଖାନ୍, ବକ୍ତାଭାବେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସିଂହ, ସମ୍ମାନିତ ଅତିଥିଭାବେ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

■ ମହଙ୍ଗା ପଡ଼ିଲା ହତ୍ୟାକାରୀଙ୍କୁ ଗିରଫ ଦାବି

## ଅନଶନରେ ବସିଥିବା ଦମ୍ପତିଙ୍କୁ ଉଠାଇନେଲା ପୋଲିସ

**ଖୋର୍ଦ୍ଧା ଅଫିସ,୨୭।୧୧**

ମହଙ୍ଗା ପଡ଼ିଲା ହତ୍ୟାକାରୀଙ୍କୁ ଗରିଫ ଦାବି। ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିବା ମାତାପିତାଙ୍କ ଦାବିକୁ ଅଣଦେଖା କରି ଖୋର୍ଦ୍ଧା ଟାଉନ ଥାନା ପୋଲିସ ମଙ୍ଗଳବାର ଉଠାଇନେଇ ଥାନାରେ ବୁଝାସୁଝା କରୁଛି। ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୧୩ରେ ବେଗୁନିଆ ଥାନା ପରିଛଳ ଗାଁରୁ ସରୋଜ ସାହୁଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଜମିବାଡି ବିବାଦକୁ ନେଇ ସରୋଜଙ୍କୁ ହତ୍ୟା କରାଯାଇଥିବା ସରୋଜଙ୍କ ବାପା ସାରଙ୍ଗଧର ଓ ମା' ବିଦ୍ୟୁଲତା ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଅଭିଯୋଗକାରୀଙ୍କ ଅଭିଯୋଗକୁ ଅଣଦେଖା କରିଥିଲା। ଏପରି କି ମୃତଦେହ ଉଦ୍ଧାର କରିବାକୁ ଆସି ନ ଥିଲା। ଫଳରେ ଉତ୍ତେଜନା ପ୍ରକାଶ ପାଇବାରୁ ବହୁ ବିଳମ୍ବରେ ଆସିଥିଲା। ମୃତଦେହକୁ ବ୍ୟବଚ୍ଛେଦ କରି ନେବା ବେଳକୁ ହତ୍ୟା ମାମଲା ରୁଜୁ କରିବା ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ବୋଲି ସରୋଜଙ୍କ ପରିବାର ଏନେଇ ପ୍ରଘଟ କରିବା ପରେ ଉତ୍ତେଜନା ବଢ଼ିଥିଲା। ଏହା ସହ ଉତ୍ୟକ୍ତ ଲୋକେ ପୋଡାଜଳା, ଜିପ ଭଙ୍ଗାରୁଜା କରିବା ସହ ଲାଞ୍ଚ ମାଗିଥିବା ଅଫିସରଙ୍କୁ ଅଟକ ରଖି ମାଡ଼ ମାରିଥିଲେ। ଏହା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ଚୁପହୋଇ ବସି ରହିଥିବା ଅଭିଯୋଗ ହୋଇଛି।

## ନବୀକୃତ ରେଲୱେ ସିକ୍ୟୁରିଟି କଣ୍ଟ୍ରୋଲ ଉଦ୍‌ଘାଟିତ




**ଜଟଣୀ,୨୭।୧୧(ଡି.ଏନ୍.ଏ.)**

ଜଟଣୀସ୍ଥିତ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନର ମୁଖ୍ୟ ଦପ୍ତର ପରିସରରେ ନବୀକରଣ ହୋଇଥିବା ସିକ୍ୟୁରିଟି କଣ୍ଟ୍ରୋଲ ଓ ବିଦ୍ୟୁତ୍ କାର୍ଯ୍ୟାଳୟ(ଓପି)ରେ ନୂତନ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥାକୁ ଇଷ୍ଟକୋଷ୍ଟ ରେଲୱେର ଜେନେରାଲ ମ୍ୟାନେଜର ଉମେଶ ସିଂ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଏହାସହ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ବିଭିନ୍ନ ପ୍ରକଳ୍ପର ମୂଲ୍ୟାଙ୍କନ କରାଯିବା ସହିତ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିକୁ ରଖି ରହିଥିବା ହେଲ୍ପ ଲାଇନ୍ ନଂ.୧୮୨କୁ

**ବିଭିନ୍ନ ପ୍ରକଳ୍ପ ଅଗ୍ରଗତି ଉପରେ କଲେ ସମୀକ୍ଷା**

ବହୁବିଧ ସଂଯୋଗ ଶୀଘ୍ର ପ୍ରଚଳନ କରିବା ପାଇଁ ସିଂ କହିଥିଲେ। ସୁରକ୍ଷା ସମ୍ପର୍କିତ ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ସିକ୍ୟୁରିଟି କଣ୍ଟ୍ରୋଲ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ହେଉଥିବା ବେଳେ ଏଠାରେ ଅଧିକ ସଂଖ୍ୟାରେ ଆର୍‌ପିଏଫ୍ ଯବାନ ଓ ଅଧିକାରୀ ନିୟୋଜିତ ବ୍ୟବସ୍ଥା ହେବ। ବହୁବିଧ ସଂଯୋଗ ବ୍ୟବସ୍ଥା ମାଧ୍ୟମରେ ପୂର୍ବ ଠାରୁ ଏହା ଯାତ୍ରୀଙ୍କୁ ଅଧିକ ସୁବିଧା ପ୍ରଦାନ କରିବ। ଏହି ବୈଠକରେ ଡିଭିଜନର ଡିଆରଏମ୍ ବ୍ରଜମୋହନ ଅଗ୍ରୱାଲ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ଏସ୍‌ପ୍ଲାନେଡ୍‌ରୁ ଚୋରି

## ଧରାପଡ଼ିଲେ ୫ ନାବାଳକ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ଏସ୍‌ପ୍ଲାନେଡ୍ ଶପିଂ ମଲ୍‌ରୁ ୨୦ ହଜାର ଟଙ୍କାର ଦାମୀ ପୋଷାକ ଏବଂ ଜ୍ୟାକେଟ୍ ଚୋରି କରି ଧରାପଡ଼ିଛନ୍ତି ୫ ନାବାଳକ। ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ସେମାନଙ୍କ ଅଭିଭାବକମାନଙ୍କୁ ଡକାଇ ତାଗିଦ କରାଯାଇଛି। ଅଭିଭାବକମାନେ ଚୋରି ସାମଗ୍ରୀର ମୂଲ୍ୟ ପଇଠ କରି ପିଲାମାନଙ୍କୁ ନେଇ ଘରକୁ ଯାଇଥିଲେ। ପିଲାମାନେ ରାଜଧାନୀର ପ୍ରତିଷ୍ଠିତ ଇଂଲିଶ ମିଡିୟମ ସ୍କୁଲରେ ପଢୁଥିବା ସୂଚନା ମିଳିଛି।

ସୂଚନା ମୁତାବକ, ଅପରାହ୍ନ ପ୍ରାୟ ୫ଟାବେଳେ ଉକ୍ତ ପିଲାମାନେ ମଲ୍ ଭିତରକୁ ପଶିଥିଲେ। ମଲ୍‌ର ଏକ ଶୋ' ରୁମ୍‌ରେ କେତେକ ପ୍ୟାଣ୍ଟ ଏବଂ ଜ୍ୟାକେଟ ଟ୍ରାଏଲ ରୁମ୍‌କୁ ନେଇ ଯାଇଥିଲେ। ଭିତରେ ସେମାନେ ପ୍ୟାଣ୍ଟ ଏବଂ ଜ୍ୟାକେଟଗୁଡ଼ିକରୁ ଷ୍ଟିକର ଚିରି ପିନ୍ଧା ପ୍ୟାଣ୍ଟ ଉପରେ ପିନ୍ଧିଥିଲେ। ଜ୍ୟାକେଟ ଗୁଡ଼ିକର ମଧ ଷ୍ଟିକର ଚିରି ତାକୁ ପିନ୍ଧିଥିଲେ। ପରେ ପ୍ରସ୍ଥାନ ଗେଟ ଦେଇ ବାହାରିବା ସମୟରେ ସିକ୍ୟୁରିଟି ଗାର୍ଡ ସନ୍ଦେହରେ ସେମାନଙ୍କୁ ଅଟକାଇଥିଲେ। କିନ୍ତୁ ସମ୍ପୃକ୍ତ ନାବାଳକମାନେ ପୂର୍ବରୁ ପାଖରେ ରଖିଥିବା ୨୦ ହଜାର ଟଙ୍କାର ଏକ ବିଲ୍ ଦେଖାଇଥିଲେ। ସିକ୍ୟୁରିଟି ଗାର୍ଡ ସେମାନଙ୍କୁ ନ ଛାଡ଼ିବାରୁ ସେମାନେ ୩୦ ଟୋକା ଡକାଇବାକୁ ଧମକ ଦେଇଥିଲେ। ମାତ୍ର ସିକ୍ୟୁରିଟି ଗାର୍ଡମାନେ ସେମାନଙ୍କୁ କାବୁ କରି ଯାଞ୍ଚ କରିବା ପରେ ୩ଟି ବ୍ରାଣ୍ଡେଡ୍ ପ୍ୟାଣ୍ଟ, ୩ଟି ଜ୍ୟାକେଟ ଏବଂ ୩ଟି ଦାମୀ ୱାଲେଟରୁ ଚତୁରତାର ସହ ଷ୍ଟିକର ଛଡ଼ାଯାଇଥିବା ଦେଖିଥିଲେ। ଏହା ପରେ କର୍ତ୍ତୃପକ୍ଷ ନାବାଳକମାନଙ୍କୁ ସେମାନଙ୍କୁ ସ୍କୁଲ ବିଷୟରେ ପଚାରିଥିଲେ। କିନ୍ତୁ ପିଲାମାନେ ଯେଉଁ ସ୍କୁଲଗୁଡ଼ିକର ନାମ କହିଥିଲେ ତାହା ଶୁଣି କର୍ତ୍ତୃପକ୍ଷ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ୫ ଛାତ୍ରଙ୍କ ମଧ୍ୟରୁ ଜଣେ ଷଷ୍ଠ, ୨ଜଣ ସପ୍ତମ ଏବଂ ୨ଜଣ ଅଷ୍ଟମ ଶ୍ରେଣୀର ଥିବାବେଳେ ସେମାନେ ସମସ୍ତେ ଭିନ୍ନ ଭିନ୍ନ ପ୍ରତିଷ୍ଠିତ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ପଢ଼ନ୍ତି। ପରେ ସେମାନଙ୍କ ଅଭିଭାବକଙ୍କୁ ଡକାଯାଇ ଅଣ୍ଡରଟେକିଂ ରଖାଯିବା ପରେ ପିଲାଙ୍କୁ ଛଡ଼ାଯାଇଥିଲା। ଟ୍ୟୁଶନ ଯିବା ବାହାନାରେ ଆସି ପିଲାମାନେ ଏଭଳି କାଣ୍ଡ କରିଥିବା ଜଣାପଡ଼ିଛି।






ବାଲିଯାତ୍ରା ତଳପଡ଼ିଆରେ ବ୍ରେକ୍ ଡ୍ୟାନ୍ସ ଦୋଳିର ମଜା ନେଉଛନ୍ତି ଲୋକେ।

# ବାଲିଯାତ୍ରାରେ ହକି କ୍ରେଜ୍

## ହକି ବିଶ୍ୱକପ୍ ଉଦ୍‌ଘାଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଲେ ଦର୍ଶକ

**କଟକ ଅଫିସ, ୨୭।୧୧**

ଦିନ ଯେତିକି ସରୁଛି ବାଲିଯାତ୍ରାରେ ଲୋକଙ୍କ ଭିଡ଼ ସେତିକି ବଢ଼ୁଛି। ମଙ୍ଗଳବାର ପଞ୍ଚମ ଦିନରେ ମଧ୍ୟ ବାଲିଯାତ୍ରା ବେଶ୍ ଜମିଥିଲା। ସନ୍ଧ୍ୟାରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ପର୍ବ ଥିବାରୁ ଲୋକଙ୍କୁ ବାଲିଯାତ୍ରା ପ୍ରତି ଆକର୍ଷିତ କରିବା ପାଇଁ ଗଣକବି ବୈଷ୍ଣବ ପାଣି ମଞ୍ଚରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ ଦର୍ଶକ। ଏଥିପାଇଁ ମଞ୍ଚ ନିକଟରେ ଅସମ୍ଭାଳ ଭିଡ଼ ହୋଇଥିଲା। ସତେଯେମିତି ହକି ବିଶ୍ୱକପ୍‌କୁ ନେଇ ବାଲିଯାତ୍ରାରେ ସୃଷ୍ଟି ହୋଇଥିଲା ନିଆରା କ୍ରେଜ୍। ବୁଧବାରଠାରୁ କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ଆରମ୍ଭ ହେଉଥିବାରୁ ଏହି ପରିପ୍ରେକ୍ଷୀରେ କଟକ ବାରବାଟୀ ଷ୍ଟାଡିୟମରେ ଦ୍ୱିତୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ସଲମନ ଖାଁ ଓ ଏ. ଆର୍. ରହମନ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ମଧ୍ୟ ବାଲିଯାତ୍ରାରେ ଲୋକଙ୍କୁ ବାରମ୍ବାର ସୂଚନା ଦିଆଯାଉଥିଲା। ତେଣୁ ହକିକୁ ନେଇ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଓ ଉତ୍ସାହ ବେଶ୍ ବଢ଼ି ଯାଇଥିଲା।



ବାଲିଯାତ୍ରାରେ ଏଲ୍ଇଡି ପରଦାରେ ପ୍ରସାରିତ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବର ଏକ ଦୃଶ୍ୟ।



ଗଣକବି ବୈଷ୍ଣବ ପାଣି ମଞ୍ଚରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



କାଗଜରେ ପ୍ରସ୍ତୁତ ଜାହାଜର ଏକ ମଡେଲକୁ ମା'ଝିଅ ଦେଖୁଛନ୍ତି।



ପଲ୍ଲିଶ୍ରୀ ମେଳାରେ ବିକ୍ରୟ ପାଇଁ ରହିଥିବା ଟେରାକୋଟା କଳାକୃତି।



ପଲ୍ଲିଶ୍ରୀ ମେଳାରେ ବିକ୍ରି ପାଇଁ ରହିଥିବା କାଇଁଚରେ ପ୍ରସ୍ତୁତ ଆକର୍ଷଣୀୟ ସାମଗ୍ରୀ।



ଏକ ଷ୍ଟଲ୍‌ରେ ଚିତ୍ରକଳାଗୁଡ଼ିକୁ ମହିଳାମାନେ ଦେଖୁଛନ୍ତି।



ବାଲିଯାତ୍ରା ତଳପଡ଼ିଆରେ ରହିଥିବା ଟଏ ଟ୍ରେନ୍।





ପଲିଶ୍ରୀ ମେଳାରେ ଝୋଟ ଓ ପେପରରେ ତିଆରି ଘରସଜା ସାମଗ୍ରୀକୁ ଯୁବତୀ ଓ ମହିଳା ଦେଖୁଛନ୍ତି।

# ଫୁଡ୍ ଷ୍ଟଲ୍: ଭିନ୍ନ ଆକର୍ଷଣ, ନିଆରା ସ୍ୱାଦ

ତଳ ବାଲିଯାତ୍ରା ପଡ଼ିଆରେ ରହିଛି ଫୁଡ୍ ଷ୍ଟଲ ଜୋନ୍। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଭଳିକି ଭଳି ଫୁଡ୍‌ଷ୍ଟଲ ଖୋଲିଛି। ଖାଇବା ସହ ବାଲିଯାତ୍ରା ବୁଲାର ମଜା ଉଠାଉଛନ୍ତି ଲୋକେ। ଏଥିପାଇଁ ଫୁଡ୍ ଷ୍ଟଲ୍‌ଗୁଡିକରେ ପ୍ରବଳ ଭିଡ଼ ହେଉଛି। ତେବେ ପାଇନାପଲ୍ ଚିକେନ, ଫ୍ରାଏଡ୍ ଆଇସ୍‌କ୍ରିମ, ବାମ୍ବୁ ଚିକେନ, ଛତୁ ଚିଲି ରୁଟି, ମାଂସମୁଢ଼ି ଆଦି ଆଇଟମ୍‌ର ସର୍ବାଧିକ ଚାହିଦା ରହିଥିବା ଦେଖିବାକୁ ମିଳୁଛି।

### ଫ୍ରାଏଡ୍ ଆଇସ୍‌କ୍ରିମ୍

ଚଳିତବର୍ଷ ବାଲିଯାତ୍ରାକୁ ପ୍ରଥମଥର ଆସିଛି ଫ୍ରାଏଡ୍ ଆଇସ୍‌କ୍ରିମ। ଦାମ୍ ୧୦୦ରୁ ଆରମ୍ଭ କରି ୧୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ଷ୍ଟଲ୍‌ରେ ବେଶ୍ ଭିଡ଼ ରହୁଥିବାବେଳେ ଏହା ହଟ୍ ଆଣ୍ଡ ୟମି ଟେଷ୍ଟ ଦେଉଛି ବୋଲି କହିଛନ୍ତି ଜଣେ ଗ୍ରାହକ ସୁନୀତା ବିଶ୍ୱାଳ। ପ୍ରସ୍ତୁତକର୍ତ୍ତାଙ୍କ କହିବାନୁସାରେ ଗୋଟିଏ ଆଇସ୍‌କ୍ରିମ୍‌କୁ କାଢି ଏଥିରେ କାଜୁ ପେଷ୍ଟ ଓ କର୍ଣ୍ଣଫ୍ଲେକ୍ସ ମିଶାଯାଇ ଏହାକୁ ଫ୍ରାଏ କରାଯାଏ। ପରେ ଗରମ ଗରମ ଗ୍ରାହକଙ୍କୁ ପରଷାଯାଏ। ଭାନିଲା, ଷ୍ଟ୍ରବେରି, ଚକ୍‌ଲେଟ୍ ଏଭଳି ବିଭିନ୍ନ ଫ୍ଲେଭରର ଫ୍ରାଏଡ୍ ଆଇସ୍‌କ୍ରିମ ରହିଥିବା ସେ କହିଛନ୍ତି।

### ଛତୁ ଚିଲି ରୁଟି



ବାଲିଯାତ୍ରା ଫୁଡ୍ ଷ୍ଟଲ୍‌ରେ ଛତୁ ଚିଲି ରୁଟି ସହ ପନିର ମସଲା ପ୍ଲେଟ୍ ପିଛା ୧୨୦ରୁ ୧୫୦ ଟଙ୍କା ମଧ୍ୟରେ ମିଳୁଛି। ଏହି ଖାଦ୍ୟ ଆଇଟମ୍ ମଧ୍ୟ ବାଲିଯାତ୍ରାକୁ ପ୍ରଥମ ଆସିଥିବାରୁ ନିଆରା ସ୍ୱାଦ ପ୍ରତି ଲୋକେ ବେଶ୍ ଆକର୍ଷିତ ହେଉଛନ୍ତି। ଷ୍ଟଲ୍ ଖୋଲିଥିବା ସାଲେପୁରର ଅନିରୁଦ୍ଧ ସାହୁ କୁହନ୍ତି, ରୁଟିକୁ ପ୍ରଥମେ ଭଲ ଭାବେ ବେଲାଯାଇ ଏହା ମଧ୍ୟରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଛତୁ ଚିଲି ମସଲାକୁ ପୂରାଯାଏ। ପରେ ଏହାକୁ ତାୱାରେ ସେକାଯାଇ ଗ୍ରାହକଙ୍କୁ ପରଷାଯାଏ। ଛତୁ ଚିଲି ରୁଟିକୁ ବାଲିଯାତ୍ରାରେ ଭେଜିଟେରିୟାନମାନେ ବେଶ୍ ପସନ୍ଦ କରୁଛନ୍ତି ବୋଲି କହିଛନ୍ତି ଅନିରୁଦ୍ଧ।

### ବାମ୍ବୁ ଚିକେନ

ବାଉଁଶ ନଳୀରେ ପ୍ରସ୍ତୁତ ବାମ୍ବୁ ଚିକେନ୍ ଖାଇବାକୁ ଲୋକଙ୍କ ଅଧିକ ଡିମାଣ୍ଡ ରହିଥିବା ଦେଖିବାକୁ ମିଳୁଛି। କେନ୍ଦ୍ରାପଡ଼ା ଅଞ୍ଚଳର ଆଲୋକ ସାହୁ ପ୍ରସ୍ତୁତ କରୁଥିବା ଏହି ଡିସ୍‌ର ଦାମ ୧୬୦ ଟଙ୍କାରୁ ୨୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ମସଲା ଦେଇ ପ୍ରସ୍ତୁତ ହୋଇଥିବା ଚିକେନ୍‌କୁ ବାଉଁଶ ନଳୀ ଭିତରେ ଭର୍ତ୍ତି କରି ନିଆଁ ଆଞ୍ଚରେ ୧୫ରୁ ୨୫ ମିନିଟ୍ ପର୍ଯ୍ୟନ୍ତ ଗରମ କରାଯାଏ। ପରେ ଗ୍ରାହକଙ୍କୁ ଦିଆଯାଏ। ବାଲିଯାତ୍ରା ପଡ଼ିଆରେ ଚିକେନ, ମଟନ ଆଇଟମ୍ ତ ଅନେକ ମିଳୁଛି। ହେଲେ ଏହି ବାମ୍ବୁ ଚିକେନର ସ୍ୱାଦ ଓ ବାସ୍ନା ସବୁଠାରୁ ଡିଫରେଣ୍ଟ ବୋଲି କହିଛନ୍ତି ବାଦାମବାଡ଼ି ଅଞ୍ଚଳର ବିକାଶ ନାୟକ।

### ମୁଢ଼ି ମାଂସ

ପ୍ରସିଦ୍ଧ ବାରିପଦା ମୁଢ଼ିମାଂସ ଖାଇବାକୁ ବାଲିଯାତ୍ରା ପଡ଼ିଆରେ ଖୋଲିଥିବା ଷ୍ଟଲ୍‌ରେ ପ୍ରବଳ ଭିଡ଼ ହେଉଛି। ପ୍ଲେଟ୍ ପିଛା ୧୪୦ ଟଙ୍କା ରହିଛି। ଯେଉଁମାନେ ପୂର୍ବରୁ ଖାଇଛନ୍ତି ସେମାନେ ବାଲିଯାତ୍ରା ବୁଲାକୁ ଆଉଟିକେ ଭିନ୍ନ କରିବା ପାଇଁ ଏହାକୁ ଖାଇବାକୁ ଭୁଲୁ ନାହାନ୍ତି। ଯେଉଁମାନେ ନ ଖାଇଛନ୍ତି ସେମାନେ ଏହି ସୁଯୋଗକୁ ହାତଛଡ଼ା କହିବା କଥା ନୁହେଁ।ତେଣୁ ପ୍ରତିବର୍ଷ ବାଲିଯାତ୍ରା ଆସିଲେ ଏହାକୁ ନିଶ୍ଚୟ ଖାଏ ବୋଲି କହିଛନ୍ତି କଟକ ସିଡିଏର ଆଲୋକ ସାହୁ।

### ପାଇନାପଲ୍ ଚିକେନ୍



ଭୁବନେଶ୍ୱର ଢୁମୁଡୁମା ଅଞ୍ଚଳର ଦୀପକ କୁମାର ସିଂ ପ୍ରଥମଥର ପାଇଁ ବାଲିଯାତ୍ରାକୁ ନେଇ ଆସିଛନ୍ତି ପାଇନାପଲ୍ ଚିକେନ। ପୂର୍ବରୁ ତୋଷାଳି ଫେଷ୍ଟିଭାଲରେ ତାଙ୍କର ଏହି ଆଇଟମ୍ ବେଶ୍ ପପୁଲାର ହୋଇଥିଲା। ବାଲିଯାତ୍ରାରେ ହାପ୍ ପ୍ଲେଟ୍‌କୁ ୧୨୦ ଏବଂ ଫୁଲ୍ ପ୍ଲେଟ୍ ୧୫୦ ଟଙ୍କାରେ ମିଳୁଥିବା ଏହି ଡିସ୍ ଟେଷ୍ଟ କରିବାକୁ କେହି ହାତଛଡ଼ା କରୁନାହାନ୍ତି। କଟକ ବକ୍ସିବଜାର ଅଞ୍ଚଳରୁ ଆସିଥିବା ମନ୍ଦାକିନୀ ହୋତା କହିଛନ୍ତି, ପାଇନାପଲ ଚିକେନ ବହୁତ ଟେଷ୍ଟି। ନିଜେ ଖାଇଲି ଓ ଘରକୁ ବି ପାର୍ସଲ ନେଉଛି। ଏହାକୁ ପ୍ରସ୍ତୁତ କରୁଥିବା ସେଫ୍ (ସଲିମ୍ ଖାଁ) କହିଛନ୍ତି, ପ୍ରଥମେ ଚିକେନ୍‌କୁ ଭଲ ଭାବେ ସିଝାଇବା ପରେ ଏଥିରେ ଚିଲିସସ୍ ଏବଂ ମସଲା ଦିଆଯାଇ ପରେ ଏକ ସ୍ୱତନ୍ତ୍ର ପାଇନାପଲ୍ ଫ୍ଲେଭର ମିଶାଯାଏ।


ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303520928

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs. Monthly Salary upto Rs. 24000/-.

URGENTLY REQUIRED
Urgently required for BBSR Office. Office Executive/ Counsellor (M/F), Asst. Office Executive/ Telecaller (M/F) & Senior Accounts Executive. Salary Negotiable with other incentives and Accommodation.
Walk in 29.11.2018 and 02.12.2018 between 12.00 - 3.00 PM.
Call: 2573332, 9776833302, 9776830500

REQUIRED
ଆନ୍ଧ୍ରପ୍ରଦେଶର ବିଜୟୱାଡା ଓ ବିଶାଖାପାଟଣା ଫାର୍ମା (କେମିକାଲ) କମ୍ପାନୀରେ କାମ କରିବା ପାଇଁ ଶ୍ରମିକ ଏବଂ ଶ୍ରମିକ ଠିକାଦାର ଆବଶ୍ୟକ।
ଯୋଗାଯୋଗ: ୯୯୪୯୮୨୫୭୪୦ / ୯୩୪୮୫୫୯୬୮୨ / ୮୦୯୬୬୬୨୪୪୧

ARCHIES REQUIRES
1. MARKETING EXECUTIVE Experience in gift line
2. ACCOUNTANT
3. SALES MAN 4. PEON
Contact: G-17, Metro House, Vanivihar Sqr. BBSR. Mob.: 9437388056
Email: ramjisls@yahoo.co.in

ପତି କାର୍ଡ୍ସ
INVT. CARD & TROPHIES
NEEDS DTP OPTR. DESIGNER
M-9776138837, 9937417848, BBSR.

ଭୁବନେଶ୍ୱର ବସ୍ ଷ୍ଟାଣ୍ଡ ପାଖରେ ଥିବା ଏକ ଲଜ୍‌ପାଇଁ STAFF ଆବଶ୍ୟକ
MARKETING EXECUTIVE / RECEPTIONIST / COOK / KITCHEN HELPER / ROOM BOY
(ରହିବା ଓ ଖାଇବା ମାଗଣା)
ମାହେଶ୍ୱରୀ ପାନ୍ଥ ନିବାସ, ଭୁବନେଶ୍ୱର
9437007055, 7381066155

ସମସ୍ତ AIRPORT ରେ DIRECT JOINING
ଅପାଠୁଆ-ଗ୍ରାଜୁଏଟ୍, Salary- 18000 ରୁ 35000/-
Post : Ground Staff, Cabin Crew, Loader, Supervisor, Flight Cleaner
Mob : 9090732106
9090391585, 7694934663

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରଠାରେ କାର ଚଳାଇବା ପାଇଁ ପରମାନେଣ୍ଟ ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ। ରହିବା ପାଇଁ ସୁବିଧା ଓ ଉପଯୁକ୍ତ ବେତନ ଦିଆଯିବ। ବୟସ ୩୦ରୁ ୪୦ ବର୍ଷ ହୋଇଥିବ। ଯୋଗାଯୋଗ ନମ୍ବର-୭୭୫୦୮୯୯୩୯୨ ସହିତ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରିପାରିବେ।

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

REQUIRED
Bhubaneswarରେ Medifast Pharma (Medicine Store)ରେ ଗୋଟିଏ ଅନୁଭବୀ (Experience) ପିଲା ଆବଶ୍ୟକ।
ଯୋଗାଯୋଗ:
7873139928

SR. ACCOUNTANT, PROJECT HEAD, MARKETING, EXCEL EXPERT, TELE-CALLER, LABOUR CONTRACTOR, RECOVERY AGENT, SUPERVISOR
FOR PRE-CAST MANUFACTURING UNIT
Two-Wheeler Must, All Odisha.
9040019196/9778821577

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ଚେନ୍ନାଇରେ ଚାକିରି + ଭୁମ୍ବା ହିନ୍ଦୀ କହିପାରୁଥିବେ। ଫ୍ରେଶର୍ ନୁହେଁ / ମହିଳା - ପୁରୁଷ ହାଉସ୍ କ୍ଲିନର୍ / ବ୍ୟକ୍ତିଗତ ସେବକ / କାର ଡ୍ରାଇଭର / ଅଫିସ ଆସିଷ୍ଟାଣ୍ଟ / ବରିଷ୍ଠ ନାଗରିକଙ୍କ ପାଇଁ ମେଡିକାଲ ସହାୟକ / ସିକ୍ୟୁରିଟି ଗାର୍ଡ / ରୋଷେୟା/ବେତନ: ୧୩୦୦୦-୧୭୦୦୦।
ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ
9884761210

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

JOB
Marketing Executive / Coordinator, Qualification : 10+2 / Graduate / MBA (Fresher), Salary : 10,000/- to 12000/- per month, E-mail your Biodata with Photo and Mobile No. for SMS interview call. E-mail : konsultant3003@gmail.com

SWIGGY REQUIRES
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at
Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012
or give a missed call or call us on
011 30017619

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ଗୋପାଳନରେ ପରଜୀବୀ ସମସ୍ୟା



**ଗୋପାଳନରେ ପରଜୀବୀ ଜନିତ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ...**

ପରଜୀବୀମାନେ ଗୋରୁଙ୍କ ଶରୀର ବାହାରେ ବା ଭିତରେ ରହି ଆହାରର ଶତକଡା ୩୦-୪୦ ଭାଗ ନିଜର ବୃଦ୍ଧି ଓ ବଂଶବୃଦ୍ଧି ପାଇଁ ଉପଯୋଗ କରିଥାନ୍ତି । ଅଲୋଡ଼ା ଅତିଥି ଭାବରେ ପ୍ରାଣୀଙ୍କ ଦେହରେ ରହନ୍ତି। ପ୍ରାଣୀଙ୍କ ରକ୍ତ ଓ ଦେହରୁ ଖାଦ୍ୟ ଖାଇବା ସହିତ ପ୍ରାଣୀଙ୍କର ବିଭିନ୍ନ ରୋଗର କାରଣ ହୋଇଥାନ୍ତି । ପ୍ରାଣୀଙ୍କୁ ବିରକ୍ତ କରିବା ସହିତ ଏମାନେ ପ୍ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଉତ୍ପାଦକତା ଉପରେ ପ୍ରଭାବ ପକାଇଥାନ୍ତି। ଏହି ପରଜୀବୀଗୁଡିକ ଗାଈ, ମଇଁଷି, ଛେଳି ଓ ମେଣ୍ଢା ଆଦି ତୃଣଭୋଜୀ ପ୍ରାଣୀମାନଙ୍କୁ ଅଧିକ ସଂଖ୍ୟାରେ ଆକ୍ରାନ୍ତ କରିଥାନ୍ତି କାରଣ ଅଧିକାଂଶ ପରଜୀବୀଙ୍କ ସଂକ୍ରମଣକାରୀ ଚାରଣଭୂଇଁରେ ମହଜୁଦ ଥାଆନ୍ତି। ଆମ ଦେଶର ଉଷ୍ମ ଓ ଆର୍ଦ୍ର ଜଳବାୟୁ ପରଜୀବୀଙ୍କ ବଂଶ ବିସ୍ତାର ଏବଂ ସଂକ୍ରମଣ ପାଇଁ ଅନୁକୂଳ ପରିବେଶ ଯୋଗାଇଥାଏ।

ମଣିଷଙ୍କ ଭଳି ପ୍ରାଣୀମାନେ ମଧ୍ୟ ବିଭିନ୍ନ ରୋଗଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି। ପ୍ରାଣୀଙ୍କୁ ରୋଗାକ୍ରାନ୍ତ କରୁଥିବା ବିଭିନ୍ନ ରୋଗସୃଷ୍ଟିକାରୀ ତତ୍ତ୍ୱ ମଧ୍ୟରୁ ପରଜୀବୀ ବା ପାରାସାଇଟ୍ ଅନ୍ୟତମ। ତୃଣଭୋଜୀ ପ୍ରାଣୀ ଯଥା ଗାଈ, ମଇଁଷି, ଛେଳି, ମେଣ୍ଢା ଅନ୍ୟ ପ୍ରାଣୀଙ୍କ ଅପେକ୍ଷା ବେଶି ସଂଖ୍ୟାରେ ପରଜୀବୀ ଜନିତ ରୋଗଦ୍ୱାରା ଆକ୍ରାନ୍ତ ହୁଅନ୍ତି।

**ପ୍ରକାରଭେଦ:** ପରଜୀବୀଗୁଡ଼ିକ ସାଧାରଣତଃ ଦୁଇ ପ୍ରକାରର, ଯଥା ବାହ୍ୟ ପରଜୀବୀ (ଟିଙ୍କ, ଉକୁଣି ଓ ଡାଆଁଶ) ଓ ଅନ୍ତଃ ପରଜୀବୀ (ଗୋଲ କୃମି, ଫିତା କୃମି ଓ ଚେପଟା କୃମି)। ବାହ୍ୟ ପରଜୀବୀଗୁଡ଼ିକ ଶରୀରର ବାହାର ଅଂଶ ଯଥା ଚର୍ମ ଏବଂ ଲୋମ ସହିତ ସଂଯୁକ୍ତ ହୋଇ ରହିଥାନ୍ତି। ଅନ୍ତଃ ପରଜୀବୀମାନେ ଶରୀର ଭିତରେ ବାସ କରି ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ, ଶରୀର ଗହ୍ୱର, ରକ୍ତ ନଳୀ ଏବଂ କୋଷିକା ଗୁଡ଼ିକୁ ଆକ୍ରାନ୍ତ କରିଥାନ୍ତି।

**ବାହ୍ୟ ପରଜୀବୀ:** ବାହ୍ୟ ପରଜୀବୀଗୁଡ଼ିକ ଶରୀରର ବାହାରରେ ରହି ଚର୍ମରେ କ୍ଷତ ସୃଷ୍ଟି କରିଥାନ୍ତି ଅଥବା ପ୍ରାଣୀ ଶରୀରରୁ ରକ୍ତ ଶୋଷଣ କରିଥାନ୍ତି। ବାହ୍ୟ ପରଜୀବୀ ମଧ୍ୟରୁ ଉକୁଣି, ଟିଙ୍କ, ମଶା, ମାଛି ଏବଂ ଡାଆଁଶ ମୁଖ୍ୟ। ଗୋରୁଙ୍କ ଦେହରେ ରହିଲେ ସେମାନେ କଷ୍ଟ ପାଇ ବିରକ୍ତ ଓ ବ୍ୟତିବ୍ୟସ୍ତ ହୋଇଥାନ୍ତି। ତାଙ୍କର ଶୋଇବା, ଖାଇବା ତଥା ରହିବା ଠିକ୍ ହୋଇ ନ ଥାଏ। ବିଶ୍ରାମ ଠିକ୍ ନ ନେବାରୁ ଶରୀରର ଅଭିବୃଦ୍ଧି ଏବଂ ଉତ୍ପାଦନ କ୍ଷମତା କମି ଯାଇଥାଏ। ରକ୍ତ ଶୋଷଣକାରୀ ପରଜୀବୀ ଅଧିକ ହେଲେ ପ୍ରାଣୀ ରକ୍ତହୀନତାର ଶିକାର ହୋଇଥାଏ। ବାଛୁରୀ ଏଥିରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି। କିଛି ବାହ୍ୟ ପରଜୀବୀ ଯଥା ଡାଆଁଶ ଏବଂ ଟିଙ୍କଗୁଡ଼ିକର ବିଷାକ୍ତ ଲାଳ ପ୍ରଭାବରେ ଆକ୍ରାନ୍ତ ଗୋରୁଙ୍କ ଶରୀର ଭୀଷଣ କୁଣ୍ଡାଇ ହୁଏ । ମାଇଟ୍ ଭଳି କେତେକ କ୍ଷୁଦ୍ର ବାହ୍ୟ ପରଜୀବୀ ଚର୍ମ ଭିତର ଅଂଶକୁ ପ୍ରବେଶ କଲେ ମଧ୍ୟ ଚର୍ମ କୁଣ୍ଡାଇ ହୁଏ, ଲୋମ ଝଡ଼ି ପଡ଼ି ଚର୍ମ ଶୁଖିଲା ଏବଂ ବିରୂପ ଦେଖାଯାଏ। ବେଳେବେଳେ ଏହା ଦ୍ୱାରା ପକ୍ଷାଘାତ ମଧ୍ୟ ହୋଇଥାଏ। କେତେକ ରକ୍ତଶୋଷକ ପରଜୀବୀ ଯଥା ଟିଙ୍କ ଏବଂ ମାଛି, ରକ୍ତ ଶୋଷଣ କରିବା ସହିତ ଅନ୍ୟାନ୍ୟ ରୋଗ ସୃଷ୍ଟିକାରୀ ମାରାତ୍ମକ ବୀଜାଣୁ, ଭୂତାଣୁ ବା ରକ୍ତ ଏକକୋଷୀ ପରଜୀବୀମାନଙ୍କ ବାହକ ହୋଇ ତାଙ୍କ ଦ୍ୱାରା ଆହୁରି ମାରାତ୍ମକ ରୋଗ ସୃଷ୍ଟି କରାଇଥାନ୍ତି। ରକ୍ତହୀନତାର ଶିକାର ହୋଇ ଦୁର୍ବଳ ହେବା ଯୋଗୁ ପ୍ରାଣୀମାନେ ଅନ୍ୟାନ୍ୟ ରୋଗଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି।



**ବାହ୍ୟ ପରଜୀବୀ ଦ୍ୱାରା ଆକ୍ରାନ୍ତ ବୋଲି କେମିତି ଜାଣିବା:** ନିୟମିତ ବ୍ୟବଧାନରେ ପ୍ରାଣୀଙ୍କ ଚର୍ମ ଓ ଶରୀର ବାହ୍ୟ ଅଂଶକୁ ନିରୀକ୍ଷଣ କରିବା ଦ୍ୱାରା ପରଜୀବୀ ଥିଲେ ଜଣା ପଡିଯାଏ। ଟିଙ୍କ, ଉକୁଣି ଓ ଡାଆଁଶ ଖାଲି ଆଖିରେ ଦେଖାଯାଏ। ମାଇଟ୍ ଥିଲେ ଆକ୍ରାନ୍ତ ସ୍ଥାନଟି ଲୋମହୀନ ହୋଇ କୁଣ୍ଡାଇ ହୋଇଥାଏ। ଏମାନେ ଛେଳିର ଲୋମରେ ରହି ଅଣ୍ଡା ଦେଇଥାନ୍ତି ଏବଂ ପରେ ସେହି ଅଣ୍ଡାରୁ ଛୁଆ ହୋଇ ସମଗ୍ର ଶରୀରରେ ବ୍ୟାପି ଯାଇଥାନ୍ତି । ଗୋରୁମାନେ କଷ୍ଟ ପାଇ ବ୍ୟତିବ୍ୟସ୍ତ ହୁଅନ୍ତି। ଠିକ୍‌ଭାବେ ଖାଦ୍ୟ ଖାଇପାରନ୍ତି ନାହିଁ କି ବିଶ୍ରାମ ନେଇ ପାରନ୍ତି ନାହିଁ, ଯଦ୍ୱାରା ଶରୀରର ଅଭିବୃଦ୍ଧି ଏବଂ ଗାଈଙ୍କ ଦୁଗ୍ଧ ଉତ୍ପାଦନ ବାଧାପ୍ରାପ୍ତ ହୁଏ। ରକ୍ତ ଶୋଷଣକାରୀ ପରଜୀବୀ ଦ୍ୱାରା ପଶୁ ରକ୍ତ ହୀନତାର ଶିକାର ହୁଅନ୍ତି। କିଛି ବାହ୍ୟପରଜୀବୀ ଯଥା ଡାଆଁଶ ଏବଂ ଟିଙ୍କଗୁଡ଼ିକର ବିଷାକ୍ତ ଲାଳ ପ୍ରଭାବରେ ଆକ୍ରାନ୍ତ ଗୋରୁଙ୍କ ଶରୀର ଭୀଷଣ କୁଣ୍ଡାଇ ହୁଏ, କେତେକ କ୍ଷେତ୍ରରେ ପକ୍ଷାଘାତ (ପାରାଲିସିସ୍) ମଧ୍ୟ ହୁଏ। କେତେକ ରକ୍ତଶୋଷକ ପରଜୀବୀ ଯଥା ଟିଙ୍କ ଏବଂ ମାଛି ରକ୍ତ ଶୋଷଣ କରିବା ସଙ୍ଗେ ଅନ୍ୟାନ୍ୟ ରୋଗ ସୃଷ୍ଟିକାରୀ ମାରାତ୍ମକ ବୀଜାଣୁ, ଭୂତାଣୁ ବା ରକ୍ତ ଏକକୋଷୀ ପରଜୀବୀମାନଙ୍କ ବାହକ ହୋଇ ସେଗୁଡ଼ିକ ଦ୍ୱାରା ଆହୁରି ମାରାତ୍ମକ ରୋଗ ସୃଷ୍ଟି କରାଇଥାନ୍ତି। ମାଇଟ୍ ଭଳି କେତେକ ଅତିକ୍ଷୁଦ୍ର ବାହ୍ୟ ପରଜୀବୀ ଚର୍ମର ଭିତର ଅଂଶକୁ ପ୍ରବେଶ କରିବା ଫଳରେ ଚର୍ମ କୁଣ୍ଡାଇ ହୁଏ। ଲୋମ ଝଡ଼ି ପଡ଼ି ଚର୍ମ ଶୁଖିଲା ଏବଂ ବିରୂପ ଦେଖାଯାଏ।

**କ'ଣ କରିବେ :** ଗୋରୁମାନେ ଟିଙ୍କ ଦ୍ୱାରା ଆକ୍ରାନ୍ତ ହେଲେ, ସେମାନଙ୍କ ଶରୀରରେ ଔଷଧ ପ୍ରୟୋଗ କରିବା ସହିତ ଗୁହାଳରେ ଥିବା ଫାଟ ଓ ସନ୍ଧି ଇତ୍ୟାଦିରେ ଉପଯୁକ୍ତ ମାତ୍ରାରେ ଔଷଧ ପ୍ରୟୋଗ କରନ୍ତୁ। ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଡେଲଟାମେଥ୍ରିନ୍, ସାଇପରମେଥ୍ରିନ୍ ବା ଆଇଭରମେକ୍ଟିନ୍ ଇତ୍ୟାଦି ଔଷଧ ପ୍ରୟୋଗ କରନ୍ତୁ। ବ୍ଲିଚିଂ ପାଉଡର୍ ଓ ଚୂନକୁ (୧: ୫) ଅନୁପାତରେ ପାଣିରେ ମିଶାଇ ଗୁହାଳ ପରିସରରେ ସିଞ୍ଚନ କଲେ ଟିଙ୍କ ଓ ଉକୁଣିର ପ୍ରାଦୁର୍ଭାବ କମିଯାଏ । ଏହି ଔଷଧଗୁଡ଼ିକ ବିଷାକ୍ତ ହୋଇଥିବାରୁ ପିଲାଙ୍କଠାରୁ ଦୂରେଇ ରଖନ୍ତୁ ଏବଂ ଔଷଧ ବ୍ୟବହାର କରିବା ସମୟରେ ହାତରେ ଗ୍ଲୋଭ୍‌ସ ତଥା ନାକ ଓ ମୁହଁରେ ରୁମାଲ ବା ଗାମୁଛା ବାନ୍ଧନ୍ତୁ, ଗୋରୁଙ୍କ ମୁହଁରେ ତୁଣ୍ଡି ଦିଅନ୍ତୁ ଯେପରିକି ଔଷଧକୁ ଚାଟିବେ ନାହିଁ। ଅନ୍ୟାନ୍ୟ ଆବଶ୍ୟକ ସାବଧାନତା ମଧ୍ୟ ଅବଲମ୍ବନ କରନ୍ତୁ। ଆବଶ୍ୟକ ସ୍ଥଳେ ଆକ୍ରାନ୍ତ ପ୍ରାଣୀର ଚର୍ମ ପରୀକ୍ଷା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇପାରନ୍ତି।

*-ଡା. ରଞ୍ଜନ କୁମାର ମହାନ୍ତ, ପ୍ରାଣୀବିଜ୍ଞାନ ବିଶେଷଜ୍ଞ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ*
*-ଡା. ସାରଦା ପ୍ରସନ୍ନ ସାହୁ, ପ୍ରାଣୀଧନ ଅଧିକାରୀ, କୃଷି ମନ୍ତ୍ରାଳୟ, ନୂଆଦିଲ୍ଲୀ*

# ଚିନାବାଦାମ କିସମ



ସଅଳ ବୁଣାଯାଇଥିବା ଚିନାବାଦାମ ୩ ସପ୍ତାହର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଏବଂ ତା'ପରେ ଏକର ପ୍ରତି ୧୦୦କେଜି ଜିପ୍‌ସମ୍ ଛାଟନ୍ତୁ। ଯଦି ଗଛ ଧାଡିର ପାର୍ଶ୍ୱରେ ଲାଇନ୍ କରି ପକାଯାଏ, ଏକର ପ୍ରତି କେବଳ ୫୦କେଜି ଜିପ୍‌ସମ୍ ଆବଶ୍ୟକ ହୋଇଥାଏ। ଫସ୍‌ଫରସ୍ ସାରକୁ ଆମୋନିୟମ୍ ସଲ୍‌ଫେଟ କିମ୍ବା ସିଙ୍ଗଲ୍ ସୁପର ଫସ୍‌ଫେଟ ଆକାରରେ ପ୍ରୟୋଗ କରିଥିଲେ ଜିପ୍‌ସମର ଆବଶ୍ୟକତା ନାହିଁ। ଜମିର ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ। ଏହି ମାସ ଶେଷ ସୁଦ୍ଧା ଚିନାବାଦାମ ଲଗାନ୍ତୁ। ଉନ୍ନତ କିସମ ଯଥା-ଏକେ୧୨-୨୪, ସ୍ମୃତି କିମ୍ବା ଜେଏଲ-୨୪ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୬୦କେଜି ଅଛଡା ବାଦାମ ବ୍ୟବହାର କରନ୍ତୁ। ବୁଣିବାର ୭ଦିନ ପୂର୍ବରୁ ପ୍ରତି ୧ କିଲୋଗ୍ରାମ୍ ବିହନକୁ ୧.୫ଗ୍ରା କାର୍ବେଣ୍ଡାଜିମ୍ ଦ୍ୱାରା ବିଶୋଧନ କରନ୍ତୁ। ଏକର ପ୍ରତି ୮କେଜି ଯବକ୍ଷାରଜାନ, ୧୬କେଜି ଫସ୍‌ଫରସ ଓ ୧୬ କେଜି ପଟାସ ସାର ମୂଳସାର ହିସାବରେ ପ୍ରୟୋଗ କରନ୍ତୁ। ଧାଡିକୁ ଧାଡି ୩୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ସୂର୍ଯ୍ୟମୁଖୀ



ବିହନ ବୁଣିବାର ୨୫ରୁ ୩୦ଦିନ ପରେ ଜମିକୁ କୋଡାଖୁସା କରି ଘାସ ଓ ଅନାବନା ଗଛ ବାଛି ଦିଅନ୍ତୁ। ଏକର ପ୍ରତି ୮କି.ଗ୍ରା. ଯବକ୍ଷାରଜାନ ଓ ହାଇବ୍ରିଡ୍ କିସମ ୩୫ଦିନର ହୋଇଯାଇଥିଲେ ୧୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ସାରକୁ ଗଛ ମୂଳଠାରୁ ୩-୪ଇଞ୍ଚ ଛଡାରେ ୨-୩ଇଞ୍ଚ ଗଭୀରରେ ପ୍ରୟୋଗ କରନ୍ତୁ। ଯେଉଁ ଜାଗାରେ ଦୁଇଟି ଗଛ ଉଠିଥାଏ ସେଠାରେ ସୁସ୍ଥ ଓ ନୀରୋଗ ଗଛ ରଖି ଅନ୍ୟଟି ଉପାଡି ଦିଅନ୍ତୁ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ପାଳନ ପରିପ୍ରେକ୍ଷୀରେ ଆନ୍ତରିକ ଶୁଭେଚ୍ଛା।
ଏ ଅବସରରେ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ।

ଶ୍ରୀ ଗୋକୁଳାନନ୍ଦ ମଳିକ
ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ତଥା ବୁଗୁଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ
ବୁଗୁଡା (ଗଞ୍ଜାମ)

ଧରିତ୍ରୀର ୪୫ତମ ଜନ୍ମବାର୍ଷିକୀ ଅବସରରେ ଆନ୍ତରିକ ଅଭିନନ୍ଦନ।
ଏ ଅବସରରେ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ
ଜିଲ୍ଲା ଭାଜପା ସାଧାରଣ ସଂପାଦକ
ବୁଗୁଡା (ଗଞ୍ଜାମ)

ଧରିତ୍ରୀର ୪୫ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା।
ଏହାର ଉତ୍ତରୋତ୍ତର ଉନ୍ନତି ହେଉ ଏହାହିଁ ମୋର କାମନା।
ଶ୍ରୀମତୀ ରଂଜିତା ତ୍ରିପାଠୀ
ସି.ଡି.ପି.ଓ
ବୁଗୁଡା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ

Well wishes to 45th Birth Anniversary of Dharitri Oriya Daily.
It is the most popular oriya daily newspaper in Odisha. Serve to Humanity is serve to God.

Sri Dr. Kumud Chandra Behera, Ph.D
'INDIA' NGO, Director, Buguda




With Best Compliments from
A Well Wisher


ଆକାଂକ୍ଷା ଆପଣଙ୍କ ସେବାରେ...


୧. ବୈଷୟିକ ଓ ବାଣିଜ୍ୟିକ କ୍ଷତି ୯ବର୍ଷରେ ୮୦ ପ୍ରତିଶତରୁ ୨୧ ପ୍ରତିଶତରେ ପହଞ୍ଚିଛି।
୨. ଉପଭୋକ୍ତାଙ୍କ ସଂଖ୍ୟା ୧୫ ହଜାରରୁ ୩୮ ହଜାର ଅତିକ୍ରମ କରିଛି।
୩. ୪୫ ପ୍ରତିଶତ ଲୋକାଲ ଲାଇନ୍‌କୁ କେବୁଲ କରାଯାଇଛି।
୪. ସୌଭାଗ୍ୟ ଯୋଜନାରେ ୨୬୫ ଗ୍ରାମକୁ ବିଦ୍ୟୁତ୍ ସଂଯୋଗୀକରଣ କରାଯାଉଛି।
୫. ସ୍ମାର୍ଟ ମିଟରିଂ ପ୍ରଚଳନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।
୬. ଦେଶୀ ଓ ଅଙ୍ଗନୱାଡ଼ି ଯୋଜନାର ଶତପ୍ରତିଶତ ସଫଳ ରୂପାୟନ।





ପୁରୁଷ ହକି ବିଶ୍ୱକପ୍ ୨୦୧୮ର ଉଦ୍‌ଘାଟନୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବଲିଉଡ୍ ସୁପରଷ୍ଟାର୍ ଶାହରୁଖ୍ ଖାନ୍, ଏଫଆଇଏଚ୍ ସଭାପତି ନରିନ୍ଦର ବାତ୍ରାଙ୍କ ସମେତ ୧୬ ଦଳର ଅଧିନାୟକ।

## ଓଡ଼ିଶାବାସୀ ହକିର ସର୍ବଶ୍ରେଷ୍ଠ ପ୍ରଶଂସକ

**ଭୁବନେଶ୍ୱର, ୨୭।୧୧(କ୍ରୀଡ଼ା ପ୍ରତିନିଧି):** ''ହକି ବିଶ୍ୱକପ ଇତିହାସରେ ଯାହା ପୂର୍ବରୁ କେବେ ହୋଇ ନ ଥିଲା ତାହା ଓଡ଼ିଶା କରି ଦେଖାଇଲା। ପୂର୍ବ ୧୩ଟି ସଂସ୍କରଣଠାରୁ ଏଥର ନିଆରା ଭାବରେ ବିଶ୍ୱକପ ଆରମ୍ଭ କରି ଓଡ଼ିଶା ଉଦାହରଣ ସୃଷ୍ଟି କଲା। ଏଥିପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯେତେ ପ୍ରଶଂସା କଲେ କମ୍ ହେବ'' ବୋଲି ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ ଉଦ୍‌ଘାଟନ ଅବସରରେ ପ୍ରକାଶ କରିଛନ୍ତି ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍ଆଇଏଚ୍) ସଭାପତି ନରିନ୍ଦର ବାତ୍ରା। ଓଡ଼ିଶାବାସୀ ହେଉଛନ୍ତି ହକିର ସର୍ବଶ୍ରେଷ୍ଠ ପ୍ରଶଂସକ। ୨୦୧୩ରେ ଆମକୁ ହକି ବିଶ୍ୱକପ ଆୟୋଜନ ଅଧିକାର ମିଳିଥିଲା। ୨୦୧୮ରେ ଓଡ଼ିଶାରେ ଏବେ ତାହା ଆୟୋଜନ ହେବାକୁ ଯାଉଛି। ଖାଲି ଆୟୋଜନ ହୋଇନାହିଁ, ଯେପରି ଢଙ୍ଗରେ ଆୟୋଜନ ହୋଇଛି ତାହା ବିଶ୍ୱରେ ଏକ ନଜିର ସୃଷ୍ଟି କରିଛି। ଓଡ଼ିଶାବାସୀଙ୍କ ପାଇଁ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ଷ୍ଟାଡିୟମରେ ଭରପୂର ସଂଖ୍ୟାରେ ଉପସ୍ଥିତ ହୋଇ ଯେପରି ହକିକୁ ଆପଣମାନେ ସମର୍ଥନ ଜଣାଇଛନ୍ତି ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ। ଏଥିପାଇଁ ହକି ଇଣ୍ଡିଆ, ଓଡ଼ିଶା ସରକାରଙ୍କୁ ଧନ୍ୟବାଦ। ହକି ବିଶ୍ୱକପ କେଉଁ ସ୍ତରରେ ହେବା ଆବଶ୍ୟକ ତାହା ଓଡ଼ିଶା କରି ଦେଖାଇ ଦେଇଛି। କଳିଙ୍ଗ ଷ୍ଟାଡିୟମ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାଡିୟମ ମଧ୍ୟରେ ଅନ୍ୟତମ ହୋଇପାରିଛି। ଏଥିପାଇଁ ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ଦେବାକୁ ପଡ଼ିବ। କାରଣ ତାଙ୍କ ଭରପୂର ସମର୍ଥନ ଯୋଗୁ ଏହା ସମ୍ଭବ ହୋଇପାରିଛି ଏବଂ ଓଡ଼ିଶା ଏବେ ଭାରତର କ୍ରୀଡ଼ା ରାଜଧାନୀ ହେବା ପଥରେ ରହିଛି। ଏଠାରେ ମିଳିଥିବା ସମର୍ଥନରେ ବାସ୍ତବିକ୍ ମୁଁ ବହୁତ ଖୁସି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର.ରହମନଙ୍କ ଉପସ୍ଥିତି ଆମ ସମସ୍ତଙ୍କୁ ଉତ୍ସାହିତ କରିଛି। ଆମେ ଓଡ଼ିଶାବାସୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚିର କୃତଜ୍ଞ ବୋଲି ଓଡ଼ିଆରେ କହିଥିଲେ ବାତ୍ରା।

## ନେତା-ଅଭିନେତାଙ୍କ ମହାମିଳନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖେଳ ଜୀବନରେ ଜଣେ ହକି ଖେଳାଳି ଥିଲେ। ଉଦ୍‌ଘାଟନୀ ସମାରୋହର ଅନ୍ୟତମ ଆକର୍ଷଣ ବଲିଉଡ ଅଭିନେତା ଶାହରୁଖ ଖାଁ ଫରୱାର୍ଡରେ ଖେଳୁଥିଲେ। ତେଣୁ ନେତା ଓ ଅଭିନେତାଙ୍କ ମହାମିଳନ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଓଡ଼ିଶାକୁ ମୋତେ ନିମନ୍ତ୍ରଣ କରାଯାଇଥିବାରୁ ମୁଁ ବହୁତ ଖୁସି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶାବାସୀଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ମୋ ମତରେ ହକି ବିଶ୍ୱକପ ବିଶ୍ୱରେ ସବୁଠାରୁ ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ। କାରଣ ହକି ହେଉଛି ଆମ ଖେଳ। ଆପଣମାନେ ସମସ୍ତେ ଜାଣିଛନ୍ତି ଯେ, ଦେଶକୁ ଓଡ଼ିଶା ସବୁଠାରୁ ଦକ୍ଷ ଏବଂ ଭଲ ଖେଳାଳି ଯୋଗାଇ ଦେଇଛି। ତେଣୁ ଓଡ଼ିଶାରେ ହକି ବିଶ୍ୱକପ ହେବା ଅତ୍ୟନ୍ତ ଗର୍ବର ବିଷୟ। ''ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ, ମୋତେ ଏଠାକୁ ଆସିବା ସୁଯୋଗ ଦେଇଥିବା ଯୋଗୁ ''ବୋଲି ଶାହରୁଖ। ଏପରି ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ମୁଁ ବହୁତ ଗର୍ବିତ। କାରଣ ମୋ ବାପା ଜଣେ ହକି ଖେଳାଳି ଥିଲେ। ମୁଁ ମଧ୍ୟ ସ୍କୁଲ କ୍ୟାରିୟରରେ ମୋ ଟିମ୍‌ର କ୍ୟାପ୍ଟେନ୍ ଥିଲି। ଜଣେ ଅଭିନେତା ଭାବେ ମୁଁ ହକିକୁ ନେଇ ଚଳଚ୍ଚିତ୍ରରେ ଅଭିନୟ କରିଛି। ମୁଁ ମୋ ୬ ବର୍ଷର ପୁଅକୁ ମଧ୍ୟ ହକି ଷ୍ଟିକ୍ ଓ ଧଳା ବଲ୍‌ରେ ଖେଳିବାକୁ ଉତ୍ସାହିତ କରିଛି। ହକିକୁ ନେଇ ଭାରତରେ ଅନେକ ସ୍ମରଣୀୟ ସ୍ମୃତି ରହିଛି। ଏଠାରେ ଉପସ୍ଥିତ ୧୬ଟି ଯାକ ଦଳ ଚାମ୍ପିୟନ। ସମସ୍ତ ଖେଳାଳିଙ୍କୁ ମୁଁ 'ଚକ୍ ଦେ ଇଣ୍ଡିଆ' ଚଳଚ୍ଚିତ୍ରର ଏକ ସଂଳାପ କହିବାକୁ ଚାହେଁ, ''ତୁମ ନିକଟରେ ୭୦ ମିନିଟର ସମୟ ରହିଛି। ଏହା ତୁମ ଜୀବନର ମୂଲ୍ୟବାନ ୭୦ ମିନିଟ ହୋଇପାରେ। ତୁମେ ଭଲ ଖେଳ କି ଖରାପ ଏହି ୭୦ ମିନିଟ ତୁମକୁ ଜୀବନଭରି ମନେ ରହିବ। ତେଣୁ ଜୀବନ ଲଗାଇ ଖେଳ। ଆଗାମୀ ଜୀବନ ଭଲ ହେଉ କି ନ ହେଉ, କିଛି ରହୁ କି ନ ରହୁ, ଜିତ କିମ୍ବା ହାର, ଏ ୭୦ ମିନିଟ ତୁମଠାରୁ କେହି ଛଡ଼ାଇପାରିବେ ନାହିଁ। ତେଣୁ ଯାଅ, ନିଜେ ନିଜକୁ, ନିଜ ଜୀବନକୁ, ନିଜ ଭଗବାନଙ୍କ ଉଦ୍ଦେଶ୍ୟରେ ଏହି ୭୦ ମିନିଟ ଖେଳ। ଆଗାମୀ ୧୮ ଦିନରେ ୩୪ ମ୍ୟାଚରେ ଯଦି ଏଠାକୁ ଆସିଥିବା ଖେଳାଳି ସବୁଠାରୁ ଶ୍ରେଷ୍ଠ ପ୍ରଦର୍ଶନ କରିପାରିଲା ତେବେ ଏହି ୭୦ ମିନିଟ ଭଗବାନ ବି ତୁମକୁ ମାଗି ପାରିବେ ନାହିଁ''। ଚକ୍‌ଦେ ଇଣ୍ଡିଆ ବୋଲି କହି ନିଜ ମନ୍ତବ୍ୟ ଶେଷ କରିଥିଲେ ଶାହରୁଖ।

# ଉଦ୍‌ଘାଟନୀ ଝଲକ



ଷ୍ଟାଡ଼ିୟମ୍‌କୁ ପ୍ରବେଶ ଅବସରରେ ବଲିଉଡ୍ ସୁପରଷ୍ଟାର୍ ଶାହରୁଖ୍ ଖାନ୍।



## ଗଦା ହେଲା କଏନ୍

ଷ୍ଟାଡିୟମ ଭିତରକୁ କଏନ୍ ନେବାକୁ ପୋଲିସ ପକ୍ଷରୁ ଶେଷ ମୁହୂର୍ତ୍ତରେ ବାରଣ କରାଯାଇଥିଲା। ତେଣୁ ଯେଉଁମାନେ କଏନ୍ ନେଇ ଷ୍ଟାଡିୟମ ଭିତରକୁ ଯାଉଥିଲେ ପୋଲିସ ସେମାନଙ୍କଠାରୁ କଏନ ବାହାର କରି ରଖୁଥିଲା। ଏହିଭଳି ହଜାର ହଜାର ଟଙ୍କାର କଏନକୁ ପୋଲିସ ଗଦା କରି ରଖିଥିଲା। ଦର୍ଶକ ଫେରିବା ପରେ କଏନ ନେବେ ବୋଲି ପୋଲିସ କହିଥିଲା। କିନ୍ତୁ କାହାଠାରୁ କେତେଟଙ୍କା ରଖାଗଲା ଏବଂ ଯିବାବେଳେ କିପରି ଦିଆଯିବ ତାହାକୁ ନେଇ ଅନେକ ଦର୍ଶକ ପ୍ରଶ୍ନ କରିଥିଲେ। ତେବେ ଅନେକ ଦର୍ଶକ ପଥର ତଳେ ଏବଂ ବିଭିନ୍ନ ସ୍ଥାନରେ କଏନ ଲୁଚାଇ ରଖୁଥିବା ଦେଖିବାକୁ ମିଳିଥିଲା।

## ଫ୍ୟାନ୍ କର୍ଣ୍ଣର








ଷ୍ଟାଡ଼ିୟମ୍ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ଟିକେଟ୍ ପ୍ରଦର୍ଶନ କରୁଛନ୍ତି ହକିପ୍ରେମୀ । ଜଣେ କୁନି ପ୍ରଶଂସକ । କଟକଣା ଯୋଗୁ ଦର୍ଶକଙ୍କଠାରୁ ପୋଲିସ କଏନ ଜବତ କରି ରଖିଛି।

# ଆଜି ଦକ୍ଷିଣ ଆଫ୍ରିକାକୁ ଭେଟିବ ଭାରତ

**ଭୁବନେଶ୍ୱର, ୨୭।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶାରେ ବାଜିସାରିଛି ହକି ବିଗୁଲ୍। ମଙ୍ଗଳବାର ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମରେ ବଲିଉଡ୍‌ର ନାମୀଦାମୀ ତାରକାଙ୍କ ଉପସ୍ଥିତିରେ ଆଖି ଝଲସିବା ଭଳି ଉଦ୍‌ଘାଟନୀ ଉତ୍ସବ ସହ ହକି ବିଶ୍ୱକପ୍‌ର ଚର୍ତୁଦଶ ସଂସ୍କରଣ ଆରମ୍ଭ ହୋଇଛି। ବୁଧବାରଠାରୁ କାର୍ଯ୍ୟସୂଚୀ ଅନୁଯାୟୀ ମ୍ୟାଚ୍ ଆରମ୍ଭ ହେବ। ବେଲଜିୟମ ଓ କାନାଡା ମଧ୍ୟରେ ସନ୍ଧ୍ୟା ୫ଟାରେ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏହାପରେ ରାତି ୭ଟାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଆୟୋଜକ ଭାରତୀୟ



ଅଭ୍ୟାସରତ ଭାରତୀୟ ଦଳ।

ଦଳ ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ଘରୋଇ ପରିବେଶରେ ଭାରତ ବିଶ୍ୱ ହକିର ଏହି ସର୍ବବୃହତ ଇଭେଣ୍ଟ ଖେଳିବାକୁ ଯାଉଥିବାରୁ ମନପ୍ରୀତ୍ ସିଂଙ୍କ ଦଳକୁ ଟାଇଟଲ୍ ଫେଭରାଇଟ୍ ଭାବେ ବିବେଚନା କରାଯାଉଛି। ତେଣୁ ଦୀର୍ଘ ୪୩ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ପୁଣିଥରେ ବିଶ୍ୱବିଜେତା ହେବ ବୋଲି କ୍ରୀଡ଼ାପ୍ରେମୀ ଆଶା ରଖିଛନ୍ତି।

ଆଠଥର ଅଲିମ୍ପିକ୍ସ ଚାମ୍ପିୟନ ଭାରତ ପ୍ରଥମ ଓ ଅନ୍ତିମଥର ଲାଗି ୧୯୭୫ରେ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଅଧିନାୟକ ଅଜିତ୍ ପାଲ୍ ସିଂଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ମାଲେସିଆରେ ଖେଳାଯାଇଥିବା ଫାଇନାଲରେ ପାକିସ୍ତାନକୁ ୨-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହାପରଠାରୁ ୪ ଦଶନ୍ଧି ଧରି ବିଶ୍ୱହକିରେ ନେଦରଲାଣ୍ଡ୍ସ, ଜର୍ମାନୀ ଓ ଅଷ୍ଟ୍ରେଲିଆର ପ୍ରାଧାନ୍ୟ ଆଗରେ ଭାରତୀୟ ଦଳ ଆଶାନୁରୂପ ସଫଳତା ପାଇ ନ ଥିଲା। ୧୯୭୫ରେ ବିଶ୍ୱକପ୍ ଜିତିବାର ପରବର୍ତ୍ତୀ ୧୦ଟି ସଂସ୍କରଣରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ୫ମ ସ୍ଥାନ ରହିଛି। ୧୯୮୨ରେ ମୁମ୍ବାଇରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତ ଏହି ସ୍ଥାନ ହାସଲ କରିଥିଲା। ବର୍ତ୍ତମାନ ବିଶ୍ୱହକିର ପଞ୍ଚମ ସ୍ଥାନରେ ରହିଥିବା ଭାରତୀୟ ଦଳ ସେମିଫାଇନାଲରେ ପ୍ରବେଶ କରି ପୋଡିୟମ ଫିନିଶ୍ କରିବା ଲକ୍ଷ୍ୟରେ ରହିଛି। କିନ୍ତୁ ଦୁଇଥର ବିଶ୍ୱବିଜେତା ଅଷ୍ଟ୍ରେଲିଆ, ନେଦରଲାଣ୍ଡ୍ସ, ଜର୍ମାନୀ ଓ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ପରି ଶକ୍ତିଶାଳୀ ଦଳ ବିଶ୍ୱକପ୍ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ଭୁବନେଶ୍ୱରରେ ପହଞ୍ଚିଥିବାରୁ ଭାରତ ଚାମ୍ପିୟନ ହେବାନେଇ କୋଟି କୋଟି କ୍ରୀଡ଼ାପ୍ରେମୀ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ସେତେଟା ସହଜ ହେବନାହିଁ। ଭାରତ ଶେଷଥର ପାଇଁ ଘରୋଇ ଗ୍ରାଉଣ୍ଡରେ ନୂଆଦିଲ୍ଲୀଠାରେ ୨୦୧୦ରେ ବିଶ୍ୱକପ୍ ଖେଳିଥିଲା। ଏହି ବିଶ୍ୱକପ୍‌ରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରି ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଆୟୋଜକ ଦେଶ ଭାବେ ଭାରତର ସବୁଠାରୁ ଖରାପ ପ୍ରଦର୍ଶନ ଥିଲା। ମୁଖ୍ୟକୋଚ୍ ହରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଭାରତୀୟ ଦଳ କିନ୍ତୁ ଏଥର ଘରୋଇ ପ୍ରଶଂସକଙ୍କ ଆଗରେ କମାଲ କରିବା ଲକ୍ଷ୍ୟରେ ରହିଛି। ଚଳିତ ବର୍ଷ ଏସିଆନ ଗେମ୍ସରେ ଭାରତୀୟ ଦଳ ଟାଇଟଲ ବଜାୟ ରଖିବାରେ ବିଫଳ ହୋଇଥିବାରୁ ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ବର୍ତ୍ତମାନ ସ୍କାନରରେ ରହିଛନ୍ତି। ବିଶ୍ୱକପ୍‌ରେ ଯଦି ଭାରତ ଆଶାନୁରୂପକ ପ୍ରଦର୍ଶନ କରିବାରେ ବିଫଳ ହୁଏ ତେବେ ହରେନ୍ଦ୍ରଙ୍କ ପଦ ସଙ୍କଟକୁ ଚାଲିଆସିବ। ତେଣୁ ହରେନ୍ଦ୍ରଙ୍କ ପାଇଁ ଏହି ବିଶ୍ୱକପ୍ 'କର ବା ମର' ସଦୃଶ ହୋଇଛି। ଦୁଇବର୍ଷ ତଳେ ଲକ୍ଷ୍ନୌରେ ଅନୁଷ୍ଠିତ ଜୁନିୟର ବିଶ୍ୱକପ୍‌ରେ ଭାରତ ଚାମ୍ପିୟନ ହୋଇଥିଲା। ହରେନ୍ଦ୍ର ସେହି ସମୟରେ ଭାରତୀୟ ଦଳର କୋଚ୍ ରହିଥିଲେ। ତେଣୁ ହରେନ୍ଦ୍ର ଦୁଇବର୍ଷ ତଳର ଏହି ସଫଳତା ଏବେ ସିନିୟର ଦଳ ସହ ଦୋହରାଇବା ଆଶାରେ ରହିଛନ୍ତି। ୧୮ଜଣିଆ ଭାରତୀୟ ଦଳରେ ଦୁଇ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ୍ ରୋହିଦାସ ସ୍ଥାନ ପାଇଥିବାରୁ କଳିଙ୍ଗ ଷ୍ଟାଡିୟମରେ ହକିପ୍ରେମୀ ସେମାନଙ୍କଠାରୁ ଉନ୍ନତ ପ୍ରଦର୍ଶନ ଆଶା ରଖିଛନ୍ତି।

## ଭାରତୀୟ ହକି ଦଳ

ପି.ଆର୍. ଶ୍ରୀଜେସ, କ୍ରୀଷ୍ଣା ବାହାଦୂର ପାଠକ (ଉଭୟ ଗୋଲକିପର), ହରମନପ୍ରୀତ୍ ସିଂ, ବୀରେନ୍ଦ୍ର ଲାକ୍ରା, ବରୁଣ କୁମାର, କୋଠଜିତ୍ ସିଂ ଖଙ୍ଗଡବାମ୍, ସୁରେନ୍ଦ୍ର କୁମାର, ଅମିତ୍ ରୋହିଦାସ (ସମସ୍ତେ ଡିଫେଣ୍ଡର), ମନପ୍ରୀତ୍ ସିଂ (ଅଧିନାୟକ), ଚିଙ୍ଗଲେନସାନା ସିଂ କଙ୍ଗୁଜାମ୍ (ଉପଅଧିନାୟକ), ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ସୁମିତ୍ (ସମସ୍ତେ ମିଡ୍‌ଫିଲ୍ଡର), ଆକାଶଦୀପ୍ ସିଂ, ମନଦୀପ୍ ସିଂ, ଦିଲପ୍ରୀତ୍ ସିଂ, ଲଳିତ୍ କୁମାର ଉପାଧ୍ୟାୟ ଓ ସିମରନଜିତ୍ ସିଂ (ସମସ୍ତେ ଫରୱାର୍ଡ), ମୁଖ୍ୟକୋଚ୍- ହରେନ୍ଦ୍ର ସିଂ।

## ଆଜିର ମ୍ୟାଚ୍

**ବେଲଜିୟମ ବନାମ କାନାଡା**
ପୁଲ୍-ସି
ସମୟ ଅପରାହ୍ନ- ୫ଟା

**ଭାରତ ବନାମ ଦକ୍ଷିଣ ଆଫ୍ରିକା**
ପୁଲ୍- ସି
ସମୟ- ରାତି ୭ଟା
ସ୍ଥାନ- କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

# ଆକର୍ଷଣରେ ହକି ଫ୍ୟାନ୍ ଭିଲେଜ

**ଭୁବନେଶ୍ୱର, ୨୭।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ପ୍ରଶଂସକ ତଥା ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ କଳିଙ୍ଗ ଆଥଲେଟିକ ଷ୍ଟାଡିୟମର ଗେଟ୍ ନଂ ୩ ନିକଟରେ ଦୁଇଟ ହକି ଫ୍ୟାନ୍ ଭିଲେଜ ନିର୍ମାଣ କରାଯାଇଛି। ଏହି ଫ୍ୟାନ୍ ଭିଲେଜରେ ଖାଇବା ପିଇବା ପାଇଁ ବିଭିନ୍ନ ଷ୍ଟଲ ଖୋଲାଯାଇଛି। ବାମ ପଟ ଫ୍ୟାନ୍ ଭିଲେଜରେ ହକି ଜୋନ ରହିଛି। ଏଥିରେ ପ୍ରଶଂସକ ମାନେ ଛୋଟିଆ ଗ୍ରାଉଣ୍ଡରେ ହକି ଷ୍ଟିକ୍‌ରେ ବଲ୍‌କୁ ମାରି ଗୋଲ ସ୍କୋର କରିବାର ମଜାନେଉଥିବାର ଲକ୍ଷ୍ୟ କରାଯାଇଥିଲା। ପ୍ରଶଂସକମାନେ ସେଲ୍‌ଫି ନେଉଥିବା ଲକ୍ଷ୍ୟ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବ ପରେ ଓ ପୂର୍ବରୁ ପ୍ରଶଂସକମାନେ ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ବିଶ୍ୱକପ୍ ଅବସରରେ ପ୍ରଶଂସକମାନେ ସେମାନଙ୍କ ଫେଭରାଇଟ ହକି ଖେଳାଳିଙ୍କ ସହ ସେଲ୍‌ଫି ନେବା ସହ ବାର୍ତ୍ତାଳାପ କରିବା ସହ ହାତ ମିଳାଇପାରିବେ। କମିଶନରେଟ ପୋଲିସ୍ ପ୍ରଥମଥର ପାଇଁ ଏହି ମେଗା ଇଭେଣ୍ଟରେ ଏହି ଫ୍ୟାନ୍ ଭିଲେଜ୍‌ର କନ୍‌ସେପ୍ଟ ଲାଗୁ କରିଛନ୍ତି। ତେବେ ଏହା କାମ ଦେବା ସହ ବେଶ୍ ଲୋକପ୍ରିୟ ହୋଇଛି।

## ଓଡ଼ିଶା ଓ ନବୀନଙ୍କୁ ସଭିଙ୍କ ପ୍ରଶଂସା

ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ସବୁ ଅତିଥି ଓ କଳାକାରମାନେ ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍, ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଅଧ୍ୟକ୍ଷ ନରିନ୍ଦର ବାତ୍ରା, ଆଙ୍କର ଗୌରବ କାପୁର, ଆରଜେ ରୌନକ, ମଲିଖା ଓ ଅନ୍ୟମାନେ ଓଡ଼ିଶା, ଓଡ଼ିଆ ପ୍ରଶଂସକ, ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବେଶ୍ ପ୍ରଶଂସା କରିଥିଲେ। ରାଜଧାନୀ ଭୁବନେଶ୍ୱର ଏବେ ଦେଶର ସ୍ପୋର୍ଟ୍ସ କ୍ୟାପିଟାଲ ବା କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି ବୋଲି ବାତ୍ରା କହିଥିଲେ। ହକି ଓଡ଼ିଶାରେ ସବୁଠାରୁ ଲୋକପ୍ରିୟ ଖେଳରେ ପରିଣତ ହୋଇଛି। ହକିର ଉନ୍ନତି ପାଇଁ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଦୃଷ୍ଟାନ୍ତମୂଳକ ହୋଇଛି ବୋଲି ଶାହରୁଖ କହିଥିଲେ। ଶାହରୁଖ ତାଙ୍କ ସ୍କୁଲ ଓ କଲେଜ କ୍ୟାରିୟରରେ ହକି ଖେଳୁଥିଲେ ଓ ସେଣ୍ଟର ଫରୱାର୍ଡର ଭୂମିକା ନିର୍ବାହ କରୁଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ପିଲା ବେଳେ ଗୋଲ କିପର ଭାବେ ହକି ଖେଳୁଥିଲେ।



ଫ୍ୟାନ୍ ଭିଲେଜରେ ଦର୍ଶକମାନେ ହକିର ମଜା ନେଉଛନ୍ତି।

## କିଙ୍ଗ୍ ଖାନ୍ ଏବେ ବି ୟୁଥ୍ ସେନ୍‌ସେଶନ

ବଲିଉଡ୍ ବାଦ୍‌ଶାହ କୁହାଯାଉଥିବା ଶାହରୁଖ ଖାନ୍ ଏବେ ମଧ୍ୟ ଯୁବପିଢ଼ି ପାଖରେ ନିଜ ଲୋକପ୍ରିୟତା ବଜାୟ ରଖିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଏହା ପ୍ରମାଣିତ ହୋଇଛି। ଶାହରୁଖ ଏକ ରଥରେ ଷ୍ଟାଡିୟମ ଭିତରକୁ ପ୍ରବେଶ କରିବା ପରେ ସାରା ଷ୍ଟାଡିୟମ ଝୁମି ଉଠିଥିଲା। ରଥରେ ମୁଖ୍ୟ ମଞ୍ଚକୁ ଯିବା ବାଟରେ ସେ ସିନେମା ଢଙ୍ଗରେ ନିଜର ବକ୍ତବ୍ୟ ରଖିଥିଲେ। ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ସବୁ ୧୬ ଦେଶର ଅଧିନାୟକଙ୍କ ସହ ସେ ପରିଚିତ ହେବା ସହ ହାତ ମିଳାଇଥିଲେ। ତାଙ୍କ ସୁପର ହିଟ୍ ସିନେମା 'ଚକ୍ ଦେ ଇଣ୍ଡିଆ'ର ଲୋକପ୍ରିୟ ଡାଇଲଗ୍‌ର ଉଚ୍ଚାରଣ କରିଥିଲେ। ଏହାକୁ ପୁଣି ବିଦେଶୀ ଅଧିନାୟକଙ୍କ ପାଇଁ ଇଂଲିଶ୍‌ରେ ଅନୁବାଦ କରି ଉଚ୍ଚାରଣ କରିଥିଲେ। ଅବଶ୍ୟ ଦର୍ଶକ ଶାହରୁଖଙ୍କୁ ନୃତ୍ୟ କରିବାର ଦେଖି ନ ଥିଲେ।

## ଡ୍ରୋନ୍‌ରେ ଲେଜର ଲାଇଟ୍ ଶୋ'

ଏକ ସମୟରେ ବହୁ ସଂଖ୍ୟକ ଡ୍ରୋନ୍ ମାଧ୍ୟମରେ ଷ୍ଟାଡିୟମ୍‌ରେ ଲେଜର ଲାଇଟ୍‌ର ଦମ୍‌ଦାର ଶୋ' ଦେଖିବାକୁ ମିଳିଥିଲା। ଡ୍ରୋନ୍‌ଗୁଡିକରେ ଲେଜର ଲାଇଟ ଲଗା ଯାଇଥିଲା ଓ ଡ୍ରୋନଗୁଡିକ ବିଭିନ୍ନ ଦିଗରେ ଗତି କରି ଆଖି ଝଲସା ଦୃଶ୍ୟ ସୃଷ୍ଟି କରିଥିଲା। ଦର୍ଶକମାନେ ଏହାର ଭରପୂର ମଜା ଉଠାଇଥିଲେ। ଲେଜର ମାଧ୍ୟମରେ ହକି ଷ୍ଟିକ୍‌ର ଆକାର ସୃଷ୍ଟି କରାଯିବାର ଲକ୍ଷ୍ୟ କରାଯାଥିଲା। ଏହା ବ୍ୟତୀତ କେତୋଟି ଡ୍ରୋନ୍ କ୍ୟାମେରା ଷ୍ଟାଡିୟମରେ ଘୂରି ବୁଲୁଥିବାର ଲକ୍ଷ୍ୟ କରାଯାଇଥିଲା।

## ଅର୍ଚ୍ଚିତା- ସବ୍ୟସାଚୀ, କୁନା ତ୍ରିପାଠୀ

ଓଡ଼ିଆ ଘୋଷକ କୁନା ତ୍ରିପାଠୀ କାର୍ଯ୍ୟକ୍ରମରେ ପ୍ରଥମେ ଆଙ୍କରିଂ କରିଥିଲେ। ଏକ ସଂସ୍କୃତର ଶ୍ଳୋକ ଆବୃତ୍ତି କରିବା ସହ ସେ ଜୟ ଜଗନ୍ନାଥ ବୋଲି ଉଚ୍ଚାରଣ କରି ଦର୍ଶକଙ୍କୁ ଖୁସ୍ କରିଥିଲେ। ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ମଧ୍ୟ କିଛି ସମୟ ପାଇଁ ଘୋଷକ- ଘୋଷିକାଙ୍କ ଦାୟିତ୍ୱ ତୁଲାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

# ପାକିସ୍ତାନ ଅଧିନାୟକଙ୍କୁ ଚିୟର କଲେ ଦର୍ଶକ

**ଭୁବନେଶ୍ୱର, ୨୭।୧୧(ସ୍ପୋର୍ଟ୍ସ ବ୍ୟୁରୋ) :**

ସବୁ ୧୬ଟି ଦେଶର ଅଧିନାୟକଙ୍କୁ ପରିଚିତ କରାଯାଉଥିବା ବେଳେ ଦର୍ଶକମାନେ କରତାଳି ସହ ସ୍ୱାଗତ କରିଥିଲେ। କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ପାକିସ୍ତାନ ଅଧିନାୟକ ମହମ୍ମଦ ରିଜ୍‌ୱାନ୍ ସିନିୟରଙ୍କୁ ଯେତେବେଳେ ପରିଚିତ କରାଗଲା ସେତେବେଳେ ଦର୍ଶକ ପୂରା ଜୋସ୍‌ରେ ଚିୟର କରିଥିଲେ। ତେବେ ଭାରତୀୟ ଅଧିନାୟକ ମନପ୍ରୀତ୍ ସିଂଙ୍କୁ ଚିୟର କରାଯିବା ବେଳେ ଦର୍ଶକ ଅଧିକ ଉତ୍ସାହିତ ହୋଇଥିଲେ।

## ଗ୍ୟାଲେରିରେ ତାରକାର ଭ୍ରମ

ଦର୍ଶକଙ୍କ ମୋବାଇଲ କ୍ୟାମେରା ଦ୍ୱାରା ଗ୍ୟାଲେରିରେ ତାରକାର ଭ୍ରମ ସୃଷ୍ଟି ହୋଇଥିଲା। ଯେତେବେଳେ ଷ୍ଟାଡିୟମ କିଛି ସମୟ ପାଇଁ ଅନ୍ଧାର ହେଉଥିଲା ସେତେବେଳେ ଗ୍ୟାଲେରିରେ ଦର୍ଶକମାନଙ୍କ ମୋବାଇଲ ଚମକୁଥିଲା ଓ ଏହି ଦୃଶ୍ୟ ବେଶ୍ ଚମତ୍କାର ଥିଲା।




# କଳିଙ୍ଗରେ ସରିଲା, ଆଜି ବାରବାଟୀ

**କଟକ ଅଫିସ, ୨୭।୧୧:** ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ମଙ୍ଗଳବାର ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ମହାସମାରୋହରେ ଶେଷ ହୋଇଛି। ତେବେ ବୁଧବାର ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ବାରବାଟୀରେ ଅନୁଷ୍ଠିତ ହେବ । ବାରବାଟୀ ଷ୍ଟାଡିୟମ ପଡ଼ିଆରେ ପ୍ରାୟ ୧୦୦ଫୁଟ ଲମ୍ବର ଏକ ଆକର୍ଷଣୀୟ ମଞ୍ଚର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ । ବଲିଉଡ୍ ଅଭିନେତା ସଲ୍‌ମନ ଖାଁ କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ରହିବେ।

## ୧୦.୩୦ରୁ ଖୋଲିବ ଗେଟ୍

ଦର୍ଶକମାନଙ୍କ ନିମନ୍ତେ ସକାଳ ୧୦.୩୦ରୁ ଷ୍ଟାଡିୟମରେ ପ୍ରବେଶ କରିବାକୁ ଅନୁମତି ମିଳିଛି। ବିଭିନ୍ନ ଗ୍ୟାଲେରୀ ଓ ପଡ଼ିଆ ମଧ୍ୟକୁ ଯିବା ନିମନ୍ତେ ମୋଟ ୧୫ଟି ଗେଟ ଖୋଲାଯିବ। ସୂଚନା ଥାଉକି, ବାରବାଟୀରେ ହେବାକୁ ଥିବା ଏହି ରଙ୍ଗାରଙ୍ଗ କାଯର୍‌ୟକ୍ରମ ପାଇଁ ଗ୍ୟାଲେରୀ ନଂ-୧, ୨, ୫, ୬, ୭, ସ୍ପେସାଲ ଏନ୍‌କ୍ଲୋଜର-ଏ, ସ୍ପେସାଲ ଏନ୍‌କ୍ଲୋଜର-ବି, କ୍ଲବ ହାଉସ ଗ୍ରାଉଣ୍ଡ ଫ୍ଲୋର ଓ ଗ୍ରାଉଣ୍ଡରେ ଦର୍ଶକମାନେ ବସିପାରିବେ। କର୍ପୋରେଟ ବକ୍ସ ସମ୍ମୁଖକୁ ଶୋର ମଞ୍ଚ ହେଉଥିବା ହେତୁ ଅନ୍ୟ କିଛି ଗ୍ୟାଲେରି ବାଦ୍ ପଡ଼ିଛି ।

## ପାଣି ବୋତଲ ମନା

ଦର୍ଶକମାନଙ୍କ ନିମନ୍ତେ ପାଣି ବୋତଲ ନେବା ଉପରେ କଟକଣା ଲାଗିଛି । ଅନ୍ତର୍ଜାତୀୟ ମ୍ୟାଚ୍ ବେଳେ ହେଉଥିବା ବ୍ୟବସ୍ଥା ଅନୁଯାୟୀ, ପାନୀୟ ଜଳ କିଛି କର୍ମଚାରୀଙ୍କ ଦ୍ୱାରା ଗ୍ଲାସରେ ବଣ୍ଟାଯିବ ବୋଲି ଘୋଷଣା କରାଯାଇଛି । ଏହାଛଡ଼ା ବିସ୍ଫୋରକ ସାମଗ୍ରୀ, ହେଲମେଟ୍, କାଚ, ବାଣ, ଲୁହା ସାମଗ୍ରୀ ଭଳି ଅନ୍ୟକିଛି ଜିନିଷ ଉପରେ ମଧ୍ୟ କଟକଣା ଲାଗିଛି ।

## ବାଲିଯାତ୍ରା, ବାରବାଟୀ ପାଇଁ ପୃଥକ ବ୍ୟବସ୍ଥା

ବାଲିଯାତ୍ରା ଓ ବାରବାଟୀ ଷ୍ଟାଡିୟମରେ ରଙ୍ଗାରଙ୍ଗ କାଯର୍‌ୟକ୍ରମ ପାଇଁ ପୋଲିସ ପୃଥକପୃଥକ ବ୍ୟବସ୍ଥା ଗ୍ରହଣ କରିଛି । ଏପରିକି ବାରବାଟୀକୁ ଆସିଥିବା ଦର୍ଶକ ବାଲିଯାତ୍ରାକୁ ଯାଇ ପାରିବେ ନାହିଁ । ଷ୍ଟାଡିୟମ ସମ୍ମୁଖ ରୋଡରୁ ବାରିକେଡ ବିଜୁ ପଟ୍ଟନାୟକ ଛକ ଓ ଚଣ୍ଡୀଛକ ପର୍ଯ୍ୟନ୍ତ ରହିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୮/୨୦୧୮ Bhubaneswar, Wednesday, November 28/ 2018

# ବିସିସିଆଇକୁ ମିଥାଲିଙ୍କ ଚିଠି

## ପଦବୀର ଅପବ୍ୟବହାର କରିଛନ୍ତି ଇଡୁଲ୍‌ଜୀ

ନୂଆଦିଲ୍ଲୀ, ୨୭।୧୧(ପି.ଟି.)



ଭାରତର ସିନିୟର ମହିଳା କ୍ରିକେଟର ମିଥାଲି ରାଜ ମଙ୍ଗଳବାର ପ୍ରଶାସକ କମିଟି (ସିଓଏ) ସଦସ୍ୟା ଡାଏନା ଇଡୁଲ୍‌ଜୀ ଏବଂ କୋଚ୍ ରମେଶ ପାୱାରଙ୍କୁ ସମାଲୋଚନା କରିଛନ୍ତି। ଉଭୟ ପକ୍ଷପାତ ନୀତି ଅବଲମ୍ବନ କରିବା ସହ ମୋ କ୍ୟାରିୟର ନଷ୍ଟ କରିବା ଲକ୍ଷ୍ୟରେ ରହିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନିକଟକୁ ଇ-ମେଲ ଜରିଆରେ ଏ ବିଷୟରେ ସେ ଏକ ଚିଠି ଲେଖିଛନ୍ତି। ମିଥାଲି ଫର୍ମରେ ଥିଲେ ମଧ ଇଂଲଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ଭାରତୀୟ ଦଳରୁ ବାଦ୍ ପଡ଼ିଥିଲେ। ଏହି ସିନିୟର ମହିଳା କ୍ରିକେଟର କହିଛନ୍ତି ଦଳରୁ ବାଦ୍ ପଡ଼ିବା ଘଟଣା ମୋ ଦୀର୍ଘ ଦୁଇ ଦଶନ୍ଧି କ୍ୟାରିୟରର ସବୁଠାରୁ ଦୁଃଖଦ ଘଟଣା ଥିଲା। ମୋତେ ଏତେ ବାଧିଥିଲା ଯେ, ମୁଁ କାନ୍ଦି ପକାଇଥଲି। ଭାରତର ଏହି ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସୱମେନ ବିସିସିଆଇ ସିଇଓ ରାହୁଲ ଜୋହରି ଏବଂ ଜେନେରାଲ ମ୍ୟାନେଜର(ଜିଏମ୍)ଙ୍କ ନିକଟକୁ ପଠାଇଥିବା ଚିଠିରେ ଅଭିଯୋଗ କରି କହିଛନ୍ତି ଉଭୟ ଇଡୁଲ୍‌ଜୀ ଓ ପାୱାର ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏହି ଘଟଣା ମୋତେ ହତାଶ ଓ ନିରାଶ କରିଛି। କ୍ଷମତାରେ ଥିବା କେତେଜଣ ବ୍ୟକ୍ତି ମୋ ଆତ୍ମବିଶ୍ୱାସ ଭଙ୍ଗ କରିଦେଇଛନ୍ତି। ମିଥାଲି ହେଉଛନ୍ତି ଭାରତୀୟ ମହିଳା ଦିନିକିଆ କ୍ରିକେଟ ଦଳର ଅଧିନାୟିକା। ସେ କହିଛନ୍ତି ଦଳରୁ ବାଦ୍ ପଡ଼ିବା ଘଟଣା ନେଇ ଇଡୁଲଜୀଙ୍କ ଆଭିମୁଖ୍ୟ ମୋତେ ଖୁବ୍ ବାଧିଛି। ସିଓଏ ସଦସ୍ୟା ଏକ ସାକ୍ଷାତ୍‌କାରରେ ଦର୍ଶାଇଛନ୍ତି ଦଳ ଚୟନ କ୍ଷେତ୍ରରେ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଯିବା ଉଚିତ୍ ନୁହେଁ। ଇଡୁଲ୍‌ଜୀଙ୍କୁ ମୁଁ ସବୁବେଳେ ସମ୍ମାନ ଦେଇଆସିଛି। ତାଙ୍କ ଉପରେ ମୋର ଦୃଢ ବିଶ୍ୱାସ ମଧ ରହିଥିଲା। ସେ ମୋ ବିରୋଧରେ ଯିବେ ଏହା ମୋ କଳ୍ପନା ବାହାରେ ଥିଲା। ଶୁଣିବାକୁ ମିଳୁଛି ସୋମବାର ଜୋହରି ଏବଂ କରିମ୍‌ଙ୍କୁ ଭେଟିବା ବେଳେ ମିଥାଲି ତାଙ୍କ ସହିତ କ'ଣ ସବୁ ଆଲୋଚନା କରିଥିଲେ, ସେ ବିଷୟରେ ଜଣାଇବା ଲାଗି ମିଥାଲିଙ୍କୁ ଇଡୁଲ୍‌ଜୀ ବାଧ୍ୟ କରିଥିଲେ। ସୂଚନାଯୋଗ୍ୟ, ମିଥାଲି ଭାରତ ତରଫରୁ ୮୫ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି ଏବଂ ୨୨୮୮ ରନ ସ୍କୋର କରିଛନ୍ତି। ଉଭୟ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟରେ ତାଙ୍କର ଆଭରେଜ ୫୦ରୁ ଅଧିକ ରହିଛି।

# ସିରିଜ୍ ବରାବର କଲା ପାକିସ୍ତାନ

ଦୁବାଇ,୨୭।୧୧

ପ୍ରଥମ ଟେଷ୍ଟରେ ପରାସ୍ତ ହୋଇଥିବା ପାକିସ୍ତାନ ଦଳ ଦ୍ୱିତୀୟ ଟେଷ୍ଟରେ ନ୍ୟୁଜିଲାଣ୍ଡକୁ ଏକ ଇନିଂସ ଓ ୧୬ ରନ୍‌ରେ ହରାଇ ଦେଇଛି। ଫଳରେ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଏବେ ୧-୧ରେ ବରାବର ରହିଛି। ପ୍ରଥମ ଇନିଂସରେ ପାକିସ୍ତାନ ଦଳ ୪୧୮ ରନ୍ କରିଥିବାବେଳେ ନ୍ୟୁଜିଲାଣ୍ଡ ଦଳ ୯୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହାପରେ ଫଲୋଅନ୍ ପାଇଥିବା ଭ୍ରମଣକାରୀ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ୩୧୨ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ମ୍ୟାଚ୍‌ରେ ସର୍ବାଧିକ ୧୪ ଉଇକେଟ ନେଇଥିବା ୟାସିର ଶାହଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଛି। ଇନିଂସ ପରାଜୟ ଏଡ଼ାଇବା ଲକ୍ଷ୍ୟରେ ଥିବା ନ୍ୟୁଜିଲାଣ୍ଡ ଦଳ ପାଇଁ ଟମ୍ ଲଥାମ, ରସ ଟେଲର ଓ ହେନ୍‌ରୀ ନିକୋଲାସ ଲଢୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ମାତ୍ର ଏମାନଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ପ୍ରତିପକ୍ଷ ସ୍ପିନର ୟାସିରଙ୍କ ସମ୍ମୁଖୀନ ହୋଇପାରି ନ ଥିଲେ। ଫଳରେ ଭ୍ରମଣକାରୀ ଦଳ ୩୧୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଲଥାମ ୫୦, ଟେଲର ୮୨ ଓ ନିକୋଲାସ ୭୭ ରନ୍ କରିଥିଲେ। ବିଜୟୀ ଦଳ ପକ୍ଷରୁ ୟାସିର ୬ ଓ ହାସନ ଅଲି ୩ ଉଇକେଟ ନେଇଥିଲେ।

# ଓଡ଼ିଶା-ତ୍ରିପୁରା ରଣ୍‌ଜୀ ଆଜିଠାରୁ

କଟକ ଅଫିସ, ୨୭।୧୧

ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଚଳିତ ରଣ୍‌ଜୀ ସଂସ୍କରଣର ପରବର୍ତ୍ତୀ ମ୍ୟାଚରେ ଓଡ଼ିଶା ଦଳ ଘରୋଇ ଡ୍ରିମ୍ସ ଗ୍ରାଉଣ୍ଡରେ ବୁଧବାର ତ୍ରିପୁରାକୁ ଭେଟିବାକୁ ଯାଉଛି। ସୋମବାରଠାରୁ ଉଭୟ ଓଡ଼ିଶା ଓ ତ୍ରିପୁରା ଦଳ ଡ୍ରିମ୍ସରେ ଅଭ୍ୟାସ ଜାରି ରଖିଛନ୍ତି। ଗତ ଆସାମ ବିପକ୍ଷ ମ୍ୟାଚ ଖେଳିଥିବା ଦଳରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ସମାନ ଦଳ ନେଇ ଓଡ଼ିଶା ତ୍ରିପୁରାକୁ ଭେଟିବ। ଆସାମ ବିପକ୍ଷରେ ବିଜୟୀ ହୋଇ ଓଡ଼ିଶା ଏଲିଟ ଗ୍ରୁପ୍-ସି ପଏଣ୍ଟ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଥିଲା। ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହିତ ୭ ପଏଣ୍ଟ ହାସଲ କରିଛି ଓଡ଼ିଶା ଦଳ। ଘରୋଇ ମାଟିରେ ତ୍ରିପୁରାକୁ ଦଳ ପରାସ୍ତ କରିବାର ଆଶା ରହିଛି ବୋଲି ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ କହିଛନ୍ତି। ଓଡ଼ିଶା ରଣ୍‌ଜୀ ଦଳ: ଅନୁରାଗ ଷଡ଼ଙ୍ଗୀ, ରଣଜିତ ସିଂ, ରାଜେଶ ଧୂପର, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ(ଅଧିନାୟକ), ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା(ଉଇକେଟ କିପର), ଧୀରଜ ସିଂ, ପପୁ ରାୟ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଶେକ ରାଉତ। କୋଚ୍-ରଶ୍ମୀରଞ୍ଜନ ପରିଡ଼ା, ଫିଜିଓ- ଶୁଭକାନ୍ତ ସାହୁ, ଟ୍ରେନର- ମନୋଜ କୁମାର ବିଶ୍ୱାଳ, ମ୍ୟାନେଜର- ନବକିଶୋର ମିଶ୍ର, ନୀରିକ୍ଷକ-କୁଳମଣି ପରିଡ଼ା।

# କଟକକୁ ସାହାଣୀ କପ୍ ଟାଇଟଲ

**କଟକ ଅଫିସ, ୨୭।୧୧:** ସମ୍ବଲପୁରରେ ଚାଲିଥିବା ୫୯ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ କଟକ ଚାମ୍ପିୟନ ହୋଇଛି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲରେ କଟକ ୨-୦ଗୋଲରେ ସୁନ୍ଦରଗଡ଼କୁ ହରାଇ ଚଳିତ ସଂସ୍କରଣର ଟାଇଟଲ ବିଜୟୀ ହୋଇଛି। କଟକ ପକ୍ଷରୁ ୭୮ତମ ମିନିଟରେ ଭରିନ୍ଦର ସିଂ ଓ ୮୨ତମ ମିନିଟରେ ଭାବଗ୍ରାହୀ ପଢ଼ିହାରୀ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଓ ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଚାଲିଥିଲା। ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା, ଦୀପକ ବେହେରା, ଫାଓ ଉପସଭାପତି ରବି ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।











1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



# ବାଲିଯାତ୍ରା ପଡ଼ିଆରୁ...


ଗଣକବି ବୈଷ୍ଣବ ପାଣି ମଞ୍ଚରେ ପରିବେଷିତ ସଂକୀର୍ତ୍ତନ କାର୍ଯ୍ୟକ୍ରମ।


ଦିନରେ ବାଲିଯାତ୍ରା ଡଳପଡ଼ିଆର ଦୃଶ୍ୟ।


ଜଣେ ମହିଳା କାଠ କଳାକୃତି ଦେଖୁଛନ୍ତି।


ପଲ୍ଲିଶ୍ରୀ ମେଳାରେ ଭେଲ୍‌ଭେଟ୍ କପଡ଼ାରେ ପ୍ରସ୍ତୁତ ସାମଗ୍ରୀକୁ ପିଲାମାନେ ଦେଖୁଛନ୍ତି।


ପଲ୍ଲିଶ୍ରୀ ମେଳାର ଏକ ଷ୍ଟଲରେ ବିକ୍ରି ପାଇଁ ରହିଥିବା କାଠରେ ତିଆରି ହାତୀ।


ଉତ୍ତରପ୍ରଦେଶ ବ୍ୟବସାୟୀ ବିକ୍ରି ପାଇଁ ରଖିଥିବା ମେଟାଲ ସାଇକେଲ୍।


ଏକ ଷ୍ଟଲ୍‌ରେ ଆକର୍ଷଣୀୟ ରାଜସ୍ଥାନୀ ଅଳଙ୍କାର।







## ଅନ୍ୟ ଅଞ୍ଚଳ ଖବର

### ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ ଜୁବିଲି

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ଗୋଟିଏ ବିଶ୍ୱବିଦ୍ୟାଳୟ ବ୍ରହ୍ମାଣ୍ଡକୁ ପ୍ରତିନିଧିତ୍ୱ କରେ। ଏଠାରୁ ଗଢା ହେଉଥିବା ଛାତ୍ରୀଛାତ୍ର ଭାରତର ଗୌରବ। ତେଣୁ ଛାତ୍ରୀଛାତ୍ରମାନେ ସତ୍ୟର ସାଧନା କରିବା ଉଚିତ। ସତ୍ୟର ସାଧନା ହିଁ ପ୍ରକୃତ ସାଧନା। ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର)ର ପ୍ଲାଟିନମ ଜୁବିଲି ପାଳନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ଉତ୍ସବରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଅକ୍ସଫୋର୍ଡ ୟୁନିଭର୍ସିଟି ଏବଂ ମାଲେସିଆ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ରବୀନ୍ଦ୍ର କୁମାର ଜୈନ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ, ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ରାଜନୀତି ଉପଲବ୍ଧ ହୋଇ ଦ ପାରେ। କିନ୍ତୁ ଉଚ୍ଚତର ଶିକ୍ଷା ଗ୍ରହଣ କରିବା ଦ୍ୱାରା ସେମାନେ ସମାଜରେ ଅନେକ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିବେ। କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଉତ୍ସବରେ ଅଧକ୍ଷତା କରି କହିଲେ, ବିଶ୍ୱବିଦ୍ୟାଳୟ ଗଢିଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାଶ ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ର ଉଚ୍ଚଶିକ୍ଷାର ଗୋଟିଏ ପ୍ରାଣବିନ୍ଦୁ ତିଆରି କରିଛନ୍ତି। ଉତ୍କଳ ହିଁ ଉତ୍କର୍ଷ ଏବଂ ଉତ୍କଳ ହିଁ ଦେଶ ଓ ଜାତିର ଗରିମା ବୋଲି କୁଳପତି କହିଥିଲେ। ବାଣୀବିହାରର ଦ୍ୱିତୀୟ କ୍ୟାମ୍ପସ ଚଣ୍ଡିଖୋଲଠାରେ ନିର୍ମାଣ ହେବାକୁ ଥିବାବେଳେ ରୁସା-୦୨ ଏବଂ ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଅନ୍ତର୍ଜାତୀୟସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଲକ୍ଷ୍ୟ ରହିଛି ବୋଲି କୁଳପତି କହିଛନ୍ତି। ଏହି ଅବସରରେ ଭାରତୀୟ ଡାକ ବିଭାଗର ସଚିବ ଅନନ୍ତ ନାରାୟଣ ନନ୍ଦ ଉପସ୍ଥିତ ରହି ଉତ୍କଳ ବିଶ୍ୱବିଦ୍ୟାଳୟ ଉପରେ ତିଆରି ହୋଇଥିବା ଡାକ ଟିକଟ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସ୍ନାତକୋତ୍ତର ପରିଷଦ ଅଧକ୍ଷ ବ୍ରହ୍ମାନନ୍ଦ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। କୁଳସଚିବ ଦୟାନିଧି ନାୟକ ବିବରଣୀ ପାଠ କରିଥିଲେ।























ଯଦି କୌଣସି ସ୍ତ୍ରୀ ଲୋକ ବୃଦ୍ଧା ହୋଇଥାନ୍ତି ତାଙ୍କୁ ମାତୃଜ୍ଞାନ କର, ଯଦି ସେ ଯୁବତୀ ହୋଇଥାନ୍ତି, ତାଙ୍କୁ ନିଜର ଭଉଣୀ ଜ୍ଞାନ କର, ଆଉ ଯଦି ସେ ବାଳିକା ହୋଇଥାନ୍ତି ତାହା ହେଲେ କନ୍ୟା ବୋଲି ବିବେଚନା କର। -ଗୌତମ ବୁଦ୍ଧ



## ସଂକ୍ଷେପରେ

### ନବନିଯୁକ୍ତ ବ୍ଲକ କଂଗ୍ରେସ ସଭାପତିଙ୍କ ନାମ ଘୋଷଣା

**କଟକ ଅଫିସ, ୨୭।୧୧:** କଟକ ନଗର ଜିଲା କଂଗ୍ରେସ କମିଟି ସଭାପତି ଇଂ. ମହମ୍ମଦ ମୋକିମଙ୍କ ସୁପାରିଶ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ କଟକ ନଗର କଂଗ୍ରେସ ଅନ୍ତର୍ଗତ ୯ଟି ବ୍ଲକ କଂଗ୍ରେସ କମିଟିର ନବନିଯୁକ୍ତ ସଭାପତିଙ୍କ ନାମ ଘୋଷଣା କରାଯାଇଛି। କଟକ ନଗର ୧ ନମ୍ବର ବ୍ଲକ କଂଗ୍ରେସ କମିଟି ସଭାପତି କିଶୋର କର, ୨ ନଂ. ବ୍ଲକ କଂଗ୍ରେସ ସଭାପତି ବିଜୟ କୁମାର ବାରିକ, ୩ ନଂ. ବ୍ଲକ କଂଗ୍ରେସ ସଭାପତି ଲିଆକତ ଉଦ୍ଦୀନ ଅହମ୍ମଦ, ୪ ନଂ. ବ୍ଲକ କଂଗ୍ରେସ ସଭାପତି ସେକ୍ ସମ୍ମିମଉଲ୍ଲା, ୫ ନଂ. ବ୍ଲକ କଂଗ୍ରେସ ସଭାପତି କାଶୀନାଥ ମଲ୍ଲିକ, ୬ ନଂ. ବ୍ଲକ କଂଗ୍ରେସ ସଭାପତି ସୁବାଶିଷ ପଟ୍ଟନାୟକ, ୭ ନଂ. ବ୍ଲକ କଂଗ୍ରେସ ସଭାପତି ସୁରଜିତ ସାହୁ, ୮ ନଂ. ବ୍ଲକ କଂଗ୍ରେସ ସଭାପତି ରଶ୍ମିରଞ୍ଜନ ମିଶ୍ର ଏବଂ ୯ ନଂ. ବ୍ଲକ କଂଗ୍ରେସ ସଭାପତି ସୂର୍ଯ୍ୟମଣି ମହାନ୍ତି ପ୍ରମୁଖ ନୂତନ ଭାବେ ନିଯୁକ୍ତି ପାଇଛନ୍ତି।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କଟକ ଅଫିସ, ୨୭।୧୧:** ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ୧୨ଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ କଲେଜର ୧୫୦ ଛାତ୍ରୀ ୫ ଭାଗରେ ବିଭକ୍ତ ହୋଇ ମାଷ୍ଟର ଟ୍ରେନରଙ୍କଠାରୁ ବିଭିନ୍ନ ଆତ୍ମରକ୍ଷା କୌଶଳ ଶିକ୍ଷାଲାଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ଡ. ଦେବାଶିଷ ଆଚାର୍ଯ୍ୟ ପୌରୋହିତ୍ୟ କରି ଛାତ୍ରୀମାନେ ନିଜର ଆତ୍ମରକ୍ଷା କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ବିପଦ ବେଳେ ସାହାଯ୍ୟ କରିପାରିବେ ବୋଲି ଉପଦେଶ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷକ ଶୁଭଶ୍ରୀ ଏବଂ ପ୍ରଜ୍ଞାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସସ୍ମିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ଅଧାପିକା ଡ. ତନୁଶ୍ରୀ ପଟ୍ଟନାୟକ, ଶ୍ୱେତା ସାମନ୍ତରାୟ ଏବଂ ସସ୍ମିତା ଓଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏନ୍‌ସିସି ସପ୍ତାହ ଉଦ୍‌ଯାପିତ

**ବଡ଼ମ୍ବା,୨୭।୧୧(ଡି.ଏନ.ଏ.):** ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପାଳିତ ହେଉଥିବା ଏନସିସି ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଏନ୍‌ସିସି ଅଧିକାରୀ ଲ୍ୟୁଟ୍‌ନାଣ୍ଟ ସୁଧୀର ମହାରଣାଙ୍କ ପରିଚାଳନାରେ କ୍ୟାଡେଟ୍‌ମାନେ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ବେଟି ବଚାଓ, ବେଟି ପଢ଼ାଓ, କ୍ୟାନସର, ଜଙ୍ଗଲ, ଜଳ ଓ ବିଦ୍ୟୁତ ସଂରକ୍ଷଣ ଉପରେ ଲୋକଙ୍କୁ ସଚେତନ କରିଥିଲେ। ସେହିପରି ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ଏନ୍‌ସିସି ଅଧିକାରୀ ବିକ୍ରମ କେଶରୀ ରାଉତଙ୍କ ତତ୍ତ୍ୱାବଧାନରେ ଉଚ୍ଚ ବିଦ୍ୟାଳୟ କ୍ୟାଡେଟ୍‌ମାନେ ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ। ମହାବିଦ୍ୟାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ କୁମାରଶ ରଥ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ।

### ଜେଲ ଗଲେ ଶିକାରୀ

**ବଡ଼ମ୍ବା,୨୭।୧୧(ଡି.ଏନ.ଏ.):** ଆଠଗଡ଼ ବନ ବିଭାଗ ସ୍କ୍ୱାଡ୍ ଦ୍ୱାରା ସୋମବାର ଗିରଫ ହୋଇଥିବା ନରସିଂହପୁର ବ୍ଲକ ପାତ୍ରଭଙ୍ଗା ଗ୍ରାମର ଶିକାରୀ ଇଚ୍ଛାନନ୍ଦ ଜାନୀଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଡ଼ମ୍ବା ଉପକାରାଗାରକୁ ପଠାଇ ଦିଆଯାଇଛି। ପ୍ରକାଶଯୋଗ୍ୟ, ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଛାଞ୍ଚୁଣିଆ ଗ୍ରାମ ନିକଟରେ ଇଚ୍ଛାନନ୍ଦ ଏକ ଚିତାବାଘ ଚମଡ଼ା ନେଇ ଯାଉଥିବାବେଳେ ବନବିଭାଗ ତାଙ୍କୁ ଗିରଫ କରିଥିଲା। ଏ ନେଇ ଏକ ମାମଲା ନଂ ୮/୧୮ ରୁଜୁ ହୋଇଛି।

### ପରୀକ୍ଷାର୍ଥୀଙ୍କୁ ଟେଷ୍ଟ ପେପର ବଣ୍ଟନ

**କଟକ ସଦର,୨୭।୧୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗରସ୍ଥିତ ଗୌରୀଶଙ୍କର ସ୍ମୃତି ପାଠାଗାର ଆନୁକୂଲ୍ୟରେ ମେଧାବୀ ପରୀକ୍ଷାର୍ଥୀଙ୍କୁ ଟେଷ୍ଟପେପର ବଣ୍ଟନ କରାଯାଇଛି। ପାଠାଗାର ପ୍ରତିଷ୍ଠାତା ଲଲାଟ କିଶୋର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବଣ୍ଟନ ସଭାରେ ସ୍ୱାମୀ ମହିମାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି, ସ୍ୱାମୀ ଅଦ୍ୱୈତାନନ୍ଦ ମୁଖ୍ୟବକ୍ତା, ମନୋରଞ୍ଜନ ବିଶୋୟୀ, ବିଶ୍ୱଜିତ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଇଂ. ତ୍ରିନାଥ ମହାରଣା, ନଳିନୀକାନ୍ତ ନାୟକ, ସୁକାନ୍ତ ଚନ୍ଦ୍ର ବେହେରା, ଉମେଶ ଖଟୁଆ, ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜୀବନ ସଂଗ୍ରାମରେ ଦୃଷ୍ଟିହୀନ ଯୋଗୀନ୍ଦ୍ର

**ନରସିଂହପୁର,୨୭।୧୧(ସ୍ୱ.ପ୍ର.)**

### ସିଝା ମଟର ବିକି ପରିବାର ପୋଷୁଛନ୍ତି



ମଟର ବିକ୍ରି କରିବାକୁ ଯାଉଛନ୍ତି ଯୋଗୀନ୍ଦ୍ର ଏବଂ ତାଙ୍କ ପୁଅ।

- ନାହିଁ ପକ୍କାଘର, ମଜୁରି ଲାଗୁଛନ୍ତି ସ୍ତ୍ରୀ
- ମିଳୁଛି ୫୦୦ ଟଙ୍କା ଭତ୍ତା ଓ ଟଙ୍କିକିଆ ଚାଉଳ

ଯୋଗୀନ୍ଦ୍ର ବେହେରା। ବୟସ ୪୦। ଜନ୍ମରୁ ଗୋଟିଏ ଓ ପରେ ଆଉ ଗୋଟିଏ ଆଖି ହରାଇଛନ୍ତି। ଏବେ ସେ ସମ୍ପୂର୍ଣ୍ଣ ଦୃଷ୍ଟିହୀନ। ହେଲେ ଦୃଷ୍ଟିହୀନ ହୋଇ ମଧ୍ୟ ସେ ଜୀବନ ସଂଗ୍ରାମରେ ଲାଗିଛନ୍ତି। ଗାଁଗାଁ ବୁଲି ସିଝା ମଟର ନିଜ କୁଟୁମ୍ବ ଚଳାଉଛନ୍ତି। ଯାହାକି ଭିନ୍ନକ୍ଷମଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ନରସିଂହପୁର ବ୍ଲକ କମଳାଡିହ ଗ୍ରାମର ଏହି ଦୃଷ୍ଟିହୀନ ଯୋଗୀନ୍ଦ୍ରଙ୍କ ଜନ୍ମରୁ ବାମ ଆଖି ନଷ୍ଟ ହୋଇଯାଇଥିଲେ ବି ଗାଁ ସ୍କୁଲରେ ସପ୍ତମ ଯାଏ ପାଠ ପଢ଼ିଛନ୍ତି। ଗରିବ ବାପା ଗୋବିନ୍ଦ ମଜୁରି ଲାଗି ଯୋଗୀନ୍ଦ୍ରଙ୍କୁ ପଢାଇଛନ୍ତି। ଆଗକୁ ଅଧିକ ପଢ଼ାଇବାର ଇଚ୍ଛାଥିଲେ ହେଁ ଦଇବ ଦାଉ ସାଧିଲା। ୧୫ ବର୍ଷ ବୟସ ବେଳକୁ ତାଙ୍କ ଡାହାଣ ଆଖି ଖରାପ ହୋଇଗଲା। ତଥାପି ଗରିବ ମା'ବାପା ବଂଶ ରକ୍ଷା ପାଇଁ ଆଠମଲ୍ଲିକ ପତାକା ଗ୍ରାମର ତଅପୋଇ ବେହେରାଙ୍କ ସହିତ ଯୋଗୀନ୍ଦ୍ରଙ୍କ ବିବାହ କରାଇଥିଲେ। ପରିବାର ପ୍ରତିପୋଷଣ ପାଇଁ ତଅପୋଇ ମଟର ସିଝାଇ ଦାଣ୍ଡ ପିଣ୍ଡାରେ ସ୍ୱାମୀଙ୍କୁ ବସାଇ ବିକ୍ରି ଆରମ୍ଭ କଲେ। ସେଥିରୁ ମିଳୁଥିବା ସ୍ୱଳ୍ପ ଲାଭରେ ବଞ୍ଚୁଥିବା ପରିବାରରେ ୪ ପୁତ୍ର ସନ୍ତାନ ଜନ୍ମ ହେଲେ। ବଡ଼ ପୁଅ ସିକୁନା ଦଶମରେ ପଢୁଛନ୍ତି। ୨ ନମ୍ବର ପୁଅ ଲିପୁନା ଷଷ୍ଠରୁ ପାଠ ଛାଡି ଏବେ ବାପାଙ୍କ ସହିତ ଗାଁଗାଁ ବୁଲି ସାଇକେଲ ଯୋଗେ ସିଝା ମଟର ବିକୁଛନ୍ତି।

ଦୈନିକ ୨୦୦ରୁ ୩୦୦ ଟଙ୍କା ମଧ୍ୟରେ ମଟର ବିକ୍ରି ହେଉଛି। ସେଥିରୁ ୫୦ରୁ ୬୦ ଟଙ୍କା ଲାଭ ମିଳୁଛି। ଜମିବାଡ଼ି ନ ଥିବାରୁ ତଅପୋଇ ମଜୁରି ଲାଗୁଛନ୍ତି। ସରକାରଙ୍କ ପକ୍ଷରୁ କେବଳ ୫୦୦ ଟଙ୍କା ଭତ୍ତା ଓ ଟଙ୍କିକିଆ ଚାଉଳ ମିଳୁଛି। ଚାଳ ଛପର ଘରେ ୬ ପ୍ରାଣୀ କୁଟୁମ୍ବକୁ ନେଇ ରହୁଥିବା ଯୋଗୀନ୍ଦ୍ରଙ୍କୁ ପକ୍କା ଘର ଖଣ୍ଡିଏ ମିଳିନାହିଁ। ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନାଟିଏ ମଧ୍ୟ ମିଳି ନ ଥିବାରୁ ପରିବାର ସହ ଯୋଗୀନ୍ଦ୍ର ବହୁ ଅସୁବିଧା ଭୋଗୁଛନ୍ତି ବୋଲି କହିଛନ୍ତି। ସେହିପରି ଦୃଷ୍ଟିହୀନଙ୍କୁ ମିଳୁଥିବା ଆଶାବାଡିଟିଏ ବି ତାଙ୍କୁ ମିଳିନାହିଁ। ୨୦୧୧ ଜନଗଣନାରେ ସରକାରୀ ବାବୁଙ୍କ ଅପାରଗତା କାରଣରୁ ତାଙ୍କ ନାଁ ନାହିଁ। ପେଟ ପୋଷିବା ସହ ପରିବାର ପାଇଁ ଭିକ୍ଷା ମାଗିବା ପରିବର୍ତ୍ତେ ମଟର ବିକିବି ବୋଲି କହିଥିଲେ ଯୋଗୀନ୍ଦ୍ର। ଯୋଗୀନ୍ଦ୍ରଙ୍କୁ ପକ୍କାଘର ନ ମିଳିବା ସମ୍ପର୍କରେ କମଳାଡିହ ସମିତିସଭ୍ୟ ବିରୁପାକ୍ଷ ରଣା କହିଛନ୍ତି, ୨୦୧୧ ଜନଗଣନା ସମୟରେ ତାଙ୍କ ନାମ ଭୁଲରେ କଟି ଯାଇଥିବାରୁ ପକ୍କା ଘର ମିଳି ପାରିନାହିଁ। ଦ୍ୱିତୀୟ ତାଲିକାରେ ନାମ ଦିଆଯାଇଛି। ତାହା ଯୋଡ଼ି ହେବାପରେ ଘର ଯୋଗାଇ ଦିଆଯିବ। ବିଡିଓ ପ୍ରଶାନ୍ତ କୁମାର ତରାଇ କହିଛନ୍ତି, ଏଭଳି ଅଭିଯୋଗ ପୂର୍ବରୁ ମୋ ନିକଟକୁ ଆସି ନ ଥିଲା। ଏବେ ମୁଁ ବ୍ୟକ୍ତିଗତଭାବେ ତଦନ୍ତ କରି ପଦକ୍ଷେପ ନେବି। ତେବେ ଦେଖିବାକୁ ଅପେକ୍ଷା ଯୋଗୀନ୍ଦ୍ରଙ୍କୁ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ କି ସହାୟତା ମିଳୁଛି।

## ଅଜଣା ଗାଡ଼ି ଧକ୍କାରେ କଲେଜ ଛାତ୍ରଙ୍କ ମୃତ୍ୟୁ

**ବଡ଼ମ୍ବା,୨୭।୧୧(ଡି.ଏନ.ଏ.)**

ଅଜଣା ଗାଡ଼ି ଧକ୍କାରେ ମଙ୍ଗଳବାର ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ମ୍ବା ଥାନା ଅଧୀନ ତାଳମୁଣ୍ଡଳୀ ଗ୍ରାମର ସାଗର ଜେନା(୧୮)। ଅପରାହ୍ନରେ ସାଗର ଏକ ବାଇକ୍ ଯୋଗେ ମାଣିଆବନ୍ଧରୁ ଘରକୁ ଫେରୁଥିଲେ। ଏହି ସମୟରେ କଟକ ନରସିଂହପୁର ମୁଖ୍ୟ ରାସ୍ତାର ବୁଦ୍ଧବିହାର ଛକଠାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମାଣିଆବନ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ମାଣିଆବନ୍ଧ ଫାଣ୍ଡିରେ କୌଣସି ଅଭିଯୋଗ ହୋଇ ନ ଥିବା ଫାଣ୍ଡି ପକ୍ଷରୁ କୁହାଯାଇଛି। ସାଗର ବାଙ୍କୀସ୍ଥିତ ଅଂଶୁପା କଲେଜର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କଳା ଛାତ୍ର ଥିଲେ।

## ମିଳିତ ବଜାର କମିଟିର ବୈଠକ

**ଚୌଦ୍ୱାର,୨୭।୧୧(ଡି.ଏନ୍.ଏ.)**

ଚୌଦ୍ୱାର ଗାନ୍ଧୀଛକସ୍ଥିତ ପୌର ଟାଉନହଲ ପରିସରରେ ମଙ୍ଗଳବାର ପୌରାଞ୍ଚଳରେ ଥିବା ୭ଟି ବଜାର କମିଟି ପକ୍ଷରୁ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାଦେବ ବଜାର କମିଟିର ସଭାପତି ରବି ନାରାୟଣ ସାହୁଙ୍କ ନେତୃତ୍ୱରେ ବୈଠକରେ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କହିଥିଲେ, ରାସ୍ତା ସମ୍ପ୍ରସାରଣ ସ୍ୱାଗତ ଯୋଗ୍ୟ। କିନ୍ତୁ ବ୍ୟବସାୟୀଙ୍କୁ ଥଇଥାନ କରିବା ଜରୁରୀ ହୋଇଥିବାରୁ କମିଟିର ସହମତି ଓ ନିବେଦନ ଉପରେ ଉଦ୍ୟମ ଜାରି ରଖିବେ ବୋଲି କହିଥିଲେ। ବ୍ୟବସାୟୀମାନେ ନିବେଦନ କରିଥିବା ୩ମାସ ସମୟକୁ ଆଶା ନ ରଖି ୧ମାସ ମଧ୍ୟରେ ନିଜର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନକୁ ଉଚ୍ଛେଦ କରିବା ପୂର୍ବରୁ ବ୍ୟବସାୟୀଙ୍କ ବିକଳ୍ପ ବ୍ୟବସ୍ଥା କରିବାକୁ ଏ ନେଇ ଜାତୀୟ ରାଜପଥ ପ୍ରାଧିକରଣ ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ। ବୈଠକରେ ପ୍ରେମଚାନ୍ଦ ନାୟକ, ଶୁଭେନ୍ଦୁ ସାମଲ, କରୁଣାକର ସାହୁ, ବିଷ୍ଣୁ ଚରଣ ପରିଡା, ସୁବ୍ରତ ସାମଲ, ମନୋଜ ମହାନ୍ତି, ପ୍ରଶାନ୍ତ ସାହୁ, ଅଶୋକ ସାହୁ, କ୍ଷେତ୍ରବାସୀ ପାତ୍ର, କେ.ସି.ପ୍ରତାପ ସିଂ, ସୁରେନ ବେହେରା ପ୍ରମୁଖ ଯୋଗଦେଇଥିଲେ।

- ନରସିଂହପୁର ଛାଡ଼ଖାଇ ଉତ୍ସବର ଚତୁର୍ଥ ସନ୍ଧ୍ୟା

## ଘୁମୁରା ନୃତ୍ୟରେ ଦର୍ଶକ ବିମୋହିତ

**ନରସିଂହପୁର,୨୭।୧୧(ଡି.ଏନ.ଏ.)**

ନରସିଂହପୁର ଛାଡ଼ଖାଇ ଉତ୍ସବର ଚତୁର୍ଥ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭବାନୀପାଟଣାରୁ ଆସିଥିବା କଳାକାରମାନେ ଘୁମୁରା ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟରେ ଦର୍ଶକ ବିମୋହିତ ହୋଇଥିଲେ। ପରେ ଭବାନୀପାଟଣାରୁ ଆସିଥିବା ପ୍ରତିଭା ଅନୁଷ୍ଠାନ କଳାକାରମାନେ ଆଦିବାସୀ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ରାତି ୯ଟାରେ ସିଗ୍ନେଚର ବ୍ୟାଣ୍ଡ ମେଲୋଡି କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ରାତି ୧୧ଟାରେ ଅପେରା ରୂପମହଲ ପକ୍ଷରୁ 'ସାଗର ଛାତିରେ ଲାଗିଛି ନିଆଁ' ନାଟକ ପରିବେଷଣ କରାଯାଇଥିଲା। ଏହା ସାରା ରାତି ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଏହି ସନ୍ଧ୍ୟାରେ ମଞ୍ଚ ଅତିଥିଭାବେ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ପାଏକପଡାପାଟଣା ସମିତିସଭ୍ୟ ରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। ଉତ୍ସବକୁ ଆଇନଜୀବୀ ଦେବଦତ୍ତ ମଳୟ କୁମାର ବରାଳ ସଂଯୋଜନା କରିଥିଲେ। ଶେଷରେ ଥାନାଅଧିକାରୀ ନିହାର ରଞ୍ଜନ ମହାନ୍ତ ଧନ୍ୟବାଦ ଦେଇଥିଲେ।



ନରସିଂହପୁର ଛାଡ଼ଖାଇ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ଭବାନୀପାଟଣାରୁ ଆସିଥିବା କଳାକାରମାନେ ଘୁମୁରା ନୃତ୍ୟ ପରିବେଷଣ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ବ୍ଲକସ୍ତରୀୟ ବିଜ୍ଞାନମେଳା

**କଣ୍ଟାପଡ଼ା/ଖୁଣ୍ଟୁଣୀ, ୨୭।୧୧(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଅଡଶପୁର ପ୍ରାଚୀ ଏକାଡେମୀ ହାଇସ୍କୁଲ ପରିସରରେ ମଙ୍ଗଳବାର ଆୟୋଜିତ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୮୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର କୁମାର ବାରିକଙ୍କ ଅଧକ୍ଷତାରେ ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଡିଓ କେ. ଅଶୋକ କୁମାର ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଅଚ୍ୟୁତାନନ୍ଦ ପ୍ରଧାନ, କୃଷ୍ଣଚନ୍ଦ୍ର ଦାସ, ଅଡଶପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର କୁମାର ନାୟକ, ପୂର୍ବତନ ଏବିଇଓ ଗୁରୁଚରଣ ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ଖୁଣ୍ଟୁଣୀସ୍ଥିତ ରାଧାନାଥ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା ଓ ଉପ ଜିଲାପାଳ ଅମିୟ କୁମାର ସାହୁ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ, ଥାନା ଅଧିକାରୀ ସତ୍ୟବ୍ରତ ଲେଙ୍କା, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ଦଳେଇ, ସରପଞ୍ଚ ଫୁଲ ବେହେରା, ସମିତି ସଭ୍ୟା ରୀନା ଦଳେଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ବିଜ୍ଞାନ ମେଳାରେ ୨୦୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



କଣ୍ଟାପଡ଼ାଠାରେ ଆୟୋଜିତ ବିଜ୍ଞାନମେଳାର ପ୍ରକଳ୍ପକୁ ଅତିଥି ବୁଲି ଦେଖୁଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା



ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ କର୍ମୀ ପଦଯାତ୍ରାରେ ଯାଉଛନ୍ତି।

**ଚୌଦ୍ୱାର,୨୭।୧୧(ଡି.ଏନ୍.ଏ.)**

ଆଠଗଡ ନିର୍ବାଚନ ମଣ୍ଡଳୀର ମଙ୍ଗରାଜପୁର ପଞ୍ଚାୟତରେ ମଙ୍ଗଳବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅତିଥିଭାବେ ଯୋଗଦେଇ ଦଳୀୟ କର୍ମୀଙ୍କ ସହ ପଞ୍ଚାୟତ ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ବିଧାୟକଙ୍କ ପ୍ରତିନିଧି ସେଖ୍ ସାହାଜାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପଦଯାତ୍ରାରେ ଜିଲା ପରିଷଦ ସଭ୍ୟା ମଧୁସ୍ମିତା ସେଠୀ, ଲଳିତେନ୍ଦୁ ସେନାପତି, କେଶବ ଜେନା, ସରପଞ୍ଚ ସସ୍ମିତା ପରିଡାଙ୍କ ସମେତ ଶତାଧିକ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ। ପଞ୍ଚାୟତର କୋଚିଲାନୁଆଗାଁ ଠାରେ ପଦଯାତ୍ରା ଶେଷ ହୋଇଥିଲା।

## ସମବାୟ ସମିତିର ବାର୍ଷିକ ସଭା ପ୍ରସ୍ତୁତି

**ବାଙ୍କୀ,୨୭।୧୧(ସ୍ୱ.ପ୍ର.)**

ବାଙ୍କୀ କ୍ରେଡିଟ୍ ସମବାୟ ସମିତିର ୧୬ତମ ବାର୍ଷିକ ସାଧାରଣ ସଭା ଆସନ୍ତା ଡିସେମ୍ବର ୨ରେ ବାଙ୍କୀ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ବ୍ୟାଙ୍କ ସଭାପତି ଦେବରାଜ ରଣାଙ୍କ ଅଧକ୍ଷତାରେ ବିଦ୍ୟାରତ୍ନ ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ସଭାରେ ୨୦୧୭-୧୮ ଆର୍ଥିକ ବର୍ଷର ବିବରଣୀ ଓ ସମୀକ୍ଷା ଉପସ୍ଥାପନ କରାଯିବା ସହିତ ସମୀକ୍ଷକ ମନୋନୟନ କରାଯିବ। ୨୦୧୯-୨୦ଆର୍ଥିକ ବର୍ଷ ପାଇଁ ଆୟବ୍ୟୟ ଅଟକଳ ଉପସ୍ଥାପନ କରାଯିବ। ପରିଚାଳନା ପରିଷଦ ଦ୍ୱାରା ବ୍ୟବସାୟିକ ନିୟମାବଳୀରେ କରାଯାଇଥିବା ସଂଶୋଧନ ଉପରେ ମଧ୍ୟ ଆଲୋଚନା କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ସମିତି ମୁଖ୍ୟ ନିର୍ବାହୀ କୃତ୍ତିବାସ ପଣ୍ଡା, ସଭ୍ୟ ଶରତ ଚନ୍ଦ୍ର ବାରିକ ଓ ସମରେନ୍ଦ୍ର ମହାପାତ୍ରଙ୍କ ସମେତ ସମସ୍ତ ପରିଚାଳନା କମିଟି ସଭ୍ୟ ଏବଂ କର୍ମଚାରୀ ଯୋଗ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ସମିତି କର୍ମକର୍ତ୍ତା।

- ଜଣେ ଆର୍‌ଆଇଙ୍କୁ ନେଇ ଚାଲିଛି ଛପଡ଼ା ରାଜସ୍ୱ ସର୍କଲ

# ଅଧିକାରୀ ତଦନ୍ତରେ ଗଲେ ଅଫିସରେ ତାଲା

**ରଘୁନାଥପୁର, ୨୭।୧୧( ଡି.ଏନ.ଏ.)**

- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ
- ଆର୍ଥିକ ବର୍ଷରେ ଟାର୍ଗେଟ ପୂରଣ ନେଇ ଉଠୁଛି ପ୍ରଶ୍ନ

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଲୋକଙ୍କ ରାଜସ୍ୱ ଜନିତ ସମସ୍ୟାର ସମାଧାନ ତଥା ଖଜଣା ଜଳକର ଆଦାୟ ପାଇଁ ପ୍ରତି ତହସିଲ ଅଧୀନରେ ଆରଆଇ ସର୍କଲ ଖୋଲାଯାଇଛି। କେତେଗୋଟି ସର୍କଲରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବରୁ ସାଧାରଣ ଜନତା କାମ ହୋଇପାରୁନାହିଁ। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ତହସିଲ ଅନ୍ତର୍ଗତ ସବୁଠାରୁ ବଡ ଛପଡା ଆରଆଇ ସର୍କଲ କ୍ଷେତ୍ରରେ। ଯେଉଁଠି କି ଏକମାତ୍ର ଆରଆଇଙ୍କୁ ନେଇ ଚାଲିଛି ଅଫିସ କାର୍ଯ୍ୟ। ଅନେକ ସମୟରେ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଦ୍ଧାଣୀ କୌଣସି ତଦନ୍ତରେ ହେଉ ଅବା ତହସିଲକୁ ଯାଉଥିବା ସମୟରେ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କ ଅଭିଯୋଗ ସମ୍ପର୍କରେ ଛପଡା ଆରଆଇ ବିଦ୍ଧାଣୀଙ୍କୁ ପଚାରିବାରେ ପ୍ରକୃତ ସମସ୍ୟା ଜଣାପଡିଥିଲା। ସର୍କଲରେ ଆରଆଇ, ଏଆରଆଇ, ଅମିନ, ପ୍ରୋସେସ୍ ସର୍ଭର, ଚେନ୍‌ମ୍ୟାନ ଓ ପିଅନଙ୍କୁ ନେଇ କାର୍ଯ୍ୟ ଚାଲେ। ତେବେ ଏହି ସର୍କଲରେ ଆରଆଇଙ୍କୁ ଛାଡି ଦେଲେ ସମସ୍ତ ପଦବୀ ଖାଲି ପଡିଛି। ତହସିଲ ପକ୍ଷରୁ ଜଣେ ପିଅନଙ୍କୁ ତିନିଦିନିଆ ଡେପୁଟେଶନରେ ପଠାଯାଉଛି। ତେବେ ଯେଉଁ ତିନିଦିନ ସେ ଆସୁନାହାନ୍ତି, ଅଫିସରରେ ଜରୁରୀ କାର୍ଯ୍ୟ ପଡିଲେ ବାଧ୍ୟ ହୋଇ ବନ୍ଦ କରି ଯିବାକୁ ପଡୁଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଏହି ସର୍କଲଟି ୩ ଗୋଟି ପଞ୍ଚାୟତର ୧୩ ଗୋଟି ରାଜସ୍ୱ ଗାଁକୁ ନେଇ କାର୍ଯ୍ୟ କରୁଛି। ସର୍କଲରେ ବିଭିନ୍ନ ପ୍ରକାର କାର୍ଯ୍ୟ ରହିଛି। ଏହାଛଡା ଚଳିତ ଆର୍ଥିକ ବର୍ଷରେ ସର୍କଲକୁ ପାଖାପାଖି ୨୫ ଲକ୍ଷ ୨୯ ହଜାର ଟଙ୍କା ରାଜସ୍ୱ ଆଦାୟ ପାଇଁ ଟାର୍ଗେଟ ରହିଛି। ଅତିକମ୍‌ରେ ଦୁଇଜଣ କର୍ମଚାରୀଙ୍କୁ ଏହି ସର୍କଲରେ ନିଯୁକ୍ତି ଦିଆ ନ ଯାଏ ତାହା ହେଲେ ଟାର୍ଗେଟ ପୂରଣ କରିବା ଅସମ୍ଭବ ହୋଇପଡିବ। ଗୋଟେ ପଟେ ସରକାର ରାଜସ୍ୱ କ୍ଷତି ସହିବାକୁ ଯାଉଥିବା ବେଳେ ଅନ୍ୟପକ୍ଷେ ଯେଉଁ ଉଦ୍ଦେଶ୍ୟ ନେଇ ଗ୍ରାମାଞ୍ଚଳରେ ରାଜସ୍ୱ ସର୍କଲ ଖୋଲାଯାଇ ଲୋକମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଥିଲା, ତାହା ବାସ୍ତବତାଠାରୁ ଦୂରରେ ରହିଯିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଦେବାଶିଷ ପାତ୍ରଙ୍କୁ ପଚାରିବାରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଏହାର ସାମାଧାନ ହୋଇଯିବ ବୋଲି ସେ କହିଛନ୍ତି।



ଯଦି କୌଣସି ସ୍ତ୍ରୀ ଲୋକ ବୃଦ୍ଧା ହୋଇଥାନ୍ତି ତାଙ୍କୁ ମାତୃଜ୍ଞାନ କର, ଯଦି ସେ ଯୁବତୀ ହୋଇଥାନ୍ତି, ତାଙ୍କୁ ନିଜର ଭଉଣୀ ଜ୍ଞାନ କର, ଆଉ ଯଦି ସେ ବାଳିକା ହୋଇଥାନ୍ତି ତାହା ହେଲେ କନ୍ୟା ବୋଲି ବିବେଚନା କର।

–ଗୌତମ ବୁଦ୍ଧ



## ସଂକ୍ଷେପରେ

### ବୋମାମାଡ଼ ଘଟଣାରେ ଜଣେ ଗିରଫ

**ପୁରୀ ଅଫିସ,୨୭।୧୧ :** ଗୁଣ୍ଡିଚା ମନ୍ଦିର ନିକଟରେ ୩ଟି ଦୋକାନ ଉପରକୁ ବୋମାମାଡ ଘଟଣାରେ କୁମ୍ଭାରପଡା ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦନପୁର ଅଞ୍ଚଳର ରାକେଶ ପ୍ରଧାନ(୩୦)। ସୋମବାର ରାତିରେ ଦାଦାବଟିକୁ କେନ୍ଦ୍ରକରି ରାକେଶ ଗୁଣ୍ଡିଚା ମନ୍ଦିର ଦଶାବତାର ମଠ ନିକଟରେ ଥିବା ୩ଟି ଦୋକାନ ଉପରକୁ ୩ଟି ବୋମାମାଡ କରି ଫେରାର ହୋଇଯାଇଥିଲେ। ଜନୈକ ଦୋକାନୀ ଶ୍ରୀଧର ସାହୁ ଏନେଇ ଥାନାରେ ଅଭିଯୋଗ କରିଥିଲେ।

### ପ୍ରଦୀପ ବାଲୁଙ୍କେଶ୍ୱର ମନ୍ଦିରର ନିର୍ବାହୀ ଅଧିକାରୀ

**ପୁରୀ ଅଫିସ, ୨୭।୧୧:** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବରାଳ ଗ୍ରାମରେ ଥିବା ବରାଳ ବାଲୁଙ୍କେଶ୍ୱର ଦେବଙ୍କ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଚାରିଘରିଆ ସେବାୟତ ପ୍ରଦୀପ କୁମାର ମହାପାତ୍ରଙ୍କୁ ସହକାରୀ ଦେବୋତ୍ତର କମିଶନର ଆଶିଷ ପଟ୍ଟନାୟକ ନିଯୁକ୍ତ କରିଛନ୍ତି। ଏନେଇ ଗତ ୨୩ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୧୬ ଜୁଲାଇ ମାସଠାରୁ କାର୍ଯ୍ୟନିର୍ବାହୀ ପଦବୀ ଖାଲି ପଡିଥିଲା। ଏହି ଶୈବପୀଠ ଦେବୋତ୍ତର ବିଭାଗ ଅଧୀନରେ ରହିଛି।

### ଜଳବାୟୁ ପରିବର୍ତ୍ତନ, ସାମୁଦ୍ରିକ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ

**କୋଣାର୍କ,୨୭।୧୧(ଡି.ଏନ୍.ଏ.):** ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱରେ ଉତ୍କଟ ରୂପ ନେବାକୁ ଯାଉଛି ଗ୍ଲୋବାଲ ୱାର୍ମିଙ୍ଗ୍ ଓ ବର୍ଜ୍ୟବସ୍ତୁର ସପୁରିଚାଳନା। ଜର୍ମାନ କୋ-ଅପରେଶନ ଓ ଗିଜର ଆର୍ଥିକ ସହାୟତାରେ ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର ଏନଭାଇରନମେଣ୍ଟ ଏଜୁକେଶନ ଏବଂ ଗାନ୍ଧୀଆନା ସୋସାଇଟିର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ସଙ୍ଗଠନ ଏଜିଏସ୍ ଓ ଆଇଆଇୱାଇଡି ପକ୍ଷରୁ ଚନ୍ଦ୍ରଭାଗାଠାରୁ ବେଲେଶ୍ୱର ପର୍ଯ୍ୟନ୍ତ ସମୁଦ୍ର ବେଳାଭୂମି ଓ ପାର୍ଶ୍ୱବର୍ତ୍ତୀ ୧୦ଟି ଗ୍ରାମରେ ଜଳବାୟୁ ପରିବର୍ତ୍ତନ ଓ ସାମୁଦ୍ରିକ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ୧୦ହଜାର ଗ୍ରାମବାସୀଙ୍କୁ ସାମିଲ କରାଯାଇ ଜଳବାୟୁ ପରିବର୍ତ୍ତନର କାରଣ ଓ ଏହାର ପ୍ରଭାବ ସମ୍ପର୍କରେ ଅବଗତ କରାଯାଉଛି। ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଉଥିବା ବେଳେ ଜଳବାୟୁ ପରବର୍ତ୍ତୀ ଓ ସାମୁଦ୍ରିକ ବର୍ଜ୍ୟବସ୍ତୁର ପରିଚାଳନା ସମ୍ପର୍କରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

### ସାନଓରା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**କଣାସ,୨୭।୧୧(ସ୍ୱ.ପ୍ର.):** କଣାସ ବ୍ଲକ କାଦୁଆ ପଞ୍ଚାୟତର ସାନଓରା ପ୍ରାଥମିକ ବିଦ୍ୟାଳୟର ୫୯ତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ପ୍ରତାପସିଂହଙ୍କ ସଭାପତିତ୍ୱରେ ଉତ୍ସବକୁ କଣାସ ମଣ୍ଡଳ ସହଶିକ୍ଷାଧିକାରୀ ପ୍ରଫୁଲ୍ଲ ନାୟକ ଉଦ୍ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଦିଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେବାସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ଭାବେ ସିଆରସିସି ରାମଚନ୍ଦ୍ର ସାହୁ, ହେମନ୍ତ ପ୍ରଧାନ, ବନିତା ସାହୁ, ଦମୟନ୍ତୀ ମହାପାତ୍ର, ସଂଗ୍ରାମ ପ୍ରତାପସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ

**କଣାସ,୨୭।୧୧(ଡି.ଏନ୍.ଏ.):** କଣାସ ବ୍ଲକ ଚୌଦମୌଜା ଗଡସାନପୁଟ ଗ୍ରାମର ବିଦ୍ୟୁତ୍ କନିଷ୍ଠ ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟ ଉଦ୍ଘାଟନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଯୁକ୍ତ୨ ପ୍ରଥମ ବର୍ଷର ୧୧୫ଜଣ ଛାତ୍ରୀ ଯୋଗଦେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷିକା ଦୀପିକା ସେନାପତି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।




ପୁରୀ ବେଳାଭୂମିରେ ପୁରୁଷ ହକି ବିଶ୍ୱକପ୍‌ର ଉଦ୍ଘାଟନୀ କାର୍ଯ୍ୟକ୍ରମକୁ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ଅନ୍ୟମାନେ ଦେଖୁଛନ୍ତି।




ଉତ୍କଳ ବଚପନ ସ୍କୁଲର ଛାତ୍ରୀଛାତ୍ର ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଉଛନ୍ତି।




ବିଶ୍ୱକପ୍ ହକିର ସଫଳତା ପାଇଁ ସିଂହଦ୍ୱାର ନିକଟରେ ବିଜେଡିର ସମୂହ ଦୀପଦାନ।

■ ପୁରୁଷ ହକି ବିଶ୍ୱକପର ଉଦ୍ଘାଟନୀ କାର୍ଯ୍ୟକ୍ରମ

# ବେଳାଭୂମିରେ ଦେଖିଲେ ସିଧା ପ୍ରସାରଣ

**ପୁରୀ ଅଫିସ,୨୭।୧୧**

ରଙ୍ଗାରଙ୍ଗ ପରିବେଶରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାର ଉଦ୍ଘାଟିତ ହୋଇଛି ପୁରୁଷ ହକି ବିଶ୍ୱକପ। ଏହାର ସିଧା ପ୍ରସାରଣ ଦେଖିବା ପାଇଁ ପୁରୀରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭିକ୍ଟୋରିଆ କ୍ଲବ ହୋଟେଲ ସମ୍ମୁଖ ବେଳାଭୂମିରେ ଲାଗିଛି ଏଲ୍ଇଡି ସ୍କ୍ରିନ। ମଙ୍ଗଳବାର ଉଦ୍ଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଛନ୍ତି ପୁରୀ ସହରବାସୀ ଓ ପର୍ଯ୍ୟଟକ। ଶୀତୁଆ ସନ୍ଧ୍ୟାରେ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମକୁ ଶେଷ ପର୍ଯ୍ୟନ୍ତ ବସି ଉପଭୋଗ କରିଛନ୍ତି ବହୁ ଦେଖଣାହାରୀ। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ଦେଖିବା ସହ ହକି ବିଶ୍ୱକପର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଓଡ଼ିଶାରେ ଆୟୋଜିତ ହେଉଥିବା ହକି ବିଶ୍ୱକପର ପ୍ରଚାର ପ୍ରସାର ଅଧିକ କରିବାକୁ କହିଥିଲେ। ଡିସେମ୍ବର ୧୬ ପର୍ଯ୍ୟନ୍ତ ବିଶ୍ୱକପର ସବୁ ମ୍ୟାଚ୍‌ର ସିଧା ପ୍ରସାରଣ ଏଠାରେ ସର୍ବସାଧାରଣ ଦେଖିପାରିବେ। ଦେଖଣାହାରୀଙ୍କ ପାଇଁ ସେଲ୍‌ଫି ପଏଣ୍ଟ, ଫୁଡ୍ ଷ୍ଟଲ ଓ ପିଲାମାନଙ୍କ ଖେଳିବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବିଭିନ୍ନ ଅଧିକାରୀ ଏବଂ ଜନସାଧାରଣ ହକି ବିଶ୍ୱକପର ଉଦ୍ଘାଟନୀ କାର୍ଯ୍ୟକ୍ରମ ଦେଖିଥିଲେ।

### ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇଲେ ଛାତ୍ରୀଛାତ୍ର

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି ପୁରୁଷ ହକି ବିଶ୍ୱକପ। ଏନେଇ ବିଭିନ୍ନ ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ପୁରୀର ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କ୍ରୀଡାପ୍ରେମୀ, କ୍ରୀଡାବିତ୍ ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଉତ୍କଳ ବଚପନ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମିଶ୍ର, ଶିକ୍ଷୟିତ୍ରୀ ରୀନା ରାୟ, ସହେଲୀ ଘୋଷ, ପ୍ରିୟଙ୍କା ଶୁକ୍ଳା, ସରସ୍ୱତୀ ବେହେରା, ଜୟଶ୍ରୀ ଦାସଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ସେହିପରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସିଂହଦ୍ୱାର ଆଗରେ ଭାରତୀୟ ଦଳର ବିଜୟ କାମନା କରି ସମୂହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ପୂର୍ବତନ ଉପନଗରପାଳ ଶାନ୍ତିଲତା ପ୍ରଧାନ, ସବ୍ୟସାଚୀ ମହାପାତ୍ର, ଭକ୍ତଚରଣ ଦାଶ, ଛାତ୍ର ଜନତା ଦଳ ଜିଲା ସଭାପତି ନାରାୟଣ ସିଂ, ପ୍ରୀତମ ଜଗଦ୍ଦେବ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡା ସଂଗଠକ ସବ୍ୟସାଚୀ ରଥ, ସନ୍ତୋଷ ଶେଖର ମହାନ୍ତି, ରାଜେନ୍ଦ୍ର ଦାସ, ସତ୍ୟକାମ ସାହୁ, ତନ୍ମୟ ଚାଟାର୍ଜୀ, ଚନ୍ଦ୍ରଶେଖର ମିଶ୍ର ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

■ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରଥ ଉଦ୍ଘାଟିତ

## ଆଜିଠୁ ୧୧ବ୍ଲକରେ ଲୋକଙ୍କୁ କରିବ ସଚେତନ

**ପୁରୀ ଅଫିସ,୨୭।୧୧**

ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଜନସାଧାରଣଙ୍କୁ ଏହି ଯୋଜନା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରଥ ପୁରୀ ଜିଲା ପରିକ୍ରମା କରିବ। ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଡିଏମଓ ଭାସ୍କର ସାମନ୍ତରାୟ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ବୁଧବାରଠାରୁ ୩ମାସ ଧରି ପୁରୀ ପୌରାଞ୍ଚଳ ସମେତ ଜିଲାର ୧୧ଟି ବ୍ଲକର ୨୬୮ଟି ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ସଚେତନ କରିବ। ଏହି ଅବସରରେ ସିଡିଏମଓ ସାମନ୍ତରାୟ କହିଲେ, ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପରିବାର ପିଛା ବାର୍ଷିକ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ମହିଳାଙ୍କ ସକାଶେ ୭ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବସ୍ଥା କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ କରି ସମସ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ଏହି ରଥ ଉଦ୍ଘାଟନ ସମୟରେ ଜିଲା ପ୍ରୋଜେକ୍ଟ ମ୍ୟାନେଜର ଟି. ଏନ. ରାଓ, କେ.କେ. ନାଥ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।




ପୁରୀ ସୁନ୍ଦରାକାଣ୍ଡ ଭବନ ପରିସରରେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ ସାଧୁସନ୍ଥମାନେ ଶ୍ରୀକ୍ଷେତ୍ର ମହାତ୍ମ୍ୟ ସମ୍ପର୍କରେ ଆଲୋଚନା କରୁଛନ୍ତି।

■ ଆଜି ଶ୍ରୀକ୍ଷେତ୍ର ପରିକ୍ରମା

## ଭାଗବତ ପରିବାରର ଆଧ୍ୟାତ୍ମିକ ସଭା

**ପୁରୀ ଅଫିସ,୨୭।୧୧**

ମାର୍ଗଶିର ମାସ ପଞ୍ଚମୀ ତିଥି ଅର୍ଥାତ୍ ବୁଧବାର ପୁରୀରେ ଅନୁଷ୍ଠିତ ହେବ ଶ୍ରୀକ୍ଷେତ୍ର ପରିକ୍ରମା। ଏହି ଅବସରରେ ମଙ୍ଗଳବାର ଶ୍ରୀମଦ୍ ଭାଗବତ ପରିବାର ପକ୍ଷରୁ ଗୋପାଳବଲ୍ଲଭ ମାର୍ଗସ୍ଥିତ ସୁନ୍ଦରାକାଣ୍ଡ ପରିସରରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଯାଇଛି। ମହନ୍ତ ଡ. ରାମଚରଣ ଦାସ ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଭାଗବତାଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜ, ମହନ୍ତ ଉମାଶଙ୍କର ଦାସ ମହାରାଜ, ମହନ୍ତ କୃପାରାମ ଦାସ ମହାରାଜ, ମହନ୍ତ ଅଭିରାମ ଦାସମହାରାଜ, ଗୋବିନ୍ଦ ଗୋଧାମ ଗୋଶାଳା ମୁଖ୍ୟ ବିଷ୍ଣୁ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରୀକ୍ଷେତ୍ର ପରିକ୍ରମାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ଧର୍ମଗ୍ରନ୍ଥ ଓ ଶାସ୍ତ୍ରରେ ଶ୍ରୀକ୍ଷେତ୍ର ପରିକ୍ରମା ସମ୍ପର୍କରେ ବର୍ଣ୍ଣନା ରହିଛି। ବିଶେଷତଃ ୫୩୦ ବର୍ଷ ତଳେ ଶ୍ରୀଚୈତନ୍ୟଙ୍କ ଉତ୍କଳ ଆଗମନ ପରେ ଶ୍ରୀକ୍ଷେତ୍ର ପରିକ୍ରମାର ମହତ୍ତ୍ୱ ବିକଶିତ ହୋଇଥିଲା ବୋଲି ସନ୍ଥମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଭାଗବତାଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜ ଶ୍ରୀକ୍ଷେତ୍ର ମହାତ୍ମ୍ୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ ଦେଇଥିଲେ। ଶେଷରେ ଓଡ଼ିଶାର ସନ୍ଥ ସମାଜ ତରଫରୁ ଶ୍ରୀକ୍ଷେତ୍ର ପରିକ୍ରମା ମାର୍ଗର ଉନ୍ନତିକରଣ ପାଇଁ ଜିଲା ପ୍ରଶାସନକୁ ନିବେଦନ କରାଯାଇଥିଲା। ସମଗ୍ର ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶତାଧିକ ଭକ୍ତ ଚଳିତବର୍ଷ ଶ୍ରୀକ୍ଷେତ୍ର ପରିକ୍ରମାରେ ଅଂଶଗ୍ରହଣ ପାଇଁ ପୁରୀରେ ପହଞ୍ଚିଛନ୍ତି।

## ଧାନରେ ପୋକ, ଚାଷୀ ଆତଙ୍କିତ

**ବଳଙ୍ଗା,୨୭।୧୧(ଡି.ଏନ୍.ଏ.)**

ବର୍ତ୍ତମାନ ଧାନ ପାଚିବାକୁ ଥିବାବେଳେ ଧାନରେ ଦେଖାଦେଇଛି ମାଟିଆ ଗୁଣ୍ଡି ଓ ଜଉ ପୋକର ପ୍ରାଦୁର୍ଭାବ। ବିଶେଷ କରି ପୂଜା ଓ ହାଇବ୍ରିଡ ଆଦି ଧାନର ମୂଳ ନରମ ଥିବାରୁ ଧାନରେ ଏହି ରୋଗ ଦେଖାଯାଉଛି। ଧାନ ଗଛ ମୂଳ ସଢି ଯାଉଥିବାବେଳେ ଗଛ ଶୁଖି ତଳେ ପଡିଯାଉଛି। କେଣ୍ଡାରେ ଅଳ୍ପ କିଛି ଧାନକୁ ବାଦ୍ ଦେଲେ ଅଧିକାଂଶ ଅଗାଡି ହୋଇଯାଇଛି। ଏସବୁ ପୋକ ଧାନ ଗଛ ମୂଳଠାରୁ ଅଳ୍ପ ଉଚ୍ଚରେ ରହୁଛନ୍ତି। ଏମାନଙ୍କୁ ଦମନ କରିବା ପାଇଁ ଗଛ ମୂଳରେ ଔଷଧ ପ୍ରୟୋଗ କରିବାକୁ ପଡୁଛି। ପୋକ ଲାଗିବାର ଦୁଇ–ତିନି ଦିନ ମଧ୍ୟରେ ଗଛ ମରିଯାଉଛି। ପରାମର୍ଶ ଦେବା ପାଇଁ କୃଷି ଅଧିକାରୀ ନ ଥିବାରୁ ଚାଷୀ ବାଧ ହୋଇ କୀଟନାଶକ ବ୍ୟବସାୟୀଙ୍କ ପରାମର୍ଶ ଅନୁଯାୟୀ ଔଷଧ ପକାଉଛନ୍ତି। ଗଡଚାନ୍ଦପୁର, ନୂଆସନ୍ଥ, ବୁଢାକେରା, ବଳଙ୍ଗା, ଉଚ୍ଛୁପୁର, ନରୁଡା, ପାର୍ବତୀପୁର, ଜୋପନ, ଅଲାଲପୁର, ମହୁରା, ବଳରାମପୁରଗଡ, ବଡନିନିଗାଁ ଆଦି ଅଞ୍ଚଳରେ ଏହି ରୋଗ ଦେଖାଦେଇଛି। ପୁରୀ ଜିଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ‘ସାଂସ୍କୃତିକ ମହୋତ୍ସବ କଳା ବିକାଶର ଏକ ମାଧ୍ୟମ’

**ପୁରୀ ଅଫିସ,୨୭।୧୧**

ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଏହା ଅନ୍ୟ ରାଜ୍ୟ ତଥା ଦେଶ ସହିତ ସୁସମ୍ପର୍କ ସ୍ଥାପନ କରିବାରେ ସହାୟକ ହୋଇଥାଏ। ସାଂସ୍କୃତିକ ମହୋତ୍ସବ ଯୁବ ପ୍ରତିଭାମାନଙ୍କ କଳା ବିକାଶର ଏକ ମାଧ୍ୟମ ବୋଲି ସୋମବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବାବା ଆଖଣ୍ଡଳମଣି କଲଚରାଲ ଆସୋସିଏଶନର ପ୍ରଥମ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ଯୋଗାଚାର୍ଯ୍ୟ ରମାକାନ୍ତ କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅଧ୍ୟାପକ ବଳରାମ ଦାସ, ସାମାଜିକ କର୍ମୀ ଅରୁଣିମା ନନ୍ଦ, ରାମଚନ୍ଦ୍ର ଦାଶ, ସୁପ୍ରିୟା ପାତ୍ର, ମହମ୍ମଦ ୱାଜିରୁଲ୍ଲା, କାହ୍ନୁଚରଣ ପାଲଟାସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜଗନ୍ନାଥ ସାହୁଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ ରମେଶ ଚନ୍ଦ୍ର ସାହୁ, ଗୁରୁ ରମେଶ ଚନ୍ଦ୍ର ମହାରଣା, ଗଣେଶ୍ୱର ପ୍ରହରାଜ, ଦୀପକ ନାୟକ, ପ୍ରତୀମା ଦାଶ, ମଧୁସ୍ମିତା ଆଢ୍ୟ, ମୀରା ମହାନ୍ତି ପ୍ରମୁଖ ଭକ୍ତି ସଙ୍ଗୀତ ଗାନ କରିଥିଲେ। ନୃତ୍ୟଗୁରୁ ଶ୍ରୀକାନ୍ତ କୁମାର ମିଶ୍ରଙ୍କ ନିର୍ଦ୍ଦେଶନାରେ ଶିଶୁ ନୃତ୍ୟଶିଳ୍ପୀମାନେ ଚିତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

■ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ବୈଠକ

## ‘ପେନସନ୍ ପ୍ରଦାନରେ ପ୍ରାଥମିକ ଶିକ୍ଷକଙ୍କୁ ଅବହେଳା କରାଯାଉଛି’

**ପୁରୀ ଅଫିସ, ୨୭।୧୧**

ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ଅବକାଶ ଲେନ୍‌ସ୍ଥିତ ଭୁବନେଶ୍ୱରୀଙ୍କ ମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଲକ୍ଷ୍ମୀଧର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ବିଶ୍ୱନାଥ ବେହେରା କହିଲେ ଯେ, ଶିକ୍ଷକ ହେଉଛନ୍ତି ସମାଜର ପଥ ପ୍ରଦର୍ଶକ। ଅଥଚ ସେହି ଶିକ୍ଷକ ଅବସର ନେବା ପରେ ସେମାନଙ୍କୁ ଅବହେଳା କରାଯାଉଛି। ବର୍ଷ ବର୍ଷ ଧରି ଶିକ୍ଷକମାନେ ପେନସନ୍ ଲାଗି ସରକାରୀ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ଏନେଇ ଜିଲା ଶିକ୍ଷାଧିକାରୀ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ବେହେରା କହିଛନ୍ତି। ଅବସରପ୍ରାପ୍ତ ଶିକ୍ଷକଙ୍କୁ ଚିକିତ୍ସା ଭତ୍ତା, ସର୍ବନିମ୍ନ ପେନସନ ୯ହଜାର ଟଙ୍କା ପ୍ରଦାନ ଲାଗି ସଂଘ ଦାବି କରିଛି। ସଂଘରେ ନୂତନ ଭାବେ ଯୋଗଦାନ କରିଥିବା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

## ବିଜ୍ଞାନମେଳାରେ ୨୧୪ ପ୍ରକଳ୍ପ

**ଗୋପ,୨୭।୧୧(ଡି.ଏନ୍.ଏ.)**

ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ ମଣ୍ଡଳସ୍ତରୀୟ ବିଜ୍ଞାନମେଳାରେ ୨୧୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ଏଥିରୁ ୧୮ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ନିହାତି ଆବଶ୍ୟକ ଥାଏ ବୋଲି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ। ଗୋପ ମଣ୍ଡଳ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରଫେସର ଆର୍.ଏନ୍. ପଣ୍ଡା, ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରଦ୍ଧାରଞ୍ଜନ ରାୟ, ଗୋପ ଉପନିବନ୍ଧକ ପ୍ରଭାତ ତରାଇ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋପ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ମୁଖ୍ୟବକ୍ତାଭାବେ ସେବା ନିବୃତ୍ତ ଶିକ୍ଷା ଉପନିର୍ଦ୍ଦେଶକ ସଂଗ୍ରାମ କେଶରୀ ପାଟ୍ଟଶାଣୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଶିବଦତ୍ତ ନାୟକ, ଅଶୋକ ବେହେରା, ଦୀପକ ସେନାପତି, ପ୍ରଶାନ୍ତ ପାଇକରାୟ, ମକ୍‌ସୁଦ୍ ହୁସେନ୍, ସତ୍ୟନାରାୟଣ ସାହୁ, ଶିକ୍ଷୟିତ୍ରୀ ପ୍ରଭାସିନୀ ମିଶ୍ର, ରାଜକିଶୋର ଜେନା, ଜମ୍ବେଶ୍ୱର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।



ବିଧାୟକ ସମୀର ରଞ୍ଜନ ଦାଶ ବିଜ୍ଞାନ ମେଳାରେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା

**ସାକ୍ଷୀଗୋପାଳ,୨୭।୧୧,(ଡି.ଏନ୍.ଏ.)**

ଦେଶପ୍ରେମ ଓ ରାଷ୍ଟ୍ର ଗଠନ ସମ୍ପର୍କିତ ସତ୍ୟବାଦୀ ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର. ରାଜେନ୍ଦ୍ର ଚକ୍ର ଯୋଗଦେଇ ‘ଏକ ଭାରତ ଶ୍ରେଷ୍ଠ ଭାରତ’ ବାର୍ତ୍ତାରେ ମନ୍ତ୍ରମୁଗ୍ଧ ହୋଇଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରୁ ଅଭିଷେକ ବେହେରା ପ୍ରଥମ, ରଶ୍ମିରଞ୍ଜନ ବିଶ୍ୱାଳ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଆଶୁତୋଷ ମହାପାତ୍ର ପୁରୀ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ୧୮ରୁ ୩୫ ବର୍ଷର ଛାତ୍ରୀଛାତ୍ରମାନେ କେବଳ ହିନ୍ଦୀ ଓ ଇଂଲିଶ ଭାଷାରେ ବକ୍ତୃତା ପ୍ରଦାନ କରିଥିଲେ। ବିଚାରକ ମଣ୍ଡଳୀ ଭାବେ ଅଧ୍ୟାପକ ରତିକାନ୍ତ ପରିଡା, ମନୋଜ ପରିଡା, ନିହାର ରଞ୍ଜନ ଦାସ, ବାସନ୍ତୀ ଦେବୀ ଓ କଲେଜ ବରିଷ୍ଠ କିରାଣି ରାଜକିଶୋର ପତି ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସୁରେଶ ସାହୁ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ରୁବିନା ସାହୁ ଓ ସୁଶ୍ରୀ ଶୁଭସ୍ମିତା ପରିଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଳା ଓ ସଂସ୍କୃତି ସମ୍ପର୍କକୁ ଯୋଡ଼େ




ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶ୍ରୀଜଗନ୍ନାଥ ସାଂସ୍କୃତିକ ପରିଷଦ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ପୁରୀ ଅଫିସ,୨୭।୧୧**

■ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଜମିଲା ନୃତ୍ୟର ଆସର

■ ୬ ପ୍ରତିଭା ସମ୍ବର୍ଦ୍ଧିତ

ଶ୍ରୀକ୍ଷେତ୍ରର କଳା ଓ ସଂସ୍କୃତି ହେଉଛି ଅନନ୍ୟ। କଳା ଓ ସଂସ୍କୃତି ସମ୍ପର୍କକୁ ଯୋଡିଥାଏ ବୋଲି ମଙ୍ଗଳବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶ୍ରୀଜଗନ୍ନାଥ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ରଙ୍ଗୋଲି–୨୦୧୮ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ପୂର୍ବତନ ପ୍ରଶାସକ ବିନୋଦ କୁମାର ପଣ୍ଡା କହିଛନ୍ତି। ସଂସଦର ସଭାପତି ଭରତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ବାର୍ ଆସୋସିଏଶନର ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ଯୁବନେତା କୃଷ୍ଣଚନ୍ଦ୍ର ରାୟ, ସ୍ମୃତିରଞ୍ଜନ ପତି, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ଅନିରୁଦ୍ଧ ରାଉତ, ପୀତବାସ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ମନ୍ଦାକିନୀ ମହାପାତ୍ର, ଗୋପୀନାଥ ସାହୁ, ବଳରାମ ମହାନ୍ତି, ବିଶ୍ୱନାଥ ମିଶ୍ର, ବିମଳେନ୍ଦୁ ଦାସ, ନିତୁ ପ୍ରିୟଦର୍ଶିନୀ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ମଞ୍ଚ ଓ ଉପସଭାପତି ନବ କିଶୋର ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ନବପ୍ରତିଭା ନୃତ୍ୟ ଅନୁଷ୍ଠାନ ଓ ଆରତି ଡ୍ୟାନ୍ସ ଗ୍ରୁପ୍ ଏବଂ କୁନି କୁନି ପିଲାମାନେ ଭଜନ ଓ ନୃତ୍ୟ ପରିବେଷଣ କରିଥିଲେ।